ବର୍ଷ-୨୫, ସଂଖ୍ୟା-୨୦୭
ଭୁବନେଶ୍ୱର
୦୩, ଅଗଷ୍ଟ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 207
Bhubaneswar
03, August, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


# ଏମ୍ସରେ ବଳଙ୍ଗା ପୀଡିତାଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨।୮ (ଏଜେନ୍ସି):** ଚିକିତ୍ସାଧୀନ ଅବସ୍ଥାରେ ଦିଲ୍ଲୀ ଏମ୍ସରେ ଆଜି ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ହୋଇଯାଇଛି। ଅବସ୍ଥା ଗୁରୁତର ଥିବାରୁ ଗତ ଜୁଲାଇ ୨୦ ତାରିଖରେ ତାଙ୍କୁ ଭୁବନେଶ୍ୱରରୁ ଦିଲ୍ଲୀକୁ ଏୟାର ଲିଫ୍ଟ କରାଯାଇଥିଲା। ଭୁବନେଶ୍ୱରର ଏମ୍ସରୁ ତାଙ୍କୁ ଦିଲ୍ଲୀ ଏମ୍ସକୁ ନିଆଯାଇଥିଲା। ଆସନ୍ତାକାଲି ଦିଲ୍ଲୀ ଏମ୍ସରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯିବ। ଶବ ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହକୁ ଓଡ଼ିଶା ଅଣାଯିବ ବୋଲି ସୂଚନା ମିଳିଛି।

ପୀଡିତାଙ୍କ ପିତା ଦିଲ୍ଲୀ ଏମ୍ସରେ ଗଣମାଧ୍ୟମ ଆଗରେ ସ୍ପଷ୍ଟ କରି କହିଛନ୍ତି ଯେ, ମୋ ଝିଅ ଆଉ ମୋ ପାଖରେ ନାହିଁ। ତା'ର ମୃତ୍ୟୁକୁ ନେଇ ରାଜନୀତି କରାନଯାଉ। ତା'ର ଆତ୍ମା କିପରି ଶାନ୍ତି ପାଇବ ସେଥିପାଇଁ ସମସ୍ତେ ପ୍ରାର୍ଥନା କରନ୍ତୁ। ମୋ ଝିଅ ବହୁ ମାନସିକ ଚିନ୍ତାରେ ରହି ସେ ତା'ର ନିଜ ଜୀବନ ନେଇଛି ବୋଲି ପୀଡିତାର ବାପା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ସରକାର ଯାହା ସବୁ କରିବା କଥା କରିଛନ୍ତି।

ପୀଡିତାଙ୍କ ମୃତ୍ୟୁ ପରେ ତାଙ୍କ ଗାଁରେ ପୋଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୀଡିତାଙ୍କ ଘରେ ଏବେ ତାଲା ଝୁଲୁଥିବା ବେଳେ ଘରଲୋକେ କେହିନାହାଁନ୍ତି।

ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା, ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ବଳଙ୍ଗା ଘଟଣାରେ ପୀଡ଼ିତା ଝିଅଟିର ମୃତ୍ୟୁ ଖବର ଶୁଣି ମୁଁ ଗଭୀର ଭାବେ ମର୍ମାହତ। ସରକାରଙ୍କ ସମସ୍ତ ପ୍ରୟାସ ଏବଂ ଏମ୍ସ ଦିଲ୍ଲୀରେ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଅହୋରାତ୍ର ଚେଷ୍ଟା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା କରାଯାଇ ପାରିଲା ନାହିଁ। ମୁଁ ଝିଅଟିର ଅମର ଆତ୍ମାର ସଦଗତି କାମନା କରୁଛି ଏବଂ ଏହି ଅପୂରଣୀୟ କ୍ଷତିକୁ ସହିବା ପାଇଁ ତାଙ୍କ ପରିବାରକୁ ଶକ୍ତି ମିଳୁ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି।

ଗତ ଜୁଲାଇ ୧୯ ତାରିଖରେ ପୀଡ଼ିତାଙ୍କ ଦେହରେ ନିଆଁ ଲାଗିଥିଲା। ଆଉ ଠିକ୍ ଦୁଇ ସପ୍ତାହ ପରେ ଆଜି ସେ ଆଖି ବୁଜିଛନ୍ତି। ତାଙ୍କ ମୃତ୍ୟୁ ପରେ ଆଜି ଓଡ଼ିଶା ପୁଲିସ ଟୁଇଟ୍ କରି କହିଛି ଯେ, ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ସମସ୍ତଙ୍କୁ ଅନୁରୋଧ, ଦୁଃଖଦ ମୁହୂର୍ତ୍ତରେ ସମ୍ବେଦନଶୀଳ ମନ୍ତବ୍ୟ ନ ଦିଅନ୍ତୁ।



ପୀଡିତାଙ୍କ ମୃତ୍ୟୁ ପରେ ପିସିସି ସଭାପତି ଭକ୍ତ ଦାସ ଏଭଳି ଘଟଣାରେ ଦୋଷୀକୁ କାହିଁକି ଧରାଯାଇନାହିଁ ସେନେଇ ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟମନ୍ତ୍ରୀ କେବଳ ଶୋକ ବାର୍ତ୍ତା ନଦେଇ ବଳଙ୍ଗା ଅପରାଧୀମାନଙ୍କୁ ଧରି ପୀଡ଼ିତାଙ୍କୁ ନ୍ୟାୟ ଦିଅନ୍ତୁ। କଂଗ୍ରେସ ୭ ଦିନ ଭିତରେ ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଆହ୍ୱାନ ଦେଉଛି। ଯଦି ୭ ଦିନ ଭିତରେ ଧରି ପାରିବେ ନାହିଁ ଆମେ ଧରିନେବୁ ପ୍ରଶାସନ ନିଜେ ଅପରାଧୀ। ୭ ଦିନ ପରେ କଂଗ୍ରେସ ପକ୍ଷରୁ ଡିଜିପି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ସଂଜୟ ଦାସ ବର୍ମା ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ନୂଆ ସରକାର ଆସିଲା ପରେ ଓଡ଼ିଶାର ଜନସାଧାରଣଙ୍କୁ ଆଶ୍ୱସ୍ତିଲାଭ କରିଥିଲେ। ବିଜେପି ମଧ୍ୟ ଯେତେବେଳେ ସରକାରକୁ ଆସିଥିଲା, ଲୋକାଭିମୁଖି ଶାସନ ଦେବୁ ବୋଲି ପ୍ରତିଶ୍ରୁତି ଦେଇଥିଲା। ମହିଳାଙ୍କୁ ସୁରକ୍ଷା ଦେଇ ନୂଆ ଉଦାହରଣ ସୃଷ୍ଟି କରିବୁ ବୋଲି କହିଥିଲା। ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନ ମଣ୍ଡଳୀରେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟିଛି। ନିଜ ନିର୍ବାଚନ ମଣ୍ଡଳୀରେ ଯେଉଁ ଅଭାବନୀୟ ଘଟଣା ଘଟିଲା, ସେ ଶୋକ ବାର୍ତ୍ତା ଦେଇଛନ୍ତି ଓ ସେ ଜଣେ ମହିଳା, ସେ ଓଡ଼ିଶାର ଆଇନ ଶୃଙ୍ଖଳାର ଅଧୋଗତି ପାଇଁ ନୈତିକି ଦାୟିତ୍ୱ ନେବେ କି ? ପୁଲିସ ପ୍ରଶାସନକୁ ପୀଡ଼ିତା ୩ଥର ବୟାନ ଦେଇଥଲେ। ଯେଉଁ ୩ ଜଣ ନିଆଁ ଲଗାଇଥିଲେ, ସେମାନେ ପୁଲିସ ହାତକୁ ଆସିଲେ ନାହିଁ। ଏହା ପୁଲିସ ପ୍ରଶାସନର ଚରମ ବିଫଳତାକୁ ଦର୍ଶାଉଛି। ଏଥିସହିତ ପୀଡିତାଙ୍କ ପରିବାରକୁ ୨ କୋଟି ଟଙ୍କାର ସହାୟତା ଦେବାକୁ ସେ ଦାବି କରିଛନ୍ତି।

ସେଦିନ ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତି ଜଣଙ୍କ କହିଥିଲେ, ଝିଅଟି ଜଳୁଥିବା ଅବସ୍ଥାରେ ବଞ୍ଚାଅ ବଞ୍ଚାଅ କହି ମୋ ଘର ଭିତରକୁ ଦୌଡ଼ି ଆସିଥିଲା। ତା' ଦେହରେ ନିଆଁ ଲାଗିଥିବାରୁ ତୁରନ୍ତ ତା' ଉପରେ ପାଣି ଢାଳି ଦେଇଥିଲି। ନିଆଁ ଲିଭାଇ ତାକୁ ପୋଷାକ ପିନ୍ଧାଇଥିଲି। ତା' ଶରୀରର ବିଭିନ୍ନ ସ୍ଥାନ ପୋଡ଼ିଯାଇଛି। କାହାକୁ ବହି ଦେଇ ଫେରୁଥିବା ବେଳେ ୩ଜଣ ଦୁର୍ବୃତ୍ତ ବାଇକରେ ଆସି ତା' ଦେହରେ ନିଆଁ ଲଗାଇ ଦେଇଥିଲେ ବୋଲି ସେ କହିଥିଲା। ଦୁର୍ବୃତ୍ତମାନେ ମୁହଁରେ ମୁଖା ପିନ୍ଧିଥିଲେ ବୋଲି ସେ କହିଥିଲା। ସେମାନଙ୍କୁ ସେ ଚିହ୍ନି ନଥିବା କହିଥିଲା।

ବଳଙ୍ଗା ଥାନାରେ ପୀଡ଼ିତାଙ୍କ ମା' ଏତଲା ଦେଇଥିଲେ। ସେ ସେଥିରେ ଉଲ୍ଲେଖ କରିଥିଲେ ଯେ ଦୁର୍ବୃତ୍ତମାନେ ତାଙ୍କ ଝିଅ ମୁହଁରେ ରୁମାଲ ପକାଇ ଅଚେତ କରି ପୋଡ଼ି ମାରିବାକୁ ଉଦ୍ୟମ କରିଥିଲେ। ଝିଅ ସେମାନଙ୍କ କବଳରୁ ଖସି ଆସି ତେରହଳ ଗାଁକୁ ପଳାଇ ଆସିଥିଲା। ତିନିଜଣ ଦୁର୍ବୃତ୍ତଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଥିଲେ।

ଗୁରୁତର ନାବାଳିକାଙ୍କୁ ସେଦିନ ଭୁବନେଶ୍ୱର ସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶରୀରର ୭୫% ପୋଡ଼ିଯାଇଥିଲା। ତାଙ୍କୁ ଟ୍ରମା କେୟାରରୁ ବର୍ଣ୍ଣ ୟୁନିଟକୁ ସ୍ଥାନାନ୍ତର କରାଯାଇଥିଲା। ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଥିଲେ।

## ଅପରାଧୀଙ୍କୁ ଏନ୍‌କାଉଣ୍ଟର



**ଗୋପାଳପୁର,୨।୮(ମହାଭାରତ):** ଅପରାଧୀ ଧରପଗଡ ସମୟରେ ଗୋଳନ୍ଥରା ପୁଲିସ ଗୁଳିରେ ଗଞ୍ଜାମ ଜିଲ୍ଲାର ମୋଷ୍ଟ ୱାଣ୍ଟେଡ ଅପରାଧୀ ସୁନିଲ ନାହକ ଓରଫ ମଲ୍ଲୁ ଆହତ ହୋଇଛି। ତା'କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତା'ଠାରୁ ପୁଲିସ ଗୋଟିଏ ଦେଶୀ ବନ୍ଧୁକ, ୩ ଗୁଳି, ୨୧ ହଜାର ଟଙ୍କା ଜବତ କରିଛି।

ଆଜି ସକାଳେ ଗୋଳନ୍ଥରା ଥାନା ଆଇଆଇସି ତଥା ଡିଏସପି ବିବେକାନନ୍ଦ ସ୍ୱାଇଁଙ୍କୁ ଏକ ବିଶ୍ୱସ୍ତ ସୁତ୍ରରୁ ଖବର ମିଳିଥିଲା ଯେ ଅପରାଧୀ ସୁନୀଲ ପିତାତଳି ଅଞ୍ଚଳରେ ନିଜ ଗ୍ୟାଙ୍ଗ ସହ ରହୁଛି। ଏହା ପରେ ଥାନା ଅଧିକାରୀ ଏକ ସ୍ୱତନ୍ତ୍ର ଟିମ ସହ ସୁନିଲକୁ ଗିରଫ ପାଇଁ ପିତାତଳିରେ ଚଢାଉ କରିଥିଲେ। ପୁଲିସ ଚଢ଼ାଉ କରିଥିବା ଜାଣି ସୁନିଲ ହଠାତ ପୁଲିସ ଉପରକୁ ଦୁଇ ରାଉଣ୍ଡ ଗୁଳିମାଡ କରିଥିଲା। ପୁଲିସ ଗାଡ଼ିରେ ଦୁଇଟି ଯାକ ଗୁଳି ବାଜିଥିଲା। ଆଇଆଇସି ସୁନିଲକୁ ଆତ୍ମସମର୍ପଣ କରିବାକୁ କହିଥିଲେ ସୁଦ୍ଧା ସେ ବନ୍ଧୁକର ଭୟ ଦେଖାଇ ସେଠାରୁ ଖସିଯିବାକୁ ଉଦ୍ୟମ କରିଥିଲା। ଶେଷରେ ପୁଲିସ ଗୁଳି ଚଳାଇବାକୁ ବାଧ୍ୟ ହୋଇଥିଲା। ପୁଲିସ ଗୁଳି ସୁନିଲର ବାମ ଗୋଡରେ ବାଜିଥିଲା। ଯାହାଫଳରେ ସୁନିଲ ସେଠାରେ ପଡ଼ିଯାଇଥିଲା। ଅନ୍ୟମାନେ ସେଠାରୁ ଖସି ଯାଇଥିଲେ। ଆହତ ଅବସ୍ଥାରେ ପୁଲିସ ସୁନିଲକୁ ତୁରନ୍ତ ବ୍ରହ୍ମପୁର ଏମ୍.କେ.ସି.ଜି ମେଡ଼ିକାଲରେ ଭର୍ତ୍ତି କରାଇଥିଲା। ସୁନିଲ ଘର କବିସୂର୍ଯ୍ୟନଗର ଆଇବି ରୋଡ୍ରେ ହୋଇଥିବା ବେଳେ ସେ ମଲ୍ଲୁ ନାମରେ ଅପରାଧ ଜଗତରେ ବେଶ୍ ପରିଚିତ ରହିଥିଲା। ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ଼ା. ଶ୍ରବଣ ବିବେକଙ୍କ ପକ୍ଷରୁ ଗୋଳନ୍ଥରା ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ସୁନିଲ ନାମରେ ପୂର୍ବରୁ ୨ଟି ହତ୍ୟା ମାମଲା ସହିତ ୨୦ରୁ ଊର୍ଦ୍ଧ୍ୱ ମାମଲା ରହିଛି।

## ଜୀବନ୍ତ ଜଳିଗଲେ ମହିଳା

**ବାରିପଦା,୨।୮(ମହାଭାରତ):** ମୟୂରଭଞ୍ଜ ଜିଲା ଖିଚିଂସ୍ଥିତ ପଣସି ଅଞ୍ଚଳରେ ଶନିବାର ପରକୀୟା ପ୍ରୀତିକୁ ନେଇ ଏକ ଅଭାବନୀୟ ଘଟଣା ଘଟିଛି। ଦେହରେ ପେଟ୍ରୋଲ ଢାଳି ମହିଳା ଓ ପୁରୁଷ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସେହି



ଅଞ୍ଚଳର ଭାରତୀ ପାତ୍ର ଓ ଗୁରୁତର ପୁରୁଷ ଜଣକ ହେଲେ ରାଇରଙ୍ଗପୁର ଥାନା ଛନପାଳ ଗ୍ରାମର ହରିଶଙ୍କର ଆଚାର୍ଯ୍ୟ। ଗୁରୁତରଙ୍କୁ ଖିଚିଂ ଡାକ୍ତରଖାନା ଓ ପରେ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ଆତ୍ମାହୁତି ଘଟଣାର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି। ହରିଶଙ୍କର ଶ୍ୱଶୁର ଘର ଖିଚିଂକୁ ଆସିଥିବା ବେଳେ ଦୁହେଁ ସକାଳ ୧୦ଟା ପାଖାପାଖି ସମୟରେ ଖିଚିଂ ମହାବିଦ୍ୟାଳୟ ସମ୍ମୁଖ ପଡ଼ିଆ। ସଂଲଗ୍ନ ପଣସି ଗ୍ରାମ ବିଲରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପେଟ୍ରୋଲ ଢାଳି ଦେହରେ ନିଆଁ ଲଗାଇବା ପରେ ସ୍ଥାନୀୟ ଲୋକେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଭାରତୀଙ୍କ ମୃତ୍ୟୁ ହୋଇଥିବା ବେଳେ ହରିଶଙ୍କରଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## ସାଗରିକା ନାଥ 'ଏନ୍ଆଇଏ'ର ଏସ୍‌ପି

**ଭୁବନେଶ୍ୱର,୨।୮(ମହାଭାରତ):** ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)ର ଏସ୍‌ପି ଭାବେ ନିଯୁକ୍ତି ପାଇଛନ୍ତି। ୨୦୧୬ ବ୍ୟାଚର ଓଡ଼ିଶା କ୍ୟାଡର ଭାରତୀୟ ପୁଲିସ ସେବା (ଆଇପିଏସ୍) ଅଫିସର ସାଗରିକା ନାଥଙ୍କ 'ଏନ୍ଆଇଏ'ରେ ଏସ୍‌ପି ନିଯୁକ୍ତି ନେଇ ଗୃହ ମନ୍ତ୍ରଣାଳୟର ସଚିବ ସଂଜୀବ କୁମାର ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଏହା ସ୍ପଷ୍ଟ କରିଛନ୍ତି। ସାଗରିକାଙ୍କ ମୂଳ ଘର ଢେଙ୍କାନାଳ ଜିଲ୍ଲାରେ। ସେ କୋରାପୁଟ ଜିଲ୍ଲାର ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ୍ ସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ।



ବିଶାଖାପାଟଣାରେ ଯୁକ୍ତଦୁଇ ପଢ଼ିବା ପରେ ଭୁବନେଶ୍ୱରସ୍ଥିତ ସିଇଟିରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଡିଗ୍ରି ହାସଲ କରିଥିଲେ। ୟୁପିଏସସି ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦୧୬ ମସିହାରେ ଭାରତୀୟ ପୁଲିସ ସେବାରେ ଯୋଗଦେଇଥିଲେ। ତାଙ୍କ ବାପା ପ୍ରଦୀପ କୁମାର ନାଥ ନାଲକୋରେ ଡିଜିଏମ୍ ଥିଲେ। ଦାଦା ସୁଶାନ୍ତ ନାଥ ମଧ୍ୟ ଓଡ଼ିଶା କ୍ୟାଡର୍ ଆଇପିଏସ୍। ଓଡ଼ିଆ ଆଇପିଏସ୍ ଅଧିକାରୀ ସାଗରିକା ନାଥ ପୁଲିସ ଚାକିରିରେ ନିଷ୍ଠାପର ସେବା ଓ ସାହସିକତା ପାଇଁ ସାରା ଓଡ଼ିଶାରେ ବେଶ୍ ଲୋକପ୍ରିୟ। କମିସନରେଟ୍ ପୁଲିସରେ ଥିବା ବେଳେ ନିଜର ଉତ୍ତମ ବ୍ୟବହାର ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚର୍ଚ୍ଚାରେ ଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ମିଳିବ ନିଯୁକ୍ତି

**ଭୁବନେଶ୍ୱର,୨।୮(ମହାଭାରତ):** ଅନୁଦାନପ୍ରାପ୍ତ ହାଇସ୍କୁଲ, ବ୍ଲକଗ୍ରାଣ୍ଟ ହାଇସ୍କୁଲ, ସଂସ୍କୃତ ଟୋଲ୍ ସ୍କୁଲରେ ଅତିଥି ଶିକ୍ଷକ ନିଯୁକ୍ତି ଦିଆଯିବ। ଅବସର ନେଇଥିବା ୬୩୮୭ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ମିଳିବ। ଏନେଇ ବିଦ୍ୟାଳୟରେ ନିଯୁକ୍ତି ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ନୂଆ ଶିକ୍ଷକ ନିଯୁକ୍ତ ହେବା ଯାଏ ଏହି ଅତିଥି ଶିକ୍ଷକମାନେ କାର୍ଯ୍ୟ କରିବେ। ଜିଲ୍ଲା ଶିକ୍ଷା ଅଧିକାରୀମାନେ ନିଜ ଅଞ୍ଚଳରେ ଫାଙ୍କା ଥିବା ପଦବୀ ବିଷୟରେ ମାଧ୍ୟମିକ ଶିକ୍ଷା ପରିଷଦକୁ ଜଣାଇବେ। ଏହି ଆଧାରରେ ନିଯୁକ୍ତି ଦିଆଯିବ। ଖାଲି ପଡ଼ିଥିବା ପଦବୀରେ ସ୍କୁଲରେ ଚିଜିଟି ଶିକ୍ଷକ ନିଯୁକ୍ତି ହୁଅନ୍ତି କିମ୍ବା ଆସନ୍ତି ତେବେ ନିଯୁକ୍ତ ହୋଇଥିବା ଅତିଥି ଶିକ୍ଷକଙ୍କୁ ସେହି ସ୍କୁଲରୁ ଅପସାରଣ କରାଯିବ।

# ୩୫ ଲକ୍ଷ କୃଷକଙ୍କୁ ପିଏମ କିଷାନ ସହାୟତାରାଶି ବଣ୍ଟନ

**ଭୁବନେଶ୍ୱର,୨।୮(ମହାଭାରତ):** କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପିଏମ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କୁ ପି.ଏମ୍ କିଷାନ ସହାୟତା ରାଶିର ୨୦ତମ କିସ୍ତି ପ୍ରଦାନ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତର ପ୍ରଦେଶର ବାରାଣସୀ ଠାରେ ଉପସ୍ଥିତ ରହି, ପି.ଏମ୍ କିଷାନର କିସ୍ତି ବାବଦରେ ସାରା ଦେଶର ୯.୭ କୋଟି ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏଁ ହିସାବରେ ସମୁଦାୟ ୨୦ ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି।

ଇତ୍ୟାବସରରେ, ଭୁବନେଶ୍ୱର ଉପକଣ୍ଠ ସ୍ଥିତ ଆଇସିଏଆର ସିଫା ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୩୪ ଲକ୍ଷ ୮୫ ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି ଏବଂ ସମସ୍ତ ଯୋଗ୍ୟ ହିତାଧିକାରୀ ମାନଙ୍କୁ ୨,୦୦୦ ଟଙ୍କା ଲେଖାଏଁ ମୋଟ ୬୯୭ କୋଟି ଟଙ୍କା ପ୍ରଦାନ କରାଯାଇଛି।



କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ , ଆମ ସରକାର ହେଉଛି ଲୋକଙ୍କ ସରକାର ଏବଂ ଚାଷୀ ଭାଇ ଭଉଣୀଙ୍କ ସରକାର। ଆମ ସରକାର ମାତ୍ର ବର୍ଷକ ମଧ୍ୟରେ ଆପଣମାନଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆପଣମାନେ ଏହାର ସୁଫଳ ମଧ୍ୟ ପାଉଛନ୍ତି। ସି.ଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ପି.ଏମ୍ କିଷାନ ଓ ସି.ଏମ୍ କିଷାନକୁ ମିଶାଇ ଚାଷୀଭାଇମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି ଏହା ଆମ ପାଇଁ ଖୁସିର କଥା।

ପି.ଏମ କିଷାନ ଯୋଜନାର ୨୦ତମ କିସ୍ତି ଚଳିତ ବର୍ଷ ଅପ୍ରେଲରୁ ଜୁଲାଇ ଅବଧି ପାଇଁ ପ୍ରଦାନ କରାଯାଉଛି। ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି। ଏହି ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ହେଉଥିବାରୁ ସ୍ୱଚ୍ଛତା ବଜାୟ ରହୁଛି। ଏଥିରେ ସମସ୍ତ ଚାଷୀ- ସେ କ୍ଷୁଦ୍ରଚାଷୀ ହୁଅନ୍ତୁ, ବା ମଧ୍ୟମ କିମ୍ବା ବଡ଼ ଚାଷୀ, ସମସ୍ତଙ୍କୁ ଏହାର ସୁଫଳ ମିଳୁଛି। ସହରାଞ୍ଚଳର ଚାଷୀମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଜିର ଏହି ଦିନକୁ ଆମେ "ପି.ଏମ - କିଷାନଦିବସ" ଭାବରେ ସାରା ଦେଶ ତଥା ରାଜ୍ୟରେ ପାଳନ କରୁଛୁ। ଏଥି ସହିତ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ ଓ ପଞ୍ଚାୟତରେ ମଧ୍ୟ "ପି.ଏମ- କିଷାନ ଦିବସ" ପାଳନ କରାଯାଉଛି। ଏହି ଅବସରରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ କୃଷକମାନଙ୍କ ମଧ୍ୟରେ ଆବଶ୍ୟକୀୟ ଯୋଗ୍ୟତା ସମ୍ପର୍କରେ ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ପୁଣି କହିଥିଲେ ଯେ ପି.ଏମ୍ କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ମୋର ଲକ୍ଷ୍ୟ। ରାଜ୍ୟର ସମସ୍ତ ବ୍ଲକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି। କୌଣସି ଯୋଗ୍ୟ ଚାଷୀ ଏହି ଯୋଜନାରୁ ବଞ୍ଚିତ ନ ହୁଅନ୍ତୁ। ଆପଣମାନେ ଏବେ ଖରିଫ୍ ଫସଲ ଆରମ୍ଭ କରିଛନ୍ତି। ମାନନୀୟ ପ୍ରଧାନମନ୍ତ୍ରୀ ଆପଣମାନଙ୍କ ପାଇଁ କରିଥିବା ଅନେକ ଯୋଜନାରୁ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା, ଯେଉଁଥିରେ ଆପଣମାନେ ସିଧାସଳଖ ଅର୍ଥରାଶି ପାଉଛନ୍ତି। ନିୟମିତ କୃଷି କାର୍ଯ୍ୟ ସହିତ ଆପଣ ମାନେ ଫସଲରେ ବିବିଧିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରନ୍ତୁ। ମତ୍ସ୍ୟ ଚାଷ, ପଶୁପାଳନ ଭଳି ଲାଭ ଦାୟକ କୃଷି କରନ୍ତୁ। ଏହାଦ୍ୱାରା ଅଧିକ ଅମଳ କରିପାରିବେ ଓ ଆର୍ଥିକ ସ୍ତରରେ ଲାଭବାନ ମଧ୍ୟ ହୋଇପାରିବେ।

ଚାଷ କ୍ଷେତ୍ରରେ ଆପଣମାନଙ୍କ ରୋଜଗାର ଦୁଇଗୁଣିତ ନୁହେଁ ବରଂ ବହୁ ଗୁଣିତ ବୃଦ୍ଧି ହେବ। ଏହି ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କ ଯେଉଁ ଲକ୍ଷ୍ୟ ଅଛି, ତାହା ପୂରଣ ହେବ। ସେ ଆହୁରି କହିଥିଲେଯେ ସି.ଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪୦୦୦ ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ପି.ଏମ୍ କିଷାନ ଓ ସି.ଏମ୍ କିଷାନକୁ ମିଶାଇ ଚାଷୀଭାଇମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ସମୃଦ୍ଧ କୃଷକ ଯୋଜନାରେ ଆପଣମାନଙ୍କୁ ଆମେ ଧାନ କ୍ୱିଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ଇନପୁଟ୍ ସହାୟତା ପ୍ରଦାନ କରୁଛୁ। ଗତ ବର୍ଷ ଖରିଫରେ ପ୍ରାୟ ୧୭ ଲକ୍ଷ ଚାଷୀଙ୍କୁ ଆମେ ପାଖାପାଖି ୬ ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛୁ । ସେହିପରି ରବି ଋତୁରେ ମଧ୍ୟ ୩ ଲକ୍ଷରୁ ଅଧିକା ଚାଷୀଙ୍କୁ ୧ ହଜାର ୬୦୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇବ। ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆପଣମାନେ ଭଲଭାବରେ ଜାଣିଛନ୍ତି।

# ମହାନଦୀ ବିବାଦର ହେବ ଆପୋଷ ସମାଧାନ

**ଭୁବନେଶ୍ୱର,୨।୮ (ମହାଭାରତ):** ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମହାନଦୀ ଜଳବିବାଦର ଆପୋଷ ସମାଧାନ ପାଇଁ ବାଟ ଫିଟିଛି। ପ୍ରଥମଥର ପାଇଁ ଏହି ଜଳବିବାଦର ଆପୋଷ ସମାଧାନ ନିମନ୍ତେ ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ସହମତି ଜଣାଇଛନ୍ତି। ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ମଧ୍ୟ ଆଜି ଦୁଇ ରାଜ୍ୟର ଓକିଲ ହାଜର ହୋଇ ବିବାଦର 'ଆପୋଷ ସମାଧାନ'କୁ ନେଇ ସକରାତ୍ମକ ମତ ରଖିବାପରେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ବି.ଏମ. ତ୍ରିବେଦୀଙ୍କ ଖଣ୍ଡପୀଠ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଓ ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୬ତାରିଖକୁ ନିର୍ଦ୍ଧାରଣ କରିଛନ୍ତି। ଏହି ଶୁଣାଣିବେଳେ ଦୁଇ ରାଜ୍ୟର ସଚିବ ଉପସ୍ଥିତ ରହି ଆପୋଷ ସମାଧାନର ଅଗ୍ରଗତି ସମ୍ପର୍କରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ରରେ ଓ ଛତିଶଗଡ଼ରେ ବିଜେପି ଦଳର ସରକାରରେ ଥିବାରୁ ମହାନଦୀ ଜଳବିବାଦର ଆପୋଷ ସମାଧାନ ଉପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସରକାର ଗୁରୁତ୍ୱ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଗତ ସପ୍ତାହରେ ଏକ ଉଚ୍ଚସ୍ତରୀୟ ବୈଠକରେ ମହାନଦୀ ଜଳ ବିବାଦର ଆପୋଷ ସମାଧାନ ଉପରେ ଗୁରୁତ୍ୱ ଦେବା ସହ ଜୁଲାଇ ୨୫ତାରିଖରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କୁ ଚିଠି ଲେଖି ମହାନଦୀ ଜଳବିବାଦର ଆପୋଷ ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲେ। କେନ୍ଦ୍ର ସରକାରଙ୍କ ସହାୟତାରେ ଦୁଇ ରାଜ୍ୟ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ କରିବାର ସମ୍ଭାବନା ଉପରେ ଗୁରୁତ୍ୱ ଦେଇଥିଲେ। ଯାହାର ଉତ୍ତର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ୨୦୨୫ ଅଗଷ୍ଟ ୧(ଗତକାଲି) ତାରିଖରେ ଦେଇଛନ୍ତି। ଯେଉଁଥିରେ ସେ ଦୁଇରାଜ୍ୟ ମଧ୍ୟରେ ଥିବା ଜଳବିବାଦର ଆପୋଷ ସମାଧାନ ପାଇଁ ଓଡ଼ିଶା ଦେଇଥିବା ପ୍ରସ୍ତାବ ଏବେ ତାଙ୍କ ସରକାରର 'ବିଚାରାଧୀନ' ଥିବା ସ୍ପଷ୍ଟ କରିଛନ୍ତି।

ଆଜି ଟ୍ରିବ୍ୟୁନାଲଙ୍କ ପାଖରେ ରାଜ୍ୟ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମଧ୍ୟ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଏବଂ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଦାନପ୍ରଦାନ ହୋଇଥିବା ଚିଠିକୁ ଉପସ୍ଥାପନ କରଇଥିଲେ। ଛତିଶଗଡ଼ ସରକାରଙ୍କ ବରିଷ୍ଠ ଓକିଲ୍ ମଧ୍ୟ ଏହି ଜଳବିବାଦର 'ଆପୋଷ ସମାଧାନ ପ୍ରସ୍ତାବ' ଏବେ ତାଙ୍କ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସକ୍ରିୟ ବିଚାରାଧୀନ ରହିଥିବା ଟ୍ରିବ୍ୟୁନାଲଙ୍କୁ ଅବଗତ କରାଇଥିଲେ।



ଆଜି ନୂଆଦିଲ୍ଲୀରେ ମହାନଦୀ ଜଳ ବିବାଦର ଶୁଣାଣି ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ବି.ଏମ୍. ତ୍ରିବେଦୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଉଭୟ ରାଜ୍ୟର ଓକିଲ ଉପସ୍ଥିତ ରହି 'ଆପୋଷ ସମାଧାନ' ଦିଗରେ ଦୁଇ ରାଜ୍ୟଙ୍କ ସକରାତ୍ମକ ପଦକ୍ଷେପ ସମ୍ପର୍କରେ ଟ୍ରିବ୍ୟୁନାଲଙ୍କୁ ଅବଗତ କରାଇଥିଲେ। ଟ୍ରିବ୍ୟୁନାଲ ମଧ୍ୟ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୬ ତାରିଖରେ ହେବ ଏବଂ ଉଭୟ ରାଜ୍ୟର ବିଭାଗୀୟ ସଚିବ ଉପସ୍ଥିତ ରହି ସମାଧାନର ଅଗ୍ରଗତି ସମ୍ପର୍କରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାର ଆଡଭୋକେଟ୍ ଜେନେରାଲ ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ, ଦୁଇ ରାଜ୍ୟର ମୁଖ୍ୟ ସଚିବ ଓ ରାଜନୈତିକ ନେତୃତ୍ୱ ସ୍ତରରେ ଆଲୋଚନା ଆରମ୍ଭ ହୋଇଛି। ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ସକାରାତ୍ମକ ମନୋଭାବ ରଖି ଆଲୋଚନା କଲେ ନିଶ୍ଚିତ ସଫଳତା ମିଳିବ। ବିଗତ ୬ ବର୍ଷ ମଧ୍ୟରେ ଟ୍ରିବ୍ୟୁନାଲ ମାଧ୍ୟମରେ କୌଣସି ଗୁରୁତ୍ୱପୂର୍ଣ୍ଣ ସମାଧାନ ହାସଲ ହୋଇପାରିନାହିଁ ଏବଂ ରାଜନୈତିକ ସ୍ତରରେ ଆଲୋଚନା ହିଁ ଏହି ବିବାଦର ସମାଧାନର ସର୍ବୋତ୍ତମ ଉପାୟ ବୋଲି ଶ୍ରୀ ଆଚାର୍ଯ୍ୟ ମତ ରଖିଥିଲେ।

ରାଜ୍ୟ ଆଡଭୋକେଟ୍ ଜେନେରାଲ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ମହାନଦୀ ଜଳବିବାଦ ମାମଲାରେ ବିଗତ ୬ ବର୍ଷ ମଧ୍ୟରେ କେବଳ ଜଣେ ସାକ୍ଷୀଙ୍କୁ ପରୀକ୍ଷା କରାଯାଇଛି ଏବଂ ଅନେକ ସାକ୍ଷୀ ଏପର୍ଯ୍ୟନ୍ତ ଉପସ୍ଥାପିତ ହୋଇନାହାଁନ୍ତି। ଟ୍ରିବ୍ୟୁନାଲ ଆହୁରି ୧୦ ବର୍ଷ ଚାଲିଲେ ମଧ୍ୟ ଏହାର ସମାଧାନ ସମ୍ଭବ ନୁହେଁ। ଦେଶରେ କୌଣସି ଆନ୍ତଃରାଜ୍ୟ ଜଳ ବିବାଦର ସମାଧାନ ଟ୍ରିବ୍ୟୁନାଲ ମାଧ୍ୟମରେ ସମ୍ପୂର୍ଣ୍ଣ ହୋଇପାରିନାହିଁ। ବିବାଦର ଆପୋଷ ସମାଧାନ ପାଇଁ କେନ୍ଦ୍ର ସରକାର ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସହାୟତା ଓଡ଼ିଶା ସରକାର ଲୋଡ଼ିଛନ୍ତି। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରାଯାଇଛି। ଓଡ଼ିଶା ଓ ଛତିଶଗଡ଼ରେ ବିଜେପି ସରକାର କ୍ଷମତାରେ ଥିବାରୁ ଏହି ଆଲୋଚନାରେ କେନ୍ଦ୍ରର ହସ୍ତକ୍ଷେପ ଏକ ସମାଧାନର ପଥ ପ୍ରଶସ୍ତ କରିପାରିବ ତଥା ଏହି ବିବାଦ ଶୀଘ୍ର ଆପୋଷ ସମାଧାନ ହେବ ବୋଲି ଆମେ ଆଶାବାଦୀ ଥିବା ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

## ଟିକ୍କି ଚାଟ୍

ଆବଶ୍ୟକ ସାମଗ୍ରୀ: ଛୋଲ ୧କପ, ଗାଜର୧, ପିଆଜ୧, ଟମୋଟୋ୧, କଞ୍ଚାଲଙ୍କା୨, ତେଲ ୨ ବଡ ଚାମଚ, ଦହି୧କପ, ମିଠା ସୁଣ୍ଠି ୨ବଡ ଚାମଚା, ଧନିଆ ଚଟଣୀ ୨ବଡ ଚାମଚ, ଲୁଣ ସ୍ୱାଦ ଅନୁସାରେ ।

ପ୍ରସ୍ତୁତି ପ୍ରଣାଳୀ : ଛୋଲେକୁ ୩ରୁ୪ ଘଣ୍ଟା ପାଣିରେ ଭିଜାଇ ରଖନ୍ତୁ । ଏହାପରେ ଅଳ୍ପ ପାଣି ନେଇ ଗାଇଡିଂ କରିଦିଅନ୍ତୁ । ଗାଜର, ପିଆଜ, ଟମାଟୋ ଏବଂ କଞ୍ଚା ଲଙ୍କାକୁ ଛୋଲେ ପେଷ୍ଟରେ ମିଶାନ୍ତୁ । ଲୁଣ ପକାଇ ଭଲ ଭାବେ ମକ୍ସଚର କରି ଏହାକୁ ତାୱାରେ ଛୋଟ ଛୋଟ ଟିକ୍କା ଭଳିନ୍ନାନ୍ତୁ । ଏହା ଭଲ ଭାବେ ଭାଜି ହୋଇଗଲେ ପରେ କାଢି ଦିଅନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଛୋଲେ ଟିକ୍କା । ଆପଣ ଏହାକୁ ଦହି କିମ୍ବା ଚଟଣୀ ସହିତ ପରଷନ୍ତୁ ।




ଖବର

# ପ୍ରେକ୍ଷାଳୟରେ 'ଛି ରେ ନନୀ'



ମୁକ୍ତିଲାଭ କଲା ନୂଆ ଓଡ଼ିଆ ସିନେମା 'ଛି ରେ ନନୀ । ଏକ ଭାଇରାଲ ଗୀତର ଟାଇଟେଲକୁ ଆଧାର କରି 'ଛି ରେ ନନୀ' ଓଡ଼ିଆ ସିନେମା ଆଜି ପୂର୍ଣ୍ଣ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ପ୍ରମୁଖ ଚରିତ୍ରରେ ଶିବାନୀ ,ଶୈଳେନ୍ଦ୍ର ଓ ଦ୍ୱୀପନମିତ ଦାସ ମହାପାତ୍ରଙ୍କୁ ଦର୍ଶକ ଦେଖିବାକୁ ପାଇବେ।ଏହି ଚଳଚିତ୍ରଟିକୁ ର୍ନିମାଣ କରିଛନ୍ତି ପ୍ରଯୋଜକ ସୀତାରାମ ଅଗ୍ରୱାଲ ଓ ନିର୍ଦ୍ଦେଶନା ଦେଇଛନ୍ତି ଭେଟେରାନ୍ ନିର୍ଦ୍ଦେଶକ ସୁଶାନ୍ତ ମଣି। ସହ ପ୍ରଯୋଜନା କରିଛନ୍ତି ଯୁବ ର୍ନିମାତା ଯୋଡି ସିଦ୍ଧାର୍ଥ ଓ ତମଓା ଅଗ୍ରୱାଲ। ଏହି ଚଳଚିତ୍ର ଏକ ମ୍ୟୁଜିକାଲ ଲଭ ଷ୍ଟୋରୀ। ବଳିଷ୍ଠ କାହାଣୀ ସାଙ୍ଗକୁ ,ନିରୀହ ପ୍ରେମ ,ଗ୍ରାମ ବାସ୍ତବତା ଓ ନାଟକୀୟତାକୁ ,ଏ କାହାଣୀରେ ଦର୍ଶାଇଛନ୍ତି ନିର୍ଦ୍ଦେଶକ। ପ୍ରକାଶଥାଉକି ,ଏହା ସିଦ୍ଧାର୍ଥ ମ୍ୟୁଜିକର ୪୫ତମ ଚଳଚ୍ଚିତ୍ରୟ ଏହି ସିନେମାଟି ୫୨ ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିବା ନେଇ ପ୍ରଯୋଜକ ସୀତାରାମ ଅଗ୍ରୱାଲ କହିଛନ୍ତି। ସେ କହିଛନ୍ତି ,ଓଡ଼ିଆ ସିନେମାରେ ଏବେ ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି ଓ ଆଗକୁ ଓଡ଼ିଆ ସିନେମା ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ହେବାକୁ ଯାଉଛ। ଆଗାମୀ ଦିନରେ ଓଡ଼ିଆ ସିନେମାର ଭବିଷ୍ୟତ ଉଜ୍ଜ୍ୱଳ ନେଇ ପ୍ରଯୋଜକ , ସିନେ ସମୀକ୍ଷକ ଓ ନିର୍ଦ୍ଦେଶକ ମହଲରେ ଚର୍ଚ୍ଚା ଜୋର ଧରିଛି ।

## ଶରୀର: ଈଶ୍ୱରଙ୍କ ପବିତ୍ର ନିବାସସ୍ଥାନ



ଶରୀର, ଈଶ୍ୱରଙ୍କ ପବିତ୍ର ନିବାସ ସ୍ଥାନ । ଖରାପ ଅଭ୍ୟାସ ଦ୍ୱାରା ଶରୀରରୂପୀ ମନ୍ଦିରକୁ ରୁଗ୍ଣ କରିବା ପ୍ରକୃତି ଦୃଷ୍ଟିରେ ବଡ଼ ଅପରାଧ । ଏହାର ଫଳସ୍ୱରୂପ ଯନ୍ତ୍ରଣା, ଅସ୍ଥିରତା, ଆସକ୍ତି, ଅଳ୍ପାୟୁ, ଆର୍ଥିକ ହାନି, ତିରସ୍କାର ଭଳି ଦଣ୍ଡ ଭୋଗିବାକୁ ପଡ଼ିଥାଏ । ଆହାର ଏବଂ ବିହାରରେ ସଂଯମତା ନରହିଲେ ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଉପରେ କୁପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ଶରୀର ଦୁର୍ବଳ ଏବଂ ରୋଗଗ୍ରସ୍ତ ହୋଇଥାଏ। ଶରୀରକୁ ନିରୋଗୀ ରଖିବା କଠିନ ନୁହେଁ । ସେଥିପାଇଁ ଆହାର, ଶ୍ରମ ଏବଂ ବିଶ୍ରାମରେ ସନ୍ତୁଳନ ବଜାୟ ରଖିବା ଉଚିତ । ଆଳସ୍ୟମୁକ୍ତ, ଶ୍ରମଯୁକ୍ତ ବ୍ୟବସ୍ଥିତ ଜୀବନଶୈଳୀ ନିର୍ଦ୍ଧାରଣ କରିବା କଠିନ ନୁହେଁ । ଶରୀରକୁ ମନ୍ଦିର ଭଳି ମହତ୍ତ୍ୱ ଦେବା ଉଚିତ। ସ୍ୱଚ୍ଛ, ସୁସ୍ଥ ଏବଂ ସକ୍ଷମ ଶରୀର ନିର୍ମାଣ କରିବାକୁ ନିଜ ପାଇଁ ପୂଣ୍ୟ କର୍ତ୍ତବ୍ୟ ଭାବେ ଗ୍ରହଣ କରିବା ଉଚିତ। ଉପବାସ ଦ୍ୱାରା ସ୍ୱାଦ ଏବଂ ଅତିଆହାର ଭଳି ଦୁଷ୍ପ୍ରବୃତ୍ତି ଉପରେ ଅଧିକାର ପାଇବା ଲାଗି ପ୍ରୟାସ କରିବା ଉଚିତ୍ । ଏହାପରେ ଏହି ଶରୀରରୁ ଲାଭ ପାଇବା ସମ୍ଭବ । ଏହାକୁ ଋଷିମୁନି ଓ ବୈଜ୍ଞାନିକମାନେ ମଧ୍ୟ ସ୍ୱୀକାର କରିଛନ୍ତି ।

## ଯାତ୍ରା କରିବା ପୂର୍ବରୁ ଏହି ବାସ୍ତୁ ଟିପ୍ସ ପ୍ରତି ଧ୍ୟାନ ଦିଅନ୍ତୁ

ବାସ୍ତୁଶାସ୍ତ୍ରରେ କୌଣସି କାର୍ଯ୍ୟରେ ଯାତ୍ରା କରିବା ପୂର୍ବରୁ ସେଥିରେ ସଫଳତା ପ୍ରାପ୍ତି କିଛି ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି । ଯାହାର ପାଳନ କଲେ ଯାତ୍ରାକୁ ମଙ୍ଗଳକାରୀ ଓ ସଫଳ କରି ହୋଇଥାଏ। ଏଥିପାଇଁ କିଛି କଥା ପ୍ରତି ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକୟ ଜାଣନ୍ତୁ.



- ଯାତ୍ରାରେ ଯିବା ସମୟରେ କୌଣସି ନକରାତ୍ମକ ଶବ୍ଦର ବ୍ୟବହାର କରନ୍ତୁ ନାହିଁ।
- ନିଜର ଇଷ୍ଟ ଦେବତାଙ୍କୁ ସ୍ମରଣ କରନ୍ତୁ। ଗାୟନ୍ତ୍ରୀ ମନ୍ତ୍ରୀ ଜପ କରନ୍ତୁ।
- ଯାତ୍ରାରେ ଯିବା ପୂର୍ବରୁ ନଦୀ, ନିଆଁ, ପବନ, ଦେବୀଦେବତା, ଗୁରୁଜନ, ମାତାପିତାଙ୍କୁ ପରିହାସ କରନ୍ତୁ ନାହିଁ।
- ଘରୁ ବାହାରିବା ସମୟରେ ପ୍ରଥମେ ଡ଼ାହାଣ ପାଦ ପକାନ୍ତୁୟ ଅସହାୟଙ୍କୁ ଦାନ ଦିଅନ୍ତୁ। ଗାଈଙ୍କୁ ରୁଟି କିମ୍ବା ଘାସ ଖାଇବାକୁ ଦିଅନ୍ତୁ। ଏପରି କରିବା ଦ୍ୱାରା କାର୍ଯ୍ୟରେ ସଫଳତା ମିଳିଥାଏ।
- ଶାସ୍ତ୍ର ଅନୁଯାୟୀ, ସୋମବାର, ଶନିବାର ପୂର୍ବ ଦିଗରେ ଯାତ୍ରା କରିବା ଅତି ଶୁଭଫଳ ଦେଇନଥାଏୟ ସୋମବାର, ଗୁରୁବାର ପୂର୍ବ, ଦକ୍ଷିଣ ଦିଗରେ ଯାତ୍ରା କରନ୍ତୁ ନାହିଁ। ବୁଧବାର, ଶନିବାର ପୂର୍ବ, ଉତ୍ତର ଯାତ୍ରା କରିବା ଉଚିତ ନୁହେଁ। ରବିବାର ଓ ଶୁକ୍ରବାର ପର୍ଶ୍ଚିମ ଦିଗରେ ଯାତ୍ରା କରନ୍ତୁ ନାହିଁ।
- ମଙ୍ଗଳବାର ଦିନ ଉତ୍ତର ଦିଗକୁ ଯାତ୍ରା କରୁଥିଲେ ଘରୁ ଗୁଡ଼ ଖାଇ ଯାଆନ୍ତୁ।

ବୁଧବାର ଉ□ର ଦିଗରେ ଯାତ୍ରା କରୁଥିଲେ ଧନିଆ କିମ୍ବା ରାଶି ଲଡୁ ଖାଇ ଯାଆନ୍ତୁ।

- ଗୁରୁବାର ଦିନ ଦକ୍ଷିଣ ଦିଗରେ ଯାତ୍ରା କରୁଥିଲେ ଦହି ଖାଇ ଯାତ୍ରା କରନ୍ତୁ।

ଶୁକ୍ରବାର ଦିନ ପର୍ଶ୍ଚିମ ଦିଗରେ ଯାତ୍ରା କରୁଥିଲେ ଗହମରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ।

- ଶନିବାର ଦିନ ପୂର୍ବ ଦିଗକୁ ଯାତ୍ରା କରୁଥିଲେ, ଅଦା ଖଣ୍ଡ ଖାଆନ୍ତୁ।

# ସଫଳତାର ମନ୍ତ୍ର

ହିନ୍ଦୁ ଧର୍ମରେ ଶ୍ରୀମଦ ଭାଗବତ ଗୀତାକୁ ସର୍ବଶ୍ରେଷ୍ଠ ବେଦ ବା ଶାସ୍ତ୍ର ବୋଲି କୁହାଯାଏ। ଗୀତାରେ ସବୁ ସମସ୍ୟାର ସମାଧାନ ରହିଛି। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ, ନିଜ ଆଚରଣକୁ ନେଇ ମଣିଷ ସର୍ବଦା ଗମ୍ଭୀର ଓ ସତର୍କ ରହିବା ଉଚିତ। ଯେଉଁ ବ୍ୟକ୍ତି ନିଜ ଆଚରଣକୁ ନେଇ ସତର୍କ ରୁହନ୍ତି ନାହିଁ ସେମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଭଗବାନ ଶ୍ରୀକୃଷ୍ଣ କହିଛନ୍ତି,



ତଥାପି, ସବୁଠାରୁ ଜଣାଶୁଣା ବ୍ୟକ୍ତିମାନେ।
ସତ୍ୟପ୍ରମାନ କୁରୁଟେ ଲୋକସ୍ତାଡାନୁଭାର୍ଟେଟ୍ ।।

ଗୀତାର ଏହି ଉପଦେଶର ଅର୍ଥ ହେଲା, ମହାନ ବ୍ୟକ୍ତିଙ୍କ ଆଚରଣକୁ ଅନ୍ୟମାନେ ମଧ୍ୟ ଅନୁସରଣ କରନ୍ତି। ସେଥିପାଇଁ ନିଜ ଆଚରଣକୁ ନେଇ ଅନ୍ୟମାନଙ୍କ ପ୍ରତି ଗମ୍ଭୀର ରହିବା ଉଚିତ ଏବଂ ସମସ୍ତଙ୍କୁ ସମ୍ମାନ କରିବା ଉଚିତ। ଯଦି ଆପଣ ଜଣଙ୍କ ଠାରୁ ଖରାପ ବ୍ୟବହାର ଆଶା କରୁନାହାନ୍ତି,ତାହେଲେ ତାଙ୍କ ସହ ମଧ ଖରାପ ବ୍ୟବହାର କରିବା ଉଚିତ ନୁହେଁ। କାରଣ କଥାରେ ଯାହା ଦେବ ବଦଳରେ ତାହା ପାଇବ। ସମ୍ମାନ ଦେଲେ ହିଁ ସମ୍ମାନ ମିଳିଥାଏ। ଚାଣକ୍ୟଙ୍କ ଚାଣକ୍ୟ ନୀତି ବି ଏହା ହିଁ ଉପଦେଶ ଦିଏ। ଚାଣକ୍ୟଙ୍କ ଅନୁଯାୟୀ, ବ୍ୟକ୍ତି ପଦ-ପ୍ରତିଷ୍ଠା ଓ ଧନ ଯୋଗୁଁ ଶ୍ରେଷ୍ଠ ହୋଇନଥାଏ। ବ୍ୟକ୍ତି ନିଜର ଭଲ ବ୍ୟବହାର ଓ ଆଚରଣ ଦ୍ୱାରା ଶ୍ରେଷ୍ଠ ହୋଇଥାଏ। ସେଥିପାଇଁ ମଣିଷକୁ ସର୍ବଦା ଖରାପ ଅଭ୍ୟାସରୁ ଦୂରେଇ ରହିବା ଆବଶ୍ୟକ। କାରଣ ଖରାପ ଅଭ୍ୟାସ ମଣିଷର ପ୍ରତିଭା ବିନାଶ କରିଥାଏ। ସେଥିପାଇଁ ଜୀବନରେ ସଫଳ ହେବାକୁ ହେଲେ ଖରାପ ଅଭ୍ୟାସ ଛାଡି ଭଲ ଅଭ୍ୟାସ ଆପଣେଇବା ଆବଶ୍ୟକ। ନିନ୍ଦା ଅପବାଦରୁ ମଣିଷକୁ ଦୂରେଇ ରହିବା ଆବଶ୍ୟକ। ଯିଏ ଅନ୍ୟମାନଙ୍କ ଖରାପ ଚିନ୍ତା କରେ ବା ଅନ୍ୟମାନଙ୍କୁ ନିନ୍ଦା କରେ, ସେ ବ୍ୟକ୍ତି ଦିନେ ନିଜେ ହିଁ ଏହିସବୁ ଖରାପ ଗୁଣର ଅଧିକାରୀ ହୋଇଯାଏ। ଆରମ୍ଭରେ ନିନ୍ଦା କରିବାରେ ମଜା ଆସିଥାଏ କିନ୍ତୁ ଧୀରେ ଧୀରେ ସବୁ ଖରାପ ଗୁଣ ନିଜ ଭିତରକୁ ଆସିଥାଏ।

ଚାଣକ୍ୟଙ୍କ ଅନୁସାରେ ମଣିଷକୁ ସର୍ବଦା ଅହଙ୍କାର ଠାରୁ ଦୂରେଇ ରହିବା ଦରକାର। ଅହଙ୍କାରୀ ବ୍ୟକ୍ତି ସବୁବେଳେ ନିଜକୁ ଶ୍ରେଷ୍ଠ ଭାବିଥାଏ ଏବଂ ଏହା ଜୀବନର ସବୁଠାରୁ ବଡ ଭୁଲ। ଏହି ଭୁଲ ଦିନେ ମଣିଷର ପତନର କାରଣ ପାଲଟିଯାଏ। ରାମାୟଣରେ ରାବଣର ଚରିତ୍ର ଏହାର ଜ୍ୱଳନ୍ତ ଉଦାହରଣ। ସମସ୍ତ ବେଦ, ଧର୍ମଗ୍ରନ୍ଥ ଉପଦେଶ ଅନୁଯାୟୀ ସଫଳ ହେବା ପାଇଁ ସର୍ବ ପ୍ରଥମେ ଅହଙ୍କାର ତ୍ୟାଗ କରିବା ଉଚିତ। ଯେ ପର୍ଯ୍ୟନ୍ତ ବ୍ୟକ୍ତି ମଧ୍ୟରେ ଅହଙ୍କାର ରହିବ ସେ ପର୍ଯ୍ୟନ୍ତ ସେ ସ୍ନେହ ଓ ପ୍ରେମରୁ ଦୂରେଇ ରହିବ। ଲୋଭ ମଧ୍ୟ ମଣିଷର ଏକ ପ୍ରକାର ଶତ୍ରୁ। ଲୋଭ ସବୁ ପ୍ରକାର ଖରାପ ଗୁଣର କାରକ। ସେଥିପାଇଁ ଲୋଭରୁ ଦୂରେଇ ରହିବା ଉଚିତ। ଲୋଭ କରୁଥିବା ବ୍ୟକ୍ତି କେବେ ବି ସନ୍ତୁଷ୍ଟ ହୋଇନଥାଏ। ଲୋଭ ଯୋଗୁଁ ବ୍ୟକ୍ତିର ଚିତ୍ତ ଶାନ୍ତ ରହେନି ଏବଂ ସେ ସବୁବେଳେ ଅନ୍ୟମାନଙ୍କୁ ଅହଙ୍କାର କରିଥାଏ।

## ସ୍ୱାସ୍ଥ୍ୟ ପାଇଁ ହିତକର ନାଳି ଲଙ୍କା

ଅଧିକାଂଶ ଲୋକ ରାଗ ଖାଇବାକୁ ପସନ୍ଦ କରନ୍ତିନି। ସେଥିପାଇଁ ଡାଏଟରେ ଲଙ୍କା ବ୍ୟବହାର କରନ୍ତିନି। ବିଶେଷ କରି ଲୋକେ ନାଲି ଲଙ୍କା ଠାରୁ ଦୂରେଇ ରହନ୍ତି। ଏକ ଅଧ୍ୟୟନ ଅନୁଯାୟୀ, ନିୟମିତ ନାଲି ଲଙ୍କା ସେବନ କଲେ ଆୟୁଷ ବଢିଥାଏ ଏବଂ ଅକାଳ ମୃତ୍ୟୁ ଆଶଙ୍କା ମଧ୍ୟ କମି ଯାଇଥାଏ। ଅଧ୍ୟୟନ ଅନୁଯାୟୀ, ଯେଉଁମାନେ ନାଲି ଲଙ୍କା ସେବନ କରନ୍ତି ସେମାନଙ୍କୁ ରୋଗ ହେବାର ସମ୍ଭାବନା ଏକ ଚତୁର୍ଥାଂଶ କମି ଯାଇଥାଏ।



ବୈଜ୍ଞାନିକ ମାନେ ନାଲି ଲଙ୍କାରେ ଥିବା ରାଗ ଅଂଶକୁ ଶରୀର ପାଇଁ ଲାଭଦାୟକ ବୋଲି କହିଛନ୍ତି। ବୈଜ୍ଞାନିକଙ୍କ ଅନୁଯାୟୀ, ନାଲି ଲଙ୍କା ଶର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ଏବଂ ଟ୍ୟୁମର ସହ ସୁଜନ କମ୍ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ନାଲି ଲଙ୍କାରେ ଭିଟାମିନ-ସି ରହିଛି ଯାହା ପ୍ରତିରୋଧକ କ୍ଷମତାକୁ ମଜବୁତ କରିଥାଏ। ନାଲି ଲଙ୍କାରେ ଆଣ୍ଟି ଅକ୍ସିଡେଣ୍ଟ ରହିଛି ଯାହା ଶିରାପ୍ରଶିରାରେ ବ୍ଲଡ଼ ବ୍ଲକେଜକୁ ଦୂର କରିଥାଏ। କିନ୍ତୁ ନାଲି ଲଙ୍କା ଗୁଣ୍ଡ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ବିଶ୍ୱ ସ୍ତରରେ ପ୍ରାୟ ୫୭ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ଓ ଆହାର ରେକର୍ଡ ଆଧାରରେ ଅଧ୍ୟୟନ କରାଯାଇଥିଲା। କିନ୍ତୁ ସ୍ୱେଚ୍ଛା ସୂଚନା ଆଧାରରେ ଅନ୍ୟ ଅଧ୍ୟୟନ ଭଳି ଏହାର ଅନୁକୂଳ ପରିଣାମ ମିଳିଥିଲା। କାରଣ ଅଧିକ ବ୍ୟକ୍ତିଗତ ଅଧ୍ୟୟନ କରୁଥିବା ବୈଜ୍ଞାନିକଙ୍କୁ ଏହା ଜାଣିବା ଆବଶ୍ୟକ ଯେ କେଉଁ କିସମର ଲଙ୍କା ସୁରକ୍ଷା ପ୍ରଦାନ କରିଥାଏ ଏବଂ କେତେ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ବୈଜ୍ଞାନିକ କହିଛନ୍ତି ଯେ, ଖାଇବାରେ ତାଜା ଓ ଶୁଖିଲା ଲଙ୍କା କିମ୍ବା ଗୋଲମରିଚ ବ୍ୟବହାର କଲେ ଖାଇବାର ସ୍ୱାଦ ଦୁଇଗୁଣ ବଢ଼ିଯାଇଥାଏ। ତାଛଡା ଏହା ଖାଇବାରେ ଲୁଣର ମାତ୍ରା ମଧ୍ୟ ନିୟନ୍ତ୍ରଣ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଅତ୍ୟଧିକ ଲୁଣ ସେବନ ଉଚ୍ଚ ରକ୍ତଚାପ ଓ ହୃଦୟ ରୋଗର କାରଣ ହୋଇଥାଏ। କିନ୍ତୁ ବୈଜ୍ଞାନିକ ମିଶ୍ରିତ ମସଲା ଓ ବଜାରରେ ମିଳୁଥିବା ଚିଲି ସସ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି। ବୈଜ୍ଞାନିକ କହିଛନ୍ତି ଯେ ଏଥିରେ ଅଧିକ ମାତ୍ରାରେ ସୋଡିୟମ ଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଅଧ୍ୟୟନର ପ୍ରମୁଖ ଲେଖକ କହିଛନ୍ତି ଯେ, ନିୟମିତ ନାଲି ଲଙ୍କା ସେବନ କ୍ୟାନସର ଓ ହୃଦୟରୋଗ ଭଳି ନାନା ରୋଗର ଆଶଙ୍କା କମ କରିପାରେ।

# ରାଜସ୍ୱ ଅଧିକାରୀମାନେ ସମର୍ପଣର ସହ ସେବା କରନ୍ତୁ



**ଭୁବନେଶ୍ୱର,୨।୮ (ମହାଭାରତ):** ରାଜସ୍ୱ ସେବା ହେଉଛି ଶାସନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସେବା ମଧ୍ୟରୁ ଅନ୍ୟତମ, ଯାହା ଜନସାଧାରଣଙ୍କ ସହ ପ୍ରତ୍ୟେକ୍ଷ ଭାବେ ଜଡିତ ହୋଇ ରହିଥାଏ। ଏଣୁ ଓଡ଼ିଶା ରାଜସ୍ୱ ସେବା ଅଧିକାରୀମାନେ ଆନ୍ତରିକତା ଓ ସମର୍ପଣ ସହ ସେବା ଯୋଗାଇବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଆଜି ରାଜଭବନର ନ୍ୟୁ ଅଭିଷେକ ହଲଠାରେ ରେଭେନ୍ୟୁ ଅଫିସର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ରେ ତାଲିମ୍ ନେଉଥିବା ୨୦୨୨ ବ୍ୟାଚ୍‌ର ଓଡ଼ିଶା ରାଜସ୍ୱ ସେବାର ଅଧିକାରୀମାନଙ୍କ ସହ ବାର୍ତ୍ତାଳାପ ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି ଯେ, ପ୍ରଶାସନ କେବଳ ନିୟମ ଏବଂ ଫାଇଲରେ ସୀମିତ ନୁହେଁ। ଏହା ସର୍ବୋପରି ଲୋକଙ୍କ ସହ ଜଡିତ। ଏଣୁ ଯୁବ ଅଫିସରମାନେ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସର୍ବଦା ସଚେତନ ରହି ଉତ୍ସର୍ଗୀକୃତ ଭାବେ ଜନସାଧାରଣଙ୍କୁ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ କଲ୍ୟାଣକାରୀ ଯୋଜନା ସଂପର୍କରେ ରାଜ୍ୟପାଳ ଓଡ଼ିଶା ରାଜସ୍ୱ ସେବାର ଅଧିକାରୀମାନଙ୍କ ସହ ଆଲୋଚନା କରି ପ୍ରତ୍ୟେକ ଯୋଜନା ସଂପର୍କରେ ବିଶଦ ଜ୍ଞାନ ଆହରଣ କଲେ ସେମାନେ ଜନସାଧାରଣଙ୍କୁ ଅଧିକ ପ୍ରଭାବଶାଳୀ ଭାବରେ ମାର୍ଗଦର୍ଶନ କରିପାରିବେ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଭଳି କଲ୍ୟାଣକାରୀ ଯୋଜନାରେ ସାମିଲ ହେବାକୁ ରାଜ୍ୟପାଳ ପ୍ରୋତ୍ସାହିତ କରିଥିଲେ। ଯେତେବେଳେ ସଚେତନ ନାଗରିକମାନେ ଏପରି ଯୋଜନାରେ ସାମିଲ ହୁଅନ୍ତି, ଏହା ଜନସାଧାରଣଙ୍କ ବିଶ୍ୱାସ ସୃଷ୍ଟି କରିବାରେ ସାହାଯ୍ୟ କରେ ବୋଲି ରାଜ୍ୟପାଳ କହିଥିଲେ। ପ୍ରମୁଖ କଲ୍ୟାଣକାରୀ ଯୋଜନା ସଂପର୍କରେ ଏକ ହ୍ୟାଣ୍ଡବୁକ୍ ପ୍ରସ୍ତୁତ କରି ରାଜସ୍ୱ ଅଧିକାରୀ ତାଲିମ ପ୍ରତିଷ୍ଠାନରେ ତାଲିମ ଗ୍ରହଣ କରୁଥିବା ଅଧିକାରୀମାନଙ୍କୁ ବଂଟନ କରାଯିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ। ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ ଏହି କାର୍ଯ୍ୟକ୍ରମରେ ମଂଚାସୀନ ଥିଲେ।

# ମଡେଲ୍ ବସ୍ ଟର୍ମିନାଲର ଅଗ୍ରଗତି ସମୀକ୍ଷା

**ଭୁବନେଶ୍ୱର,୨।୮ (ମହାଭାରତ):** ରାଜ୍ୟ ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ତାଙ୍କ ସରକାରୀ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଜଗତସିଂହପୁରରେ ନିର୍ମାଣାଧୀନ ମଡେଲ୍ ବସ୍ ଟର୍ମିନାଲର ନିର୍ମାଣ ସ୍ଥଳ ପରିଦର୍ଶନ କରିଛନ୍ତି। ୧୬ କୋଟି ଟଙ୍କାର ଆନୁମାନିକ ମୂଲ୍ୟରେ ବିକଶିତ ହେଉଥିବା ଏହି ପ୍ରକଳ୍ପ ଲକ୍ଷ ଲକ୍ଷ ଯାତ୍ରୀଙ୍କ ଯାତାୟାତ ଅଭିଜ୍ଞତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ପାଇଁ କଳ୍ପନା କରାଯାଇଛି। ତାଙ୍କ ସହିତ ଜଗତସିଂହପୁରର କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଜେ. ସୋନାଲ , ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ସମ୍ବିତ କୁମାର ରାଉତ , ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବି ନାରାୟଣ ଜେଠି , ଜଗତସିଂହପୁର ପୌରପାଳିକାର ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ଏବଂ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ପରିଦର୍ଶନ ସମୟରେ ଶ୍ରୀମତୀ ପାଢୀ ଭିତ୍ତିଭୂମି ଯୋଜନା ଏବଂ କାର୍ଯ୍ୟାନ୍ୱୟନ ଉପାଦାନଗୁଡ଼ିକର ଘନିଷ୍ଠ ସମୀକ୍ଷା କରିଥିଲେ। ସେ ଟର୍ମିନାଲର ଦୀର୍ଘକାଳୀନ ଦକ୍ଷତା ସୁନିଶ୍ଚିତ କରିବା ପାଇଁ ସୁସଂଗଠିତ ପରିଚାଳନା ଏବଂ ରକ୍ଷଣାବେକ୍ଷଣ (ଡଂଗ) ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ସୁପାରିଶଗୁଡ଼ିକ ମଧ୍ୟରେ ସ୍ଥାନୀୟ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ବାଣିଜ୍ୟିକ ଦୋକାନ ସ୍ଥାନ ଯୋଗାଇବା, ବୈଦ୍ୟୁତିକ ଯାନ ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା ଏବଂ ସ୍ୱଚ୍ଛ ଏବଂ ସ୍ଥାୟୀ କାର୍ଯ୍ୟାନ୍ୱୟନ ପାଇଁ ସୌର ଶକ୍ତି ପ୍ରଣାଳୀର ସମନ୍ୱୟ ଅନ୍ତର୍ଭୁକ୍ତ ଥିଲା। ତାଙ୍କର ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ ଦଳଗୁଡ଼ିକ ଦ୍ୱାରା ସକାରାତ୍ମକ ଭାବରେ ସ୍ୱାଗତ କରାଯାଇଥିଲା, ଯେଉଁମାନେ ପରାମର୍ଶଗୁଡ଼ିକୁ ତୁରନ୍ତ ଅନ୍ତର୍ଭୁକ୍ତ କରିବାର ପ୍ରତିଶ୍ରୁତି ଦେଇଥିଲେ।

# ଜୟ ଓଡ଼ିଶା ପକ୍ଷରୁ ୭୦ ୟୁନିଟ୍ ରକ୍ତ ସଂଗ୍ରହ

**ଭୁବନେଶ୍ୱର,୨।୮ (ମହାଭାରତ):** ଜୟ ଓଡ଼ିଶା ଓ ମା ମଙ୍ଗଳା ୟୁଥ୍ କ୍ଲବ ର ମିଳିତ ଆନୁକୁଲ୍ୟରେ ୧୩ତମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ମା ମଙ୍ଗଳା କ୍ଲବ ପ୍ରାଙ୍ଗଣରେ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ବାସିନ୍ଦା ଓ କ୍ଲବର ସଦସ୍ୟମାନେ ମିଶି ରକ୍ତ ସଂଗ୍ରହ ଅଭିଯାନରେ ଅଂଶଗ୍ରହଣ କରିଥିଲେ। ସେଥିରୁ ଆଜି ୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।




ଆସନ୍ତା ଗଣେଶ ଚତୁର୍ଥୀ ପାଇଁ ମା ମଙ୍ଗଳା କ୍ଲବ ପକ୍ଷରୁ ଆୟୋଜିତ ପୂଜା ଆୟୋଜନ କରିବାକୁ ପ୍ରଥମ ଶୁଭଖୁଣ୍ଟ ସ୍ଥାପନା ରକ୍ତଦାନ ଭଳି ମହତ୍ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ଦ୍ୱାରା ରକ୍ତବିନା ଜୀବନ ସହିତ ସଂଗ୍ରାମ କରୁଥିବା ରୋଗୀ ମାନଙ୍କ ପାଇଁ ଏକ ମହତ କାର୍ଯ୍ୟ ହେବ ବୋଲି ସଭ୍ୟମାନେ ମତ ପ୍ରକାଶ କରିଥିଲେ।

ଅନ୍ୟମାନେ ଏହି ଭଳି କାର୍ଯ୍ୟରେ ଅନୁପ୍ରାଣିତ ହେବା ପାଇଁ ସଂଗଠକମାନେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ବିଜେପିର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଶିଳ୍ପପତି ତଥା ବିଜେପି ନେତା ପିୟୁଷ ମହାନ୍ତି ଓ ଅନ୍ୟାନ୍ୟ ଅତିଥି ମାନେ ଶିବିରରେ ଯୋଗଦେଇ ମା ମଙ୍ଗଳା କ୍ଲବର ଏପରି ଉନ୍ନତ ଚିନ୍ତାଧାରା କୁ ଖୁବ୍ ପ୍ରସଂଶା କରିଥିଲେ।

ଏହି ଶିବିରଟି ସ୍ଥାନୀୟ ବାସିନ୍ଦା, ଜୟ ଓଡ଼ିଶା ଓ ମା ମଙ୍ଗଳା ୟୁଥ୍ କ୍ଲବର ସମସ୍ତ ସଦସ୍ୟଙ୍କ ଅତ୍ୟନ୍ତ ଉତ୍ସାହ ଓ ସହଯୋଗ ବଳରେ ସୂଚାରୁ ରୂପେ ସମ୍ପାଦନ ହୋଇଥିଲା। ଆଗାମୀ ପୂଜା ସମୟରେ ମଧ୍ୟ ଏହି ରକ୍ତଦାନ ଅଭିଯାନ ଜାରି ରହିବ। ସେହି ଧାରାରେ ଆସନ୍ତା ୧୦ ତାରିଖରେ ହୋପ ଫାଉଣ୍ଡେସନ ସହ ମିଶି ଜୟ ଓଡ଼ିଶା ଏହାର ୧୪ତମ ରକ୍ତଦାନ ଶିବିର ଅନୁଷ୍ଠିତ କରିବାକୁ ଯାଉଛି ବୋଲି, ଜୟ ଓଡ଼ିଶାର ସଭାପତି ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟ ସୂଚନା ଦେଇଛନ୍ତି।

# ବାତଜ୍ୱର ସର୍ବେକ୍ଷଣ ଅଭିଯାନ

**ଭୁବନେଶ୍ୱର,୨।୮ (ମହାଭାରତ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଖୋର୍ଦ୍ଧା ଆନୁକୁଲ୍ୟରେ ଫ୍ୟାଲେରିଆ। (ବାତଜ୍ୱର) ନିରାକରଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟ ସ୍ତରୀୟ ବାତ ଜ୍ୱର ସର୍ବେକ୍ଷଣ ଆଜି ୦୧ ଅଗଷ୍ଟରୁ ଆରମ୍ଭ ହୋଇଅଛି। ଏହି ସର୍ଭେକ୍ଷଣରେ ଜିଲ୍ଲାର ୨୭୫ ଗୋଟି ବିଦ୍ୟାଳୟ ଭାଗ ନେବେ ଯେଉଁଥିରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କର ଫ୍ୟାଲେରିଅ। ନିରାକରଣ ପାଇଁ ନିରୂପଣ ପରୀକ୍ଷଣ କରାଯିବ। ଏହି ସର୍ବେକ୍ଷଣ ପ୍ରାଥମିକ ପର୍ଯ୍ୟାୟରେ ଖୋର୍ଦ୍ଧା, ଖୋର୍ଦ୍ଧା ସହରାଞ୍ଚଳ, ବେଗୁନିଆ, ବୋଲଗଡ଼, ବାଣପୁର, ଚିଲିକା ଓ ଟାଙ୍ଗୀ ଅଞ୍ଚଳରେ ଥିବା ବିଦ୍ୟାଳୟ ମାନଙ୍କରେ ଅଗଷ୍ଟ ୦୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଜଟଣୀ,ଜଟଣୀ ସହରାଞ୍ଚଳ, ଭୁବନେଶ୍ୱର, ଭୁବନେଶ୍ୱର ସହରାଞ୍ଚଳ ରେ ଥିବା ବିଦ୍ୟାଳୟ ଗୁଡିକରେ ଆସନ୍ତା ସେପ୍ଟେମ୍ବର ମାସରେ ସର୍ବେକ୍ଷଣ କରାଯିବ। ଏହି ସର୍ଭେ ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଶିକ୍ଷା ଅଧିକାରୀ ମାନଙ୍କୁ ଚିଠି ମାଧ୍ୟମରେ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ଅନୁରୋଧ କରାଯାଇଅଛି।

# ନାରୀ ନିର୍ଯାତନା ବୃଦ୍ଧି ପ୍ରତିବାଦରେ ମହିଳା କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର,୨।୮ (ମହାଭାରତ):** ମହିଳାଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ନିଜ ଦୋଷ, ଦୁର୍ବଳତା, ଅପାରଗତା ଏବଂ ପକ୍ଷପାତିତାକୁ ଘୋଡ଼ାଇବାକୁ ଯାଇ ବିଜେପି ଦଳ ଓ ବିଜେପି ସରକାର ନାଟକବାଜୀ କରୁଥିବାରୁ ତାର ପ୍ରତିବାଦରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହିଳା କଂଗ୍ରେସର ସଭ୍ୟାମାନେ ଚୂଡ଼ି ଧରି ପ୍ରତିବାଦ କରିଥିଲେ। କଂଗ୍ରେସ କାର୍ଯ୍ୟାଳୟରୁ ଏକ ବିକ୍ଷୋଭ ରାଲି ମାଷ୍ଟରକ୍ୟାଂଟିନ ଛକଦେଇ ଜନପଥରେ ଯାଉଥିଲା ବେଳେ ରାସ୍ତାରେ ପୋଲିସ ଏହି ରାଲିର ପଥ ଅବରୋଧ କରିଥିଲା। ପୋଲିସ ବାରିକେଡ ଭାଙ୍ଗି ଅଗ୍ରସର ହେଉଥିବାବେଳେ ମହିଳା କଂଗ୍ରେସ ସଭାନେତ୍ରୀ ଓ ଅନ୍ୟାନ୍ୟ କର୍ମକର୍ତାଙ୍କୁ ପୋଲିସ ଘଟଣାସ୍ଥଳରୁ ଉଠାଇ ନେଇଥିଲା। ବର୍ଷାରେବି ଏକଘଣ୍ଟା ଧରି ପୋଲିସ ସହ ମହିଳା କଂଗ୍ରେସ କର୍ମୀଙ୍କର ଧସ୍ତାଧସ୍ତି ହୋଇଥିଲା।



ଏହି ଅବସରରେ ଶ୍ରୀମତୀ ବାହିନୀପତି କହିଛନ୍ତି ଯେ ବିଜେପି ପକ୍ଷରୁ କଂଗ୍ରେସକୁ ବଳାତ୍କାରୀ ଦଳ କୁହାଯାଇଛି। ତେବେ ମହିଳାଙ୍କୁ ବଳାତ୍କାର, ଗଣବଳାତ୍କାର, ହତ୍ୟା ଓ ନିର୍ଯାତନା ବିଜେପି ସରକାରରେ ହିଁ ଅନିୟନ୍ତ୍ରିତ ହୋଇପଡ଼ିଛି। ଛାତ୍ର କଂଗ୍ରେସ ସଭାପତିଙ୍କ ନାମରେ ଅଭିଯୋଗ ପରେ ଦଳପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଛି । ତାଙ୍କର ଦୋଷ ଏପର୍ଯ୍ୟନ୍ତ ପ୍ରମାଣିତ ହୋଇନାହିଁ। ମାତ୍ର ବିଜେପିର ରାଜ୍ୟ ସଭାପତିଙ୍କ ଇତିହାସ କ'ଣ ତାହା ରାଜ୍ୟବାସୀ ଜାଣନ୍ତି। ବିଜେପି ମହିଳାମୋର୍ଚ୍ଚା ପକ୍ଷରୁ ବିଜେପି ରାଜ୍ୟ କାର୍ଯାଳୟ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ବାସଭବନ ଆଗରେ ବିକ୍ଷୋଭ କରିବା ଉଚିତ। ବିଜେପି ସଭାପତିଙ୍କ କୁଶପୁତଳିକା ବିଜେପି କାର୍ଯାଳୟ ଆଗରେ ପୋଡ଼ା ହେବା ଉଚିତ ।

# ୮୭ବର୍ଷ ବୟସ୍କା ମହିଳାଙ୍କ ଦୁଇ ଆଣ୍ଠୁ ପ୍ରତିରୋପଣ

**ଭୁବନେଶ୍ୱର,୨।୮ (ମହାଭାରତ):** କିମ୍ସ ସୁପର ସ୍ପେସିଆଲିଟି ହସ୍ପିଟାଲ୍‌ରେ ଜଣେ ୮୭ ବର୍ଷୀୟା ମହିଳାଙ୍କଠାରେ ଉଭୟ ଆଣ୍ଠୁର ସଫଳ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଛି। ଜଣେ ବୟସ୍କା ମହିଳାଙ୍କ ଦୁଇଟି ଆଣ୍ଠୁର ସମ୍ପୂର୍ଣ୍ଣ ସଫଳ ପ୍ରତିରୋପଣ କରାଯିବା ହେଉଛି ଓଡ଼ିଶା ଓ ପୂର୍ବ ଭାରତରେ ପ୍ରଥମ। ମହିଳା ଜଣକ ଗତ ୧୫ବର୍ଷ ଧରି ଗୁରୁତର ଆଣ୍ଠୁ ଗଣ୍ଠି ରୋଗରେ ପୀଡ଼ିତ ଥିଲେ ଏବଂ ୫ ବର୍ଷ ଧରି ଶଯ୍ୟାଶାୟୀ ଥିଲେ। ଏଥିପାଇଁ ଅସ୍ତ୍ରୋପଚାର କରିବାକୁ ଡାକ୍ତରମାନେ ପରାମର୍ଶ ଦେଇଥିଲେ ସୁଦ୍ଧା ଅସ୍ତ୍ରୋପଚାର ସଫଳ ହେବ କି ନାହିଁ କିମ୍ବା ଆହୁରି ଅକ୍ଷମ ହୋଇଯିବେ, ଏହି ଭୟରେ ସେ ଅସ୍ତ୍ରୋପଚାର ପାଇଁ ରାଜି ହେଉ ନ ଥିଲେ।

କିନ୍ତୁ ତାଙ୍କ ଅବସ୍ଥା ଅତି ଶୋଚନୀୟ ହେବାପରେ ଦୈନନ୍ଦିନ କାର୍ଯ୍ୟ କରିପାରିବେ ବୋଲି ତାଙ୍କ ପରିବାର ଲୋକ ଅନୁଭବ କଲେ। ପରେ ତାଙ୍କୁ କିମ୍ସ ଆଣ୍ଠୁ ଗଣ୍ଠି ପ୍ରତିରୋପଣ ବିଶେଷଜ୍ଞ ଡା ବସନ୍ତ ବେହେରାଙ୍କ ସହ ପରାମର୍ଶ କରିଥିଲେ। ମହିଳାଙ୍କର ବୟସ ଦୃଷ୍ଟିରୁ ଏବଂ ତାଙ୍କର ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ, ହାଇପୋଥାଇରଏଡ଼ିଜିମ୍ ଆଦି ସ୍ୱାସ୍ଥ୍ୟ ସମସ୍ୟାକୁ ଦେଖି ୩ମାସ ଅନ୍ତରରେ ଦୁଇଟି ପର୍ଯ୍ୟାୟରେ ଅସ୍ତ୍ରୋପଚାର କରିବା ପାଇଁ ଡା. ବେହେରା ନିଷ୍ପତ୍ତି ନେଇଥିଲେ। ଗତ ଏପ୍ରିଲ୍ ୭ରେ ଡାହଣ ଆଣ୍ଠୁ ଏବଂ ଜୁଲାଇ ୨୧ରେ ବାମ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ଅତ୍ୟାଧୁନିକ କୌଶଳ ଅବଲମ୍ବନ କରାଯାଇଥିବାରୁ ଯନ୍ତ୍ରଣା ଓ ବିପଦ କମ୍ ରହିଥିଲା। ଅସ୍ତ୍ରୋପଚାର ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ମହିଳା ଜଣକ ଯେପରି ଯନ୍ତ୍ରଣା ଅନୁଭବ ନ କରିବେ ସେଥିପାଇଁ ନିଶ୍ଚେତକ ବିଶେଷଜ୍ଞ ଡା. ରାଜ ମୋହନ ଓ ତାଙ୍କ ଦଳ ନର୍ଭ ବ୍ଲକ ସହ ମେରୁଦଣ୍ଡ ନିଶ୍ଚେତକ ବ୍ୟବହାର କରିଥିଲେ। ପ୍ରତ୍ୟେକ ଅସ୍ତ୍ରୋପଚାରର ଦିନକ ପରେ ମହିଳା ଜଣକ ସାହାରା ନେଇ ଚାଲିଥିଲେ। ଶେଷ ଅସ୍ତ୍ରୋପଚାରର ମାତ୍ର ୫ଦିନ ପରେ କୌଣସି ଜଟିଳତା ନ ଥାଇ ତାଙ୍କୁ ହସ୍ପିଟାଲ୍‌ରୁ ଡ଼ିସ୍‌ଚାର୍ଜ କରାଯାଇଥିଲା। ସାଧାରଣତଃ ବୟସ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକଙ୍କ ଗଣ୍ଠି ପ୍ରତିରୋପଣ କରିବା ଅଧିକ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଏହା ବ୍ୟତୀତ ଆଣ୍ଠୁ ପ୍ରତିରୋପଣ ପାଇଁ ସେପରି କିଛି ବୟସ ସୀମା ନାହିଁ ବୋଲି ଆଣ୍ଠୁଗଣ୍ଠି ପ୍ରତିରୋପଣ ବିଶେଷଜ୍ଞ ଡା. ବେହେରା ପ୍ରକାଶ କରିଛନ୍ତି।

# ସଂଖ୍ୟାଲଘୁ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଦୁର୍ଭାଗ୍ୟଜନକ

**ଭୁବନେଶ୍ୱର,୨।୮ (ମହାଭାରତ):** ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଘଟଣାରେ ପୋଲିସ୍ ଏତଲା ଗ୍ରହଣ ନ କରିବା ଉଦବେଗଜନକ ବୋଲି କହିଛି ବିଜୁ ଜନତା ଦଳ।

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ପିଏସି ସଦସ୍ୟା ଶ୍ରୀମତୀ ଟୁକୁନି ସାହୁ କହିଛନ୍ତି ଯେ, ବିଜେପି ସରକାରରେ ରାଜ୍ୟରେ ମହିଳାମାନେ କୌଣସି କ୍ଷେତ୍ରରେ ସୁରକ୍ଷିତ ନାହାନ୍ତି । ପ୍ରତିଦିନ ରାଜ୍ୟରେ ଘଟୁଥିବା ନାରୀ ନିର୍ଯାତନା ଘଟଣା ପାଇଁ ଓଡ଼ିଶା ଦେଶରେ ନିନ୍ଦିତ ହେଉଛି।



ଦଳର ମୁଖପାତ୍ର ଶ୍ରୀମତୀ ଇପ୍ସୀତା ସାହୁ କହିଥିଲେ ଯେ, ବିଜେପି ସରକାରରେ ମହିଳା ଓ ଛାତ୍ରୀମାନେ ପ୍ରତ୍ୟେକ ଦିନ ନିର୍ଯାତନାର ଶିକାର ହେଉଥିବା ବେଳେ ଯାଜପୁର ଜିଲ୍ଲାରେ ଏକ ଅଭାବନୀୟ ନାରୀ ନିର୍ଯାତନାର ଖବର ସାମ୍ନାକୁ ଆସିଛି । ବିଜେପି ସଂଖ୍ୟାଲଘୁ ସେଲ୍ର ସଭାପତିଙ୍କ ପତ୍ନୀଙ୍କୁ ତାଙ୍କ ଝିଅ ସାମ୍ନାରେ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ପୋଲିସ୍ର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କର ଏତଲାକୁ ପୋଲିସ୍ ଏ ପର୍ଯ୍ୟନ୍ତ ଗ୍ରହଣ କରୁନାହିଁ । ତାଙ୍କ ସ୍ୱାମୀଙ୍କୁ ଧର୍ମଶାଳାରେ ବ୍ୟବସାୟ କରିବା ପାଇଁ ହେଲେ ମାସିକ ଦାଦାବାଟି ଦେବାକୁ ପଡ଼ିବ ବୋଲି ବିଧାୟକ ଧମକ ଦେଉଛନ୍ତି ବୋଲି ସେ ତାଙ୍କ ଏତଲାରେ ଦର୍ଶାଇଥିଲେ ମଧ୍ୟ ପୋଲିସ୍ ଏପର୍ଯ୍ୟନ୍ତ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସେହିପରି ଯାଜପୁର ଜିଲ୍ଲାରେ ଜଣେ କର୍ତ୍ତବ୍ୟରତ ମହିଳା ଏଏସ୍ଆଇଙ୍କୁ ଥାନା ଭିତରେ ବିଜେପି ସମର୍ଥକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଅପମାନିତ କରିଥିଲେ।

ସେହିପରି ଦଳର ମୁଖପାତ୍ର ସୋଫିଆ ଆଲାମ କହିଥିଲେ ଯେ, ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାମାନେ ନିର୍ଯାତନାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ। ଏଠି ଅପରାଧୀ ଉପରମୁହାଁ ହୋଇଥିବା ବେଳେ ସରକାର ଉପାୟଶୂନ୍ୟ ହୋଇପଡ଼ିଛନ୍ତି।

## ନାବାଳିକା ଦୁଷ୍କର୍ମ ଘଟଣା

# ସୁନ୍ଦରଗଡ ଗଲା କଂଗ୍ରେସ ଅନୁଧ୍ୟାନ କମିଟି

**ଭୁବନେଶ୍ୱର,୨।୮ (ମହାଭାରତ):** ସୁନ୍ଦରଗଡ଼ ଜିଲ୍ଲାର ତଲସରା ଅଞ୍ଚଳରେ ଜଣେ ନାବାଳିକାକୁ ଅପହରଣ ଓ ୧୪ଦିନ ପର୍ଯ୍ୟନ୍ତ ଏକ ଭଡ଼ାଘରେ ରଖି ଦୁଷ୍କର୍ମ କରିବା ଘଟଣାର ତଥ୍ୟ ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି କମିଟିରେ ବିଧାୟକ ତଥା ପିସିସି ଉପସଭାପତି ଶ୍ରୀସି.ଏସରାଜନ ଏକା ଅଧକ୍ଷ ରହିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ ସଂଯୋଜକ ନିର୍ମଳ ନାଏକ ଆବାହକ ଭାବରେ ରହିଛନ୍ତି। ସେହିପରି କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଅମିତା ବିଶ୍ୱାଳ, ଭୁଲକିସେଠ, ଗେରୋଟିସେସ୍, କଳ୍ପନା ଆପଟ, ବିନିତା ନାୟକ, ସୁଧାଂଶୁ ପଶାୟତ, ଦିଲ୍ଲୀପ କୁମୁରା, ଦେବେନ୍ଦ୍ର ଭିତିରିଆ ଓ ଇକବାଲ ମଲ୍ଲିକ ସଭ୍ୟ ଭାବରେ ରହିଛନ୍ତି।

ଉକ୍ତ କମିଟି ଆଜି ଘଟଣାସ୍ଥଳକୁ ଗସ୍ତକରି ପୀଡ଼ିତାଙ୍କ ପରିବାରଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଖୁବଶୀଘ୍ର କମିଟି ଦାଖଲ କରିବ ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଆଜି ଗସ୍ତରେ ଯାଇଥିବା ନେତୃ ବୃନ୍ଦ ସର୍ବଶ୍ରୀସି.ଏସରାଜନ ଏକା, ନିର୍ମଳ ନାୟକ, ଅମିତା ବିଶ୍ୱାଳ, କଳ୍ପନା ଆପଟ, ଗେରୋଟିସେସ୍, ଭୁଲକିସେଠ, ବିନିତା ନାୟକ, ଦେବେନ୍ଦ୍ର ଭିତିରିଆ, ବାଲମତି କିଶାନ, ଦିଲ୍ଲୀପ କୁମୁରା ଏବଂ ସୁଧାଂଶୁ ପଶାୟତ ରହିଛନ୍ତି।

# ୨୦ ରେଳ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨।୮ (ମହାଭାରତ):** ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ହୃଦୟସ୍ପର୍ଶୀ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳରୁ ଦୁଇ ଅଧିକାରୀଙ୍କ ସମେତ କୋଡ଼ିଏ ଜଣ ରେଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରାଯାଇଛି।



କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ପରିଚାଳନା) ପ୍ରଦୀପ କୁମାର ବେହରା ଏବଂ ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଭିତିଭୂମି) ଶୁଭ୍ରଜ୍ୟୋତି ମଣ୍ଡଳ ଯୋଗ ଦେଇ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲେ ଏବଂ ସେମାନଙ୍କୁ ସେମାନଙ୍କର ପେନସନ୍ ପେମେଣ୍ଟ ଅର୍ଡର (ପିପିଓ) ପ୍ରଦାନ କରିଥିଲେ।

ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନେ ଅବସରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ସେମାନଙ୍କର ବର୍ଷ ବର୍ଷର ସେବା ସମୟରେ ପ୍ରଦର୍ଶନ କରାଯାଇଥିବା ସମର୍ପଣ, କଠିନ ପରିଶ୍ରମ ଏବଂ ସତର୍କତାକୁ ପ୍ରଶଂସା କରିଥିଲେ। ସେମାନେ ସୁରକ୍ଷିତ ଏବଂ ଦକ୍ଷ ରେଳ ପରିଚାଳନା ସୁନିଶ୍ଚିତ କରିବାରେ କର୍ମଚାରୀମାନଙ୍କ ଦ୍ୱାରା ଦିଆଯାଇଥିବା ଅମୂଲ୍ୟ ଅବଦାନକୁ ସ୍ୱୀକାର କରିଥିଲେ।

ଏହି ସମାରୋହକୁ ସମ୍ବୋଧିତ କରି ଏଡିଆରଏମମାନେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସକାରାତ୍ମକ ଭାବରେ ସେମାନଙ୍କର ଅବସର ପରବର୍ତୀ ଜୀବନକୁ ଗ୍ରହଣ କରିବାକୁ ଉତ୍ସାହିତ କରିବା ସହ ସେମାନଙ୍କୁ ସେମାନଙ୍କର ସମୟକୁ ଫଳପ୍ରଦ ଭାବରେ ବ୍ୟବହାର କରିବାକୁ ଏବଂ ଏକ ସୁଖୀ ଏବଂ ପରିପୂର୍ଣ୍ଣ ଜୀବନ ବିତାଇବାକୁ ପରାମର୍ଶ ଦେଇଥିଲେ।

ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳରୁ ଅବସର ଗ୍ରହଣ କରିଥିବା ରେଳବାଇ କର୍ମଚାରୀ ମାନେ ହେଲେ ପୁରୀର ବରିଷ୍ଠ କୋଚିଂ ଡିପୋ ଅଧିକାରୀ ସୁରେନ୍ଦ୍ର କୁମାର ପାଢ଼ୀ, ସହାୟକ ବାଣିଜ୍ୟିକ ପ୍ରବନ୍ଧକ ବଶିଷ୍ଠ କୁମାର ପ୍ରଧାନ, ବାଣିଜ୍ୟିକ ବିଭାଗରୁ ଏମ୍ ରାମାରାଓ, ବାସୁଦେବ ସାହୁ; ମେକାନିକାଲ୍ ବିଭାଗରୁ ଆର. କେ. ବେହେରା, ଏ. ରାମା, ଏସ. ମହମ୍ମଦ, ଏମ୍ ଆର ଦାସ, ବି. ସି. ପଟ୍ଟନାୟକ; ଇଞ୍ଜିନିୟରିଂ ବିଭାଗରୁ ଏମ୍ ସୋରେନ୍, ଏନ୍ ସିଂହ, ବି. ସି ମହାରଣା, ଜେ ସାହୁ, ଆର. କେ. ଜାନି; ବୈଦ୍ୟୁତିକ ବିଭାଗରୁ ଜି. ବି. ରାଉତ, ପି. ପାତ୍ର, ଜି. ସେଠି; ପରିଚାଳନା ବିଭାଗରୁ ଏନ. କେ. ଦାସ, ଡି. ପି. ରୟଙ୍କ ସହ ; ଆରପିଏଫ୍ ଇନ୍ସପେକ୍ଟର ବି. କେ. ଜେନା ଅନ୍ତର୍ଭୁକ୍ତ ଅଟନ୍ତି।

# ପୋଶ୍ ଆଇନ ସମ୍ପର୍କରେ ପ୍ରଶିକ୍ଷଣ

**ଭୁବନେଶ୍ୱର,୨।୮ (ମହାଭାରତ):** କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଯୌନ ଉତ୍ପୀଡନ (ସୁରକ୍ଷା, ନିଷେଧ ଓ ନିବାରଣ) ଆଇନ୍-୨୦୧୩ ସମ୍ବନ୍ଧୀୟ ଏକ କର୍ମଶାଳା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାର୍ଯ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧକ୍ଷା ଯୁଗ୍ମ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀମତୀ ସ୍ମିତା ଚମ୍ପତିରାୟ ଅଧକ୍ଷତା କରିଥିଲେ। କମିଟିର ସଦସ୍ୟମାନେ ସମସ୍ତ ସରକାରୀ କର୍ମକ୍ଷେତ୍ରରେ ମହିଳାଙ୍କୁ ସୁସ୍ଥ ଏବଂ ନିରାପଦ ପରିବେଶ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। କମିଟିର ଲକ୍ଷ୍ୟ, ଆଭିମୁଖ୍ୟ ଓ ପୋଶ୍ ଆଇନ୍, ୨୦୧୩ ର ନ୍ୟାୟିକ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ବୈଠକରେ ମହିଳାମାନଙ୍କ ଅଧିକାର ସମ୍ବନ୍ଧରେ କାର୍ଯ୍ୟ କରୁଥିବା ଏନଜିଓ ସଂସ୍ଥାରୁ ଶ୍ରୀମତୀ ତୃପ୍ତି ମଞ୍ଜରୀ ବରାଳ ଯୋଗଦେଇ ପୋଶ୍ ଆଇନ୍, ୨୦୧୩ ବିଷୟରେ ସଚେତନ କରାଇବା ସହ ଯଦି କୌଣସି ଅଭିଯୋଗ ଭବିଷ୍ୟତରେ ଆସିଲା, ତେବେ କମିଟିର ନଜରକୁ ଆଣିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ସରୋଜ କୁମାର ସାହୁ ଓ ପଦ୍ମନାଭ ବେହେରା, କମିଟିର ସଦସ୍ୟ/ସଦସ୍ୟା ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ଡାକ ବିଭାଗ ପକ୍ଷରୁ ଏପିଟି ୨.୦ ଆପ୍ଲିକେସନର ପ୍ରଚଳନ

**ଭୁବନେଶ୍ୱର,୨।୮ (ମହାଭାରତ):** ଡିଜିଟାଲ ରୂପାନ୍ତରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଡାକ ବିଭାଗ ପକ୍ଷରୁ ଏପିଟି ୨.୦ ଆପ୍ଲିକେସନର ପ୍ରଚଳନ ପାଇଁ ଘୋଷଣା କରାଯାଇଛି । ଏପିଟି (ଆଡଭାନ୍ସଡ୍ ପୋଷ୍ଟାଲ୍ ଟେକ୍ନୋଲୋଜି) ହେଉଛି ଡିଜିଟାଲ୍ ଉତ୍କର୍ଷତା ଏବଂ ରାଷ୍ଟ୍ର ନିର୍ମାଣ ଦିଗରେ ଡାକ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ବୈପ୍ଳବିକ ପରିବର୍ତ୍ତନ। ଆସନ୍ତା ଅଗଷ୍ଟ ୪ ତାରିଖ ଠାରୁ ଏହି ଆଧୁନିକ ତଥା ଉନ୍ନତ ପ୍ରଣାଳୀ ଓଡ଼ିଶା ପରିମଣ୍ଡଳର ସମସ୍ତ ଡାକଘରେ କାର୍ଯ୍ୟକାରୀ ହେବ। ଏହି ଉନ୍ନତ ଡିଜିଟାଲ୍ ପ୍ଲାଟଫର୍ମକୁ ସୁଗମ ଓ ସୁରକ୍ଷିତ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଆସନ୍ତା ୨ ଅଗଷ୍ଟକୁ କାରବାରମୁକ୍ତ ଦିନ ଭାବରେ ସ୍ଥିର କରାଯାଇଛି। ତେଣୁ ୦୨.୦୮.୨୦୨୫ରେ, ଡାକ ଘରଗୁଡ଼ିକରେ (କଟକ, ବ୍ରହ୍ମପୁର, ସମ୍ବଲପୁର ମୁଖ୍ୟ ଡାକଘର ଏବଂ ଏହା ଅଧୀନରେ ଥିବା ଉପ ଓ ଶାଖା ଡାକଘର ଗୁଡିକୁ ଛାଡି) କୌଣସି ସାର୍ବଜନୀନ କାରବାର କରାଯିବ ନାହିଁ। ଏହି ନୂତନ ଡିଜିଟାଲ୍ ପ୍ଲାଟଫର୍ମରେ ଡାଟା ସ୍ଥାନାନ୍ତର, ପ୍ରଣାଳୀଗତ ବୈଧତା ଏବଂ ଢାଂଚାଗତ ପ୍ରକ୍ରିୟାକୁ ସହଜ କରିବା ପାଇଁ ଡାକ ସେବାଗୁଡ଼ିକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିବାର ଆବଶ୍ୟକତା ରହିଛି । ତେଣୁ ଆସନ୍ତା ୨ ତାରିଖ ଦିନ ଡାକ କାରବାର ବନ୍ଦ ରହିବ। ଏପଟି ଆପ୍ଲିକେସନର ପ୍ରଚଳନ ଉନ୍ନତ ଉପଭୋକ୍ତା ଅଭିଜ୍ଞତା, ଦ୍ରୁତ ସେବା ବିତରଣ ଏବଂ ଅଧିକ ଗ୍ରାହକ-ଅନୁକୂଳ ଇଣ୍ଟରଫେସ୍ ପ୍ରଦାନ କରିବା ପାଇଁ ପରିକଳ୍ପନା କରାଯାଇଛି । ଉନ୍ନତ, ଦକ୍ଷ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଡାକ ସେବା ପ୍ରଦାନ କରିବା ଲାଗି ଏହା ଡାକ ବିଭାଗର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଆସନ୍ତା ଅଗଷ୍ଟ ୨ ତାରିଖରେ କାରବାର ବନ୍ଦକୁ ଦୃଷ୍ଟିରେ ରଖି ଗସ୍ତ ଯୋଜନା କରିବା ଏବଂ ଏହି ସଂକ୍ଷିପ୍ତ ବ୍ୟାଘାତ ସମୟରେ ସହଯୋଗ କରିବା ଲାଗି ଡାକ ବିଭାଗ ଯୋଜନା କରିଛି। ଏହି ଅସୁବିଧା ପାଇଁ ଡାକ ବିଭାଗ ପକ୍ଷରୁ ଗଭୀର ଦୁଃଖ ପ୍ରକାଶ କରାଯାଇଛି । ଏଥିସହିତ ପ୍ରତ୍ୟେକ ନାଗରିକଙ୍କୁ ଉନ୍ନତ, ଦ୍ରୁତ ଏବଂ ଅଧିକ ଡିଜିଟାଲ୍ ସଶକ୍ତ ସେବା ପ୍ରଦାନ କରିବା ପାଇଁ ଏହି ପଦକ୍ଷେପଗୁଡ଼ିକ ନିଆଯାଉଛି ବୋଲି ଡାକ ବିଭାଗ ଆଶ୍ୱସ୍ତି ପ୍ରଦାନ କରିଛି।

# ଅଭିଭାବକ - ଶିକ୍ଷକ ବୈଠକ

**ଭୁବନେଶ୍ୱର,୨।୮ (ମହାଭାରତ):** ଚଳିତ ଶିକ୍ଷାବର୍ଷ ୨୦୨୫-୨୬ର ଦ୍ୱିତୀୟ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ସାରା ରାଜ୍ୟରେ ଅନୁଷ୍ଠିତ ହୋଇଯାଇଛି ।



ଉକ୍ତ କାର୍ଯ୍ୟକ୍ରମରେ 'ଆସ ସ୍କୁଲ ଯିବା ଅଭିଯାନ', ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ପାଇଁ ନିରାପଦ ପରିବେଶ ସୃଷ୍ଟି, ବାଳିକାମାନଙ୍କର ସୁରକ୍ଷା ଓ ନିରାପତା ପାଇଁ ସଚେତନତା ଓ କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କ ପାଇଁ ସୁରକ୍ଷାକୁ ସୁନିଶ୍ଚିତ କରିବା, ମାଆ ପାଇଁ ଗଛ ଟିଏ ୨.୦, କୈଶୋର ଛାତ୍ରୀମାନଙ୍କ ପାଇଁ ଇନ୍‌ସିନେରେଟର ଓ ଭେଣ୍ଡିଂ ମେସିନ୍ ର ବ୍ୟବସ୍ଥା ଓ ବିଦ୍ୟାଳୟରେ ପରିଷ୍କାର ଓ ପରିଚ୍ଛନ୍ନତା , ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି, ଛାତ୍ରଛାତ୍ରୀମାନଙ୍କୁ ପୋଷାକ, ଜୋତା ଆଦି ଉପକରଣ ବିତରଣ, ଛାତ୍ରଛାତ୍ରୀମାନଙ୍କ କ୍ୟାରିୟର ଗଠନରେ ପିତାମାତାଙ୍କ ଭୂମିକା, ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଓ ଅଭିଭାବକ ଓ ଶିକ୍ଷକମାନଙ୍କର ଭୂମିକା ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା। ଅଭିଭାବକ ଶିକ୍ଷକ ସମ୍ମିଳନୀ ରାଜ୍ୟବ୍ୟାପୀ ଗୋଟିଏ ଦିନରେ ଅନୁଷ୍ଠିତ ହେଉଛି। ଚଳିତ ବୈଠକରେ ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ଉନ୍ନତିକରଣ ପ୍ରକ୍ରିୟାରେ ଗୋଷ୍ଠୀ ଓ ଅଭିଭାବକମାନେ ସମ୍ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ । ରାଜ୍ୟସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଆୟୋଜିତ ଏହି ସମ୍ମିଳନୀରେ ଶିକ୍ଷାର ମାନବୃଦ୍ଧି ନିମନ୍ତେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା ।

# ଇଭିଏମରେ ଜାଲିଆତି

ବିରୋଧୀ ଇଭିଏମରେ ଜାଲିଆତି ଅଭିଯୋଗ ଉଠାଉଛନ୍ତି ତ କେତେବେଳେ ଭୋଟର ତାଲିକାରେ ଅନିୟମିତତା କଥା ଉଠାଉଛନ୍ତି। ହରିୟାନା ବିଧାନସଭା ନିର୍ବାଚନରେ ପରାଜୟ ପରେ ସେ ଏହି କଥା ଉଠାଉଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଇଣ୍ଡି ମେଣ୍ଟର ଶୋଚନୀୟ ପରାଜୟ ପରେ ସେ ପୁନର୍ବାର ଜାଲ ଭୋଟର ପ୍ରସଙ୍ଗ ଉଠାଇଲେ। ସେ ଚିନ୍ତା କରିପାରୁନାହାଁନ୍ତି ଯେ, ଗୋଟିଏ ବିଧାନସଭା ନିର୍ବାଚନ ମଣ୍ଡଳୀରେ କେତେ ସଂଖ୍ୟକ ଜାଲ ଭୋଟର ହେଲେ ଜଣେ ପ୍ରାର୍ଥୀ ୨୦ରୁ ୪୦ ଭୋଟରେ ଜିତିବ? ମହାରାଷ୍ଟ୍ରର ୨୮୮ ବିଧାନସଭା ଆସନରେ ଏଭଳି ଜାଲିଆତି କରିବା ଜିତିବାକୁ ହେଲେ ଅତି କମରେ କୋଟିଏ ଜାଲ ଭୋଟରଙ୍କ ଆବଶ୍ୟକତା ରହିଛି। ଏହା ଅସମ୍ଭବ। ଏବେ ବିହାର ବିଧାନସଭା ନିର୍ବାଚନରେ ମଧ୍ୟ ଅନୁରୂପ କୌଶଳରେ ବିଜେପି ଜିତିବାକୁ ଯୋଜନା କରୁଥିବା ଆଶଙ୍କା ବ୍ୟକ୍ତ କରିଛନ୍ତି ରାହୁଲ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ବିହାରରେ ମଧ୍ୟ କଂଗ୍ରେସ ଶୋଚନୀୟ ଭାବେ ପରାଜିତ ହେବ ବୋଲି ରାହୁଲ ପୂର୍ବାନୁମାନ କହୁଛନ୍ତି। ନିକଟରେ ଗୁଜରାଟରେ ଦଳୀୟ କର୍ମୀଙ୍କୁ ଉଦବୋଧନ ଦେଇ କଂଗ୍ରେସ ନେତା ରାହୁଲ ଗାନ୍ଧି କହିଛନ୍ତି ଯେ, ଦଳରେ ରହି କେତେକ ବ୍ୟକ୍ତି ବିଜେପି ପାଇଁ କାମ କରୁଛନ୍ତି। ଆବଶ୍ୟକ ପଡ଼ିଲେ ଏଭଳି ୩୦ରୁ ୪୦ ନେତାଙ୍କୁ ଦଳରୁ ବହିଷ୍କାର କରାଯିବ ବୋଲି ରାହୁଲ ଚେତାବନୀ ଦେଇଛନ୍ତି। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ସେ ଏହା କହିଛନ୍ତି। ପୂର୍ବରୁ ମଧ୍ୟ ଅନେକ ଥର ସେ ଏଭଳି ଧମକ ବା ଚେତାବନୀ ଦେଇଛନ୍ତି। କଂଗ୍ରେସରେ ଯିଏ ଯେତେବେଳେ ଶୃଙ୍ଖଳା ରକ୍ଷା ବା ଅନୁଶାସନ କଥା କହିଲା, ଯିଏ ନେତୃତ୍ୱର ଦୁର୍ବଳତା ପ୍ରସଙ୍ଗ ଉଠାଇଲା, ତାଙ୍କୁ ରାହୁଲ ସଦାସର୍ବଦା ବିଜେପି ଏଜେଣ୍ଟ ବୋଲି କହିଥାଆନ୍ତି। ଏକଦା ସୋନିଆ ଗାନ୍ଧିଙ୍କୁ ପତ୍ର ଲେଖି କଂଗ୍ରେସର ୧୪ଜଣ ବରିଷ୍ଠ ନେତା କଂଗ୍ରେସରେ ସ୍ଥାୟୀ ସଭାପତି ନିଯୁକ୍ତି ପାଇଁ ଦାବି କରିଥିଲେ। ଏଥିରେ କ'ଣ ଭୁଲ ଥିଲା? କିନ୍ତୁ ରାହୁଲ ଏହି ନେତାମାନଙ୍କୁ ବିଜେପିର ଏଜେଣ୍ଟ ବୋଲି କହିଥିଲେ। ଅର୍ଥାତ କଂଗ୍ରେସରେ ରହି କେହି ଗାନ୍ଧି ପରିବାରକୁ ପ୍ରଶ୍ନ କରିପାରିବେନି, କେହି ଏହାର ନେତୃତ୍ୱ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିପାରିବନି। ଗାନ୍ଧି ପରିବାର ଯେତେବେଳେ ଯାହା ନିଷ୍ପତ୍ତି ନେବେ ତାହା ଚୁଡ଼ାନ୍ତ। ଏହାକୁ ଯିଏ ସ୍ୱୀକାର ନକଲା ସେ ବିଜେବପିର ଏଜେଣ୍ଟ। ବାସ୍ତବରେ ରାହୁଲଙ୍କୁ ବିଜେପି ଭୁତ ଲାଗିଛି। ନଚେତ ସେ ଏପରି କଥା କହୁନଥାନ୍ତେ। ବିଜେପି ଏବଂ ନରେନ୍ଦ୍ର ମୋଦିଙ୍କ ପ୍ରତି ତାଙ୍କର ଭୟକୁ ଏହା ପ୍ରମାଣିତ କରୁଛି। ରାହୁଲ ଗାନ୍ଧି ଏବେ ଲୋକସଭାରେ ବିରୋଧୀ ଦଳ ନେତା। କିନ୍ତୁ ଦଳର ରାଷ୍ଟ୍ରୀୟ ସଭାପତି ହେଉଛନ୍ତି ମଲ୍ଲିକାର୍ଜୁନ ଖାର୍ଗେ। ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଯଦି କାହା ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ତେବେ ସେହି ନିଷ୍ପତ୍ତି ନେବାର ଦାୟିତ୍ୱ ଏବଂ କ୍ଷମତା କେବଳ ଖାର୍ଗେଙ୍କ ହାତରେ ରହିଛି। ରାହୁଲ ଚାହିଁଲେ ଦଳରୁ କାହାରିକୁ ବିଦା କରିପାରିବେ ନାହିଁ। ଦଳରୁ ୩୦/୪୦ ଜଣ ନେତାଙ୍କୁ ବହିଷ୍କାର କରାଯିବ ବୋଲି ରାହୁଲଙ୍କ ଚେତାବନୀ ପ୍ରମାଣିତ କରୁଛି ଯେ, ସେ ହେଉଛନ୍ତି କଂଗ୍ରେସ ଦଳର ନେତା ବା ମାଲିକ। ଖାର୍ଗେ କେବଳ ଗାନ୍ଧି ପରିବାରର ନିର୍ଦ୍ଦେଶପାଳନକାରୀ। ସେ ହେଉଛନ୍ତି ଜଣେ ସଖୀ କଣ୍ଢେଇ ସଭାପତି। ତାଙ୍କୁ ଆଗରେ ରଖି ରାହୁଲ, ସୋନିଆ, ପ୍ରିୟଙ୍କା କଂଗ୍ରେସ ଦଳକୁ ନିଜ ଅକ୍ତିଆରରେ ରଖିଛନ୍ତି। ଯାହା ବି ହେଉ ରାହୁଲ ଦଳ ଭିତରେ ଥିବା ଷଡ଼ଯନ୍ତ୍ରକାରୀଙ୍କୁ ଯେଉଁ ଚେତାବନୀ ଦେଇଛନ୍ତି ତାହା ଉପରେ ତର୍ଜମା କଲେ ସ୍ପଷ୍ଟ ହେବ ଯେ, ଏହା ଛୋଟ ନେତା ନୁହଁନ୍ତି ଦଳର କିଛି ବରିଷ୍ଠ ନେତାଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ।

# ସୋସିଆଲ ମିଡ଼ିଆ ଓ ଟ୍ରେଡିଂ ଆପ୍ ଠକେଇ


॥ ଯୁଧିଷ୍ଠିର ମହାରଣା ॥


*ଟ୍ରେଡିଂରେ ନିବେଶ ନିଶାରେ କୋଟି କୋଟି ଲୋକ ଉବୁଟୁବୁ ହେଉଛନ୍ତି। ଯାହାର ଫାଇଦା ପଠାଉଛନ୍ତି ସାଇବର ଅପରାଧୀ। ନକଲି ଟ୍ରେଡିଂ ଆପକୁ ଅସ୍ତ୍ର କରୁଛନ୍ତି। ସନ୍ଦେହଜନକ ୱେବସାଇଟ ଓ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଜାଲ ବିଛାଉଛନ୍ତି। ଅଧିକ ଟଙ୍କା ଫେରସ୍ତ ପ୍ରଲୋଭନରେ ଥୋପ ପକାଇ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଗଲ ୪ ମାସରେ ଭାରତୀୟମାନେ ହରାଇଲେଣି ୧୭୫୦ କୋଟି ଟଙ୍କା। ୪ ଦିନ ତଳେ ନଭି ମୁମ୍ବାଇ ଜଣେ ବ୍ୟବସାୟୀ ଟ୍ରେଡିଂ ସ୍କାମରେ ଫସି ୧.୦୭ କୋଟି ଟଙ୍କା କ୍ଷତି ସହିଛନ୍ତି।*

ଘରେ ବସି କମ ସମୟରେ ଟଙ୍କା ରୋଜଗାର କରିବାକୁ ଚାହୁଁଛନ୍ତି? ଏଥିପାଇଁ ବିଶେଷ ପରିଶ୍ରମ କରିବାକୁ ପଡ଼ିବ ନାହିଁ। କାହାକୁ କିଛି ଅର୍ଥ ଦେବାକୁ ପଡ଼ିବ ନାହିଁ। ଘରେ ବସି ମାସିକ ୫୦୦ରୁ ୫୦,୦୦୦ ଟଙ୍କା ରୋଜଗାର କରିପାରିବେ। କେବଳ ସ୍ମାର୍ଟଫୋନ ଥିଲେ ଯଥେଷ୍ଟ। ଆପଣଙ୍କୁ କେବଳ ଏକ ଭିଡ଼ିଓ ଲିଙ୍କ ପଠାଯିବ। ସେହି ଭିଡ଼ିଓକୁ ଆପଣ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଲାଇକ, ସେୟାର ଓ କମେଣ୍ଟ କରିବେ। ଯଦି ଏହି ସୁଯୋଗର ଲାଭ ଉଠେଇବାକୁ ଚାହୁଁଛନ୍ତି ତେବେ ଆମର ୱାଟସଆପ୍ ନମ୍ବର ୯୨୩୩୩୩୩୩୩୩ରେ ଜଏନ କରନ୍ତୁ। ଏପରି ବିଜ୍ଞାପନ ଆଜିକାଲି ସମସ୍ତଙ୍କ ଫେସବୁକ ଓ ହ୍ୱାଟସପଆପକୁ ଆସୁଛି। ରୋଜଗାର ଆଶାୟୀ ଯୁବକଯୁବତୀ ଓ ଗୃହିଣୀ ଘରେ ବସି ଅର୍ଥ ହାସଲ କରିବା ଲାଳସାରେ ସାଇବର ଅପରାଧୀଙ୍କ ଜାଲରେ ପଡ଼ି କାଙ୍ଗାଳ ହୋଇ ଯାଉଛନ୍ତି। ପ୍ରଥମେ କିଛି ଟଙ୍କା ପଠାଇ ପରେ ସେମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଉଛନ୍ତି ଠକ। ଏହାକୁ ଟେଲିଗ୍ରାମ ଠକେଇ କୁହାଯାଉଥିବା ବେଳେ ଆହୁରି ବିଭିନ୍ନ ଧରଣର ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ଆପଣ ବିଶ୍ୱାସରେ ଟଙ୍କା ପଠାଇ ଚାଲନ୍ତି ଏବଂ ଆପଣଙ୍କ ନିବେଶ ବଢ଼ିବାରେ ଲାଗେ। ଯେତେବେଳେ ଲକ୍ଷାଧିକ ଟଙ୍କା ପୈଠ କରିବା ପରେ ଆପଣ ଟଙ୍କା ଉଠାଇବାକୁ ଚାହିଁବେ ହଠାତ ରାତାରାତି ସେଇ ସାଇଟ ବନ୍ଦ ହୋଇଯିବ। ନ ହେଲେ ଦେଖାଇବ ନଟ ରେସପଣ୍ଡିଙ୍ଗ, ଦ ସରଭର ଇଜ ଅଣ୍ଡର ପ୍ରୋସେସ। ଆପଣ ପୁଣି ଏହାକୁ ଲଗ ଇନ କରିବାକୁ ଚେଷ୍ଟା କରିବେ ଏହି ପର୍ଯ୍ୟାୟ ଚାଲୁଥିବା ସମୟ ଭିତରେ ଠକମାନେ ସେମାନଙ୍କ ସଂସ୍ଥା ବନ୍ଦ କରି ସାରିଥିବେ।

ରାତାରାତି ବଡ଼ଲୋକ ହେବା ପାଇଁ ଆମ ଗହଣରେ ଥିବା ଅନେକ ଲୋକ ଇଚ୍ଛା ରଖନ୍ତି। ବିନା ପରିଶ୍ରମରେ ଘରେ ବସି କିପରି ଗୋଡ଼ ଲମ୍ବାଇ ବଡ଼ ଲୋକ ହୋଇଯିବ ଏହି ଚିନ୍ତାଧାରା ହିଁ କିଛି ଲୋକଙ୍କ ପାଇଁ କେବଳ ବିପଜ୍ଜନକ ସାବ୍ୟସ୍ତ ହୋଇନଥାଏ ବରଂ ଜଣ ଜଣଙ୍କୁ ଅର୍ଥସ୍ୱାନ୍ତକରି କାଙ୍ଗାଳ କରିଦିଏ। ଆଉ କେହି କେହି ଅନ୍ୟ ବ୍ୟକ୍ତି ବା ସଂସ୍ଥା ଠାରୁ ଆଣିଥିବା କରଜ ସୁଝିବା ପାଇଁ ନିଜ ମୂଲ୍ୟବାନ ଜୀବନକୁ ହାରିବା ପାଇଁ ବାଧ୍ୟ ହୋଇଥାନ୍ତି। ସାଇବର ଠକମାନେ ଅନଲାଇନ ଟ୍ରେଡିଂ ନାମରେ କୋଟି କୋଟି ଟଙ୍କା ଲୁଟ କରି ଅନେକଙ୍କୁ ରାସ୍ତା କଡ଼ରେ ଭିକାରୀ କରିଦେଉଥିଲେ ମଧ୍ୟ ଏ ଖବରକୁ ଲୋକମାନେ ଗଣମାଧ୍ୟମରୁ ଜାଣିବା ସତ୍ତ୍ୱେ ନିଜକୁ ସୁଧାରି ପାରୁନାହାଁନ୍ତି। ଆଜିକାଲି ଠକମାନେ ଅନଲାଇନର ବଡ଼ ସାହାଯ୍ୟ ନେଉଛନ୍ତି। କାରଣ ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ କୌଶଳ ଏଥିରେ ରହିଥିବାରୁ ଲୋକମାନଙ୍କ ପାଖକୁ ପ୍ରତିଦିନ ସେମାନଙ୍କ ହାତ ପାଖରେ ଥିବା ମୋବାଇଲ ଫୋନକୁ ଅନେକ ମିଛ ପ୍ରଲୋଭନର ସୂଚନା ଆସୁଛି। ଲୋକମାନେ ଏ ସମ୍ବନ୍ଧରେ କୌଣସି ତଦନ୍ତ ନକରି ବା ଭଲ ଭାବେ କୌଣସି ତଥ୍ୟ ସଂଗ୍ରହ ନକରି କିପରି ଇଜି ମନି ରୋଜଗାର ଦ୍ୱାରା ବଡ଼ଲୋକ ହୋଇଯିବେ ଏହି ଚିନ୍ତାଧାରା ହିଁ ସେମାନଙ୍କୁ ତଳିତଳାନ୍ତ କରିଦେଉଛି।

ସାଇବର ଠକେଇ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଭଳି ଠକଙ୍କୁ ମଧ୍ୟ ଧରିବା ସହଜ ହେଉନାହିଁ। ଏହି ଠକମାନେ ଅନଲାଇନ ଟ୍ରେଡିଂକୁ ମାଧ୍ୟମ କି ସମ୍ପ୍ରତି ସକ୍ରିୟ ହୋଇପଡ଼ିଛନ୍ତି। ଅନଲାଇନ ଟ୍ରେଡିଂ କରୁଥିବା ବ୍ୟକ୍ତିଙ୍କ ଟାର୍ଗେଟ କରି ସାଇବର ଠକମାନେ ଲୁଟି ଚାଲିଛନ୍ତି। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ମଧ୍ୟ ଏଭଳି ମାମଲା ବଢ଼ିବା ଦେଖିବାକୁ ମିଳିଲାଣି। ସାଇବର ଥାନା ସୂତ୍ରରୁ ମିଳିଥିବା ସୂଚନାନୁସାରେ ପ୍ରାୟ ୫୦ରୁ ଅଧିକ ମାମଲା ରୁଜୁ ହୋଇଛି। ଅଭିଯୋଗକାରୀମାନେ ପ୍ରାୟ ଅଧ କୋଟିରୁ ଅଧିକ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏହି ମାମଲାରେ କାହାକୁ ଗିରଫ କରାଯାଇନାହିଁ। କିନ୍ତୁ ତଦନ୍ତ ଜାରି ରହିଛି ବୋଲି ସାଇବର ଥାନା ପୁଲିସ ସୂଚନା ଦେଇଛି। ଅନଲାଇନ ଟ୍ରେଡିଂରେ ବହୁ ବ୍ୟବସାୟୀ ଓ ଯୁବପିଢ଼ୀ ଏହି ବ୍ୟବସାୟ କରି ଲାଭବାନ ହୋଇଥାଆନ୍ତି। ଏବେ ଏହି ବ୍ୟବସାୟକୁ ଟାର୍ଗେଟ କରିଛନ୍ତି ସାଇବର ଠକ। ଠକ ନିଜକୁ ଜଣେ ବ୍ରୋକର ଭାବେ ପରିଚୟ ଦେଇ ସୋସିଆଲ ମିଡ଼ିଆରେ ଲୋକଙ୍କ ସହ ଯୋଡ଼ି ହୋଇଥାନ୍ତି। ବିଶ୍ୱାସଭାଜନ ହେବାକୁ ନାନା ମନଭୁଲା କଥା କହିଥାଆନ୍ତି। ତା ଜରିଆରେ ଟ୍ରେଡିଂ କରି କିଭଳି ବହୁତ ଲୋକ ଲକ୍ଷ ଲକ୍ଷ ଟଙ୍କା ଲାଭ କରିଛନ୍ତି ସେ ସବୁର କାହାଣୀ ଶୁଣାନ୍ତି। ବିଶ୍ୱାସ ଜନ୍ମାଇବାକୁ ବିଭିନ୍ନ ଲୋକଙ୍କ ପୋର୍ଟଫୋଲିଓ ଦେଖାଇଥାନ୍ତି। କିନ୍ତୁ ସେ ସବୁ ନକଲି ଥାଏ। ଏହାପରେ ଠକ ବିଭିନ୍ନ ନକଲି ୱେବସାଇଟ ଜରିଆରେ ଟ୍ରେଡିଂ କରିବାକୁ ପ୍ରବର୍ତ୍ତାଇଥାନ୍ତି। ବିଭିନ୍ନ କମ୍ପାନୀର ଷ୍ଟକ, ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଓ ଆସେଟ ଇତ୍ୟାଦିରେ ଟଙ୍କା ବିନିଯୋଗ କରିବାକୁ ଲୋଭ ଦେଖାଇଥାନ୍ତି। ସେହିଭଳି ଅନଲାଇନ ଟ୍ରେଡିଂ ବାବଦରେ ଜାଣିବାକୁ ଇଣ୍ଟରନେଟ ସର୍ଚ୍ଚ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଟାର୍ଗେଟ କରନ୍ତି ଏହି ଗ୍ୟାଙ୍ଗ। ସାଇବର ଠକ ତାଙ୍କ ଆଇପି ଆଡ୍ରେସରୁ ସବୁ ତଥ୍ୟ ହାତେଇବା ପରେ ଫୋନ ନମ୍ବର ଟେଲିଗ୍ରାମ କିମ୍ବା ଅଧିକ ଟଙ୍କା ବିନିଯୋଗ କରିବାକୁ ଲୋଭ ଦେଖାନ୍ତି। କିନ୍ତୁ ଟଙ୍କା ଉଠାଇବାକୁ ମଉକା ଦିଅନ୍ତି ନାହିଁ। କେବଳ ୱେବସାଇଟରେ ଲାଭ କେତେ ହେଲା, ତାହା ଦେଖାଇ ଦିଅନ୍ତି। ଏମିତିରେ ସାଧାରଣତଃ କିଛି ବ୍ୟକ୍ତି ଲୋଭର ବଶବର୍ତ୍ତୀ ହୋଇ ଅଧିକ ପୁଞ୍ଜି ନିବେଶ କରନ୍ତି। ଏହା ଭିତରେ କେହି ଟଙ୍କା ଉଠାଇବାକୁ ଅଡ଼ି ବସିଲେ ଠକ ପାଲଟା ତାଙ୍କୁ ଧମକ ଦେଇଥାଏ। ଅଧାରୁ ଟଙ୍କା ଉଠାଇନେଲେ ମୂଳ କି କିଛି ଲାଭ ମିଳିବନାହିଁ। ଠକାମିର ଶିକାର ହେବା ସନ୍ଦେହ କରି ନିବେଶକାରୀ ଆଉ ଯଦି ଟଙ୍କା ନଲଗାଉଛି ତେବେ ଠକ ତାର ସାଇଟ ବନ୍ଦ କରିଦିଏ। ନିବେଶକାରୀ ଯେତେ ଚେଷ୍ଟା କଲେ ମଧ୍ୟ ସାଇଟ ଖୋଲିବାର ବାଟ ପାଏ ନାହିଁ।

ଟ୍ରେଡିଂରେ ନିବେଶ ନିଶାରେ କୋଟି କୋଟି ଲୋକ ଉବୁଟୁବୁ ହେଉଛନ୍ତି। ଯାହାର ଫାଇଦା ପଠାଉଛନ୍ତି ସାଇବର ଅପରାଧୀ। ନକଲି ଟ୍ରେଡିଂ ଆପକୁ ଅସ୍ତ୍ର କରୁଛନ୍ତି। ସନ୍ଦେହଜନକ ୱେବସାଇଟ ଓ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଜାଲ ବିଛାଉଛନ୍ତି। ଅଧିକ ଟଙ୍କା ଫେରସ୍ତ ପ୍ରଲୋଭନରେ ଥୋପ ପକାଇ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଗଲ ୪ ମାସରେ ଭାରତୀୟମାନେ ହରାଇଲେଣି ୧୭୫୦ କୋଟି ଟଙ୍କା। ୪ ଦିନ ତଳେ ନଭି ମୁମ୍ବାଇ ଜଣେ ବ୍ୟବସାୟୀ ଟ୍ରେଡିଂ ସ୍କାମରେ ଫସି ୧.୦୭ କୋଟି ଟଙ୍କା କ୍ଷତି ସହିଛନ୍ତି। ଏହି ଅଦୃଶ୍ୟ ଜଗତର ଠକେଇ ଓଡ଼ିଶାରେ ବି ଛାଇଗଲାଣି। ଗଲା ମାର୍ଚ୍ଚରେ ଅନୁଗୁଳ ବଏଁରପାଳର ନରେନ୍ଦ୍ର ସାହୁଙ୍କଠୁ ୨୫ ଲକ୍ଷ ଲୁଟିଥିଲେ। କୌଣସି ଟ୍ରେଡିଂ ସମ୍ପର୍କିତ ଆପକୁ ଇନଷ୍ଟଲ କରିବା ପୂର୍ବରୁ ଲୋକମାନେ ଆପକୁ ନେଇ କଣ ମତ ଓ ମନ୍ତବ୍ୟ ଦେଇଛନ୍ତି। ତାହାକୁ ଧ୍ୟାନ ଦିଅନ୍ତୁ। ତୃତୀୟ ପକ୍ଷ ଷ୍ଟୋର ବିଭିନ୍ନ ୱେବସାଇଟ, ଅନଲାଇନ ବିଜ୍ଞାପନ କିମ୍ବା ସୋସିଆଲ ମିଡିଆ ପୋଷ୍ଟ / ନାଟ୍/ଏସଏମଏସରୁ ଟ୍ରେଡିଂ ସମ୍ପର୍କିତ ଆପ ଡାଉନଲୋଡ଼ କରନ୍ତୁ ନାହିଁ। ବୈଧ ୱେବସାଇଟ କିମ୍ବା ଅନୁମତିପ୍ରାପ୍ତ ଆପ ଷ୍ଟୋର ଭଳି ଭରସାଯୋଗ୍ୟ ସ୍ରୋତରୁ ହିଁ ଟ୍ରେଡିଂ ଆପ ଗୁଡ଼ିକ ଡାଉନଲୋଡ଼ କରନ୍ତୁ। ଆପ ଡାଉନଲୋଡ଼ କରିବା ପୂର୍ବରୁ ଡେଭଲପରଙ୍କ ୱେବସାଇଟକୁ ଯାଇ ଆପ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଇ ନିଅନ୍ତୁ। କୌଣସି ଆପକୁ ଅନୁମତି ଦେବା ପୂର୍ବରୁ ଉକ୍ତ ଆପର ଗୋପନୀୟତା ଦିଗକୁ ଭଲ ଭାବେ ପଢ଼ନ୍ତୁ। ଟ୍ରେଡିଂରେ ଟଙ୍କା ନିବେଶ ପୂର୍ବରୁ ଆପ ପ୍ରତିଶ୍ରୁତି ଓ ଯୋଜନାକୁ ସତର୍କତାପୂର୍ବକ ଯାଞ୍ଚ କରନ୍ତୁ। ଆପ ଚଳାଇବା ପାଇଁ କେବଳ ଆବଶ୍ୟକୀୟ ଅନୁମତି ଦିଅନ୍ତୁ। ଫଟୋ ଗ୍ୟାଲେରୀ, ଭଏସ ଭଳି ଗୋପନୀୟ ତଥ୍ୟ ସମ୍ବଳିତ ବିକଳ୍ପକୁ ଅନୁମତି ଦିଅନ୍ତୁନି। ଆପଣଙ୍କ ଆପର ଲଗଇନ ତଥ୍ୟକୁ କୌଣସି ମତେ ଅନ୍ୟ କାହା ସହ ସେୟାର କରନ୍ତୁନି। ସମ୍ବେଦନଶୀଳ ସୂଚନାଭିତ୍ତିକ କ୍ଷେତ୍ରରେ ବହୁସ୍ତରୀୟ ପ୍ରମାଣକୁ ଅନ କରନ୍ତୁ।

ଏହା ସହିତ ଅନଲାଇନ ଲୋନ ଆପ, ସପିଂ ସାଇବ, ଫ୍ରି ରିଚାର୍ଜ, ଗିଫ୍ଟ, ଲଟେରି ଲୋଭ ଦେଖାଇ ସାଇବର ଠକମାନେ କୋଟି କୋଟି ଟଙ୍କା ଲୁଟୁଛନ୍ତି। ସେହିପରି କମ ସମୟ ମଧ୍ୟରେ ଟଙ୍କାକୁ ଦୁଇଗୁଣା, ଚାରିଗୁଣା ଓ ୫୦ ଗୁଣା ଫେରସ୍ତ ଲୋଭ ଦେଖାଉଛନ୍ତି ସାଇବର ଅପରାଧୀ। ଏହି ଅନଲାଇନ ଚିଟଫଣ୍ଡ ଜାଲରେ ପଡ଼ି କଷ୍ଟାର୍ଜିତ ଅର୍ଥ ହରାଉଛନ୍ତି ଲୋକେ। ଏବେ ରାଜ୍ୟରେ ଶହ ଶହ ସଂଖ୍ୟାରେ ଅନଲାଇନ ଚିଟଫଣ୍ଡ ଚଳାଉଛନ୍ତି ସାଇବର ଅପରାଧୀ। ପ୍ରଥମରୁ ଥିବା ସଦସ୍ୟମାନେ ଟଙ୍କା ପାଉଛନ୍ତି। ଲୋଭରେ ପରେ ସଦସ୍ୟ ହେଉଥିବା ଲୋକେ କିନ୍ତୁ ଠକାମିର ଶିକାର ହେଉଛନ୍ତ। କେତେକ ଲୋକଲଜ୍ଜାରେ ଅଭିଯୋଗ କରିପାରୁନାହାନ୍ତି। ଠକେଇ ବିଷୟରେ ଯେତେବେଳେ ପୁଲିସ ପାଖରେ ଅଭିଯୋଗ ପହଞ୍ଚୁଛି ସେତେବେଳେ ତଦନ୍ତରୁ ମଧ୍ୟ ଚାଞ୍ଚଲ୍ୟକର ତଥ୍ୟ ମିଳୁଛି। ଏବେ ଗରିବଙ୍କୁ ସାଇବର ଅପରାଧୀମାନେ ଟାର୍ଗେଟ କରୁଛନ୍ତି। ସେମାନଙ୍କର ବ୍ୟାଙ୍କ ତଥ୍ୟ ହାସଲ କରି ପ୍ରି ଆକ୍ଟିଭେଟ ସିମ ଜରିଆରେ ବ୍ୟାଙ୍କ କାରବାର କରୁଛନ୍ତି। ସେହିପରି ଅଶିକ୍ଷିତ ଓ ଅଳ୍ପଶିକ୍ଷିତଙ୍କ ପରିଚୟ ପତ୍ର ନେଇ ସେମାନଙ୍କ ନାଁରେ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଦେଉଛନ୍ତି। ଏହି ଆକାଉଣ୍ଟକୁ ଠକେଇ ଟଙ୍କା ନେଇ ପରେ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରି ଦେଉଛନ୍ତି। ସୋସିଆଲ ମିଡ଼ିଆ ଅଫରକୁ ସମ୍ପୂର୍ଣ୍ଣ ନା : ପାର୍ଟ ଟାଇମ ନିଯୁକ୍ତି ଅଫର ଏବେ ସାଇବର ଠକେଇର ପ୍ରମୁଖ ଉପାୟ ସାଜିଛି। ଠକେଇ ସଂସ୍ଥା ଗୁଡ଼ିକ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ମୁଖ୍ୟତଃ ମହିଳାମାନଙ୍କୁ ଜାଲରେ ଫସାଉଛନ୍ତି।

# ଭାରତୀୟ ନ୍ୟାୟ ସଂହିତା ଓ ହିଟ ଆଣ୍ଡ ରନ୍


॥ ଅଲେଖ ଚନ୍ଦ୍ର ସାମଲ ॥


ମନେପକାନ୍ତୁ ୨୦୦୦ ମସିହା ସେପ୍ଟେମ୍ବର ୨୮ ତାରିଖ ମୁମ୍ବାଇ ବାନ୍ଦ୍ରାର ସେହି ଅଶୁଭ ରାତିର ଘଟଣାଟିକୁ ବଲିଉଡ ଅଭିନେତା ସଲମାନ ଖାନ ତାଙ୍କ ବିଳାସପୂର୍ଣ୍ଣ ଟୋୟୋଟା ଲ୍ୟାଣ୍ଡକ୍ରୁଇଜର ଏକ ବେକରୀ ବାହାରେ ଫୁଟପାଥରେ ଶୋଇଥିବା ପାଞ୍ଚଜଣଙ୍କ ଉପରେ ଏକ ପ୍ରକାର ଦଳି ଚକଟି ସେମାନଙ୍କ ଅକାରଣରେ ଜୀବନ ନେଇଯାଇଥିଲା। ବିଚାର ହୋଇ ସଲମାନ ଖାନଙ୍କୁ ମୁମ୍ବାଇ ସେସନ କୋର୍ଟ ତାଙ୍କୁ ପାଞ୍ଚବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ତେବେ ଏହି ମାମଲାର ଅନ୍ତଃ ଘଟିବାକୁ ତେର ବର୍ଷ ସମୟ ଲାଗିଥିଲା। ଏପରି ଅନେକ ହିଟ ଆଣ୍ଡ ରନ ମାମଲା ସାଧାରଣରେ ଆଲୋଡ଼ନ ଓ ଅଭାବନୀୟ ଚର୍ଚ୍ଚା ସୃଷ୍ଟି କରିଥାଏ। ନିକଟରେ ଶେଷ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆସିଥିବା ଭାରତୀୟ ନ୍ୟାୟ ସଂହିତା ଆଇନ ପାରିତ ହୋଇଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ଏହି ନୂତନ ଆଇନରେ ହିଟ୍ ଆଣ୍ଡ ରନ୍ ମାମଲାକୁ ନେଇ ଯେଉଁ ଦଣ୍ଡ ବିଧାନ ରହିଛି ତାହା ଗାଡ଼ି ଚାଳକଙ୍କ ଭିତରେ ଏକ ପ୍ରକାର ଆତଙ୍କ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସରକାରଙ୍କ ଯୁକ୍ତି ହେଉଛି ଯେ ଦେଶରେ ହିଟ ଆଣ୍ଡ ରନ୍ ମାମଲା ବୃଦ୍ଧିକୁ ରୋକିବା ପାଇଁ ଏପରି କଠୋର ନିୟମର ଆବଶ୍ୟକତା ରହିଛି। ଯାହାଦ୍ୱାରା ଏହି କଡ଼ା ନିୟମ ଲାଗୁ ହେଲେ ଗାଡ଼ି ଚାଳକମାନେ ସତର୍କ ରହିବେ ଏବଂ ଦୁର୍ଘଟଣା ଘଟିବା ପରେ ପୀଡ଼ିତଙ୍କୁ ସଠିକ ସହାୟତା ନ ମିଳୁଥିବାରୁ ଏହି ନୂଆ ଆଇନରେ ଦୁର୍ଘଟଣାରେ ପୀଡ଼ିତଙ୍କୁ ସାହାଯ୍ୟ କରିବା ଦୁର୍ଘଟଣା ଘଟାଇଥିବା ବ୍ୟକ୍ତିର ପ୍ରଥମ କର୍ତ୍ତବ୍ୟ ଭାବେ ବିଚାର ରହିଛି। ଏଠାରେ ସୂଚନା ଥାଉକି ହିଟ୍ ଆଣ୍ଡ ରନ୍ ମାମଲାରେ କଠୋର ଦଣ୍ଡ ପାଇଁ ଅନେକ ଦିନରୁ ସବୁ ମହଲରୁ ଦୃଢ଼ ଦାବୀ ହୋଇଆସୁଥିଲା। କେବଳ ସେତିକି ନୁହେଁ ମାନ୍ୟବର ସୁପ୍ରିମକୋର୍ଟ ଏନେଇ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ସମ୍ପର୍କରେ ମଧ୍ୟ ନିଜ ମତ ରଖିଥିଲେ।

ଆସନ୍ତା ସର୍ବପ୍ରଥମେ ଜାଣିବା ପ୍ରକୃତରେ ଏହି ହିଟ୍ ଆଣ୍ଡ ରନ୍ ମାମଲା କ'ଣ? ଯଦି କୌଣସି ଗାଡ଼ି ଚାଳକ ବେପରୁଆ ଭାବେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାନ୍ତି; ଦୁର୍ଘଟଣାରେ କାହାରି ମୃତ୍ୟୁ ଘଟେ ଏବଂ ଦୁର୍ଘଟଣା ପରେ ତୁରନ୍ତ କୌଣସି ପୁଲିସ ଅଧିକାରୀ କିମ୍ବା ମାଜିଷ୍ଟ୍ରେଟଙ୍କୁ ନ ଜଣାଇ ସଂପୃକ୍ତ ଚାଳକ ଘଟଣାସ୍ଥଳରୁ ଗାଡ଼ି ସହ ଫେରାର ହୋଇଯାଆନ୍ତି ଏ ପ୍ରକାର ଘଟଣାକୁ ହିଟ ଆଣ୍ଡ ରନ ମାମଲା ରୂପେ ବିବେଚନା କରାଯାଇଥାଏ। ନୂଆ ନିୟମ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୬ (୨) ଅନୁଯାୟୀ ଯଦି କୌଣସି ଗାଡ଼ି ଚାଳକ ବେପରୁଆ ଗାଡ଼ି ଚାଳନା କରି କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟାଇଥାଏ ଏବଂ ଦୁର୍ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ନଜଣାଇ ଘଟଣାସ୍ଥଳରୁ ଫେରାର ହୋଇଯାଏ ତେବେ ତାଙ୍କୁ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ମଧ୍ୟ ଦେବାକୁ ପଡ଼ିବ।

ଏହା ପୂର୍ବରୁ ଆମର ପୁରୁଣା କାଳିଆ ବ୍ରିଟିଶ ସମୟର ପ୍ରଚଳିତ ରହିଥିବା ଭାରତୀୟ ଦଣ୍ଡବିଧି ଆଇନ ଆଇପିସିରେ ହିଟ ଆଣ୍ଡ ରନ ମାମଲା ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନଥିଲା। ଆଇପିସିର ଧାରା ୩୦୪ (କ) ଅନୁଯାୟୀ ଏଭଳି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ଏହି ଧାରା ଅନୁଯାୟୀ ବେପରୁଆ ଚାଳନା କିମ୍ବା ଅବହେଳା ଜନିତ କାର୍ଯ୍ୟ ଯୋଗୁ ଅନ୍ୟର ମୃତ୍ୟୁ ଘଟିଲେ ସର୍ବାଧିକ ୨ବର୍ଷ ପାଇଁ ଜେଲ ଦଣ୍ଡ କିମ୍ବା ଜରିମାନା ହେଉଥିଲା। କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଉଥିଲା। ଆଇପିସିର ଧାରା ୩୦୪ (କ) ଅନୁଯାୟୀ ହିଟ ଆଣ୍ଡ ରନ ମାମଲାକୁ ଅନ୍ୟାନ୍ୟ ମାମଲା ଭଳି ରୁଜି କରାଯାଉଥିଲା।

ନ୍ୟାସନାଲ କ୍ରାଇମ ରେକର୍ଡ଼ ବ୍ୟୁରୋ ଏନସିଆରବି ଅନୁଯାୟୀ ୨୦୨୨ରେ ଭାରତରେ ମୋଟ ୪୭୮୦୬ ହିଟ ଆଣ୍ଡ ରନ ଘଟଣାରେ ୫୦୮୧୫ ଜଣଙ୍କ ମୃତ୍ୟୁ ହୋଇଛି। ଅର୍ଥାତ୍ ପ୍ରତି ଘଣ୍ଟାରେ ହିଟ ଆଣ୍ଡ ରନ ମାମଲାରେ ପାଖାପାଖି ୬ଜଣଙ୍କ ମୃତ୍ୟୁ ହେଉଥିବା ବେଳେ ଦୈନିକ ୧୪୦ ଜଣ ପ୍ରାଣ ହରାଉଛନ୍ତି। ୨୦୨୧ରେ ୪୭୫୩୦ଟି ଘଟଣା ୪୩୪୯୯ ଜଣଙ୍କ ମୃତ୍ୟୁ ହୋଇଥିଲା। ହିଟ୍ ଆଣ୍ଡ ରନ୍ ମାମଲାରେ ଭାରତୀୟ ନ୍ୟାୟ ସଂହିତାରେ ଯେଉଁ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି ଏହାକୁ ଅନେକେ ସ୍ୱାଗତ କରୁଥିଲେ ମଧ୍ୟ କେହି କେହି ଏହାକୁ ଏକ ଯାଜନାବଦ୍ଧ ଅପରାଧ ନୁହେଁ ବୋଲି ବିଚାର କରି ଏହି ଘଟଣାରେ ୧୦ବର୍ଷ ଜେଲ ଓ ୭ଲକ୍ଷ ଟଙ୍କା ଜରିମାନାକୁ ନାପସନ୍ଦ କରିଛନ୍ତି। ସେମାନଙ୍କ ଯୁକ୍ତି ହେଉଛି ଯେ ଜଣେ ଗାଡ଼ି ଚାଳକର ଜଣାତରେ ଏଭଳି ଘଟଣା ହୋଇନଥାଏ ଏବଂ ଜଣେ ଗାଡ଼ି ଚାଳକର ମଧ୍ୟ ନିଜ ବଞ୍ଚିବାର ଅଧିକାର ଅଛି। ତେଣୁ ଏଭଳି କଠୋର ଦଣ୍ଡ ବ୍ୟବସ୍ଥା ଜଣେ ଗାଡ଼ି ଚାଳକକୁ ସମ୍ବିଧାନର ଧାରା ୨୧ ପ୍ରଦାନ କରିଥିବା ମୌଳିକ ଅଧିକାରର ଉଲ୍ଲଂଘନ। ତେବେ ଯାହାହେଉନା କାହିଁକି ଭାରତୀୟ ନ୍ୟାୟ ବ୍ୟବସ୍ଥାକୁ ଏବଂ ସର୍ବୋପରି ଭାରତୀୟ ନ୍ୟାୟ ସଂହିତାକୁ ଆମ ସମସ୍ତଙ୍କୁ ସମ୍ମାନ ଦେବାକୁ ପଡ଼ିବ। ହିଟ୍ ଆଣ୍ଡ ରନ୍ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଓ ଅମାନବୀୟ ଜଘନ୍ୟ ତ୍ରୁଟି କହିଲେ ଅତ୍ୟୁକ୍ତି ହେବନାହିଁ। ନିଶାସକ୍ତ ହୋଇ ଗାଡ଼ି ଚଳାଇବା, ମୋବାଇଲ ଫୋନରେ କଥା ହେବା ଏବଂ ପୂର୍ବରୁ ଅନ୍ୟ କୌଣସି ଦୁର୍ଘଟଣାକରି ହଡ଼ବଡ଼ ହୋଇଯାଇ ଦ୍ରୁତ ଗାଡ଼ି ଚାଳନା ତଥା ସଠିକ ଭାବେ ଗାଡ଼ି ଚଳାଇବା ପ୍ରଶିକ୍ଷଣ ଶିକ୍ଷା ନକରି ମଧ୍ୟ ଗାଡ଼ି ଚଳାଇବା ଏହିପରି ଅନେକ ପ୍ରମୁଖ କାରଣ ପାଇଁ ଏପରି ଦୁର୍ଘଟଣା ସଂଗଠିତ ହୋଇଥାଏ। ଗାଡ଼ି ଚାଳନା କ୍ଷେତ୍ରରେ ସଂଯମତା ଓ ସୁରକ୍ଷିତ ଗାଡ଼ି ଚଳାଇବା ମଧ୍ୟ ଅତ୍ୟନ୍ତ ଜରୁରୀ। ଏ କ୍ଷେତ୍ରରେ କେବଳ ପ୍ରଶାସନ ବା ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ହେବନାହିଁ। ଆମ ସମସ୍ତଙ୍କର ଏପରି କ୍ଷେତ୍ରରେ ସଚେତନଧର୍ମୀ ଦାୟିତ୍ୱ ମଧ୍ୟ ରହିଛି।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୨୨୫୬୮୯


# ବୃକ୍ଷ ରୋପଣ ଓ ପରିବେଶ


॥ ଅଲେଖ ଚନ୍ଦ୍ର ସାମଲ ॥


ବିଶ୍ୱ ପରିବେଶ ଦିବସ ଏକ ଅଭିଯାନ ଅଟେ। ସାରା ବିଶ୍ୱରେ ପରିବେଶର ନକରାତ୍ମକ ପ୍ରଭାବକୁ ରୋକିବା ଓ ପରିବେଶ ସୁରକ୍ଷା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖରେ ଏହା ପାଳନ କରାଯାଏ। ଏହି ଦିବସ ପାଳନ ସଂଯୁକ୍ତ ରାଷ୍ଟ୍ର ସଂଘର ପରିବେଶ କାର୍ଯ୍ୟକ୍ରମ ଅନ୍ତର୍ଗତ। ଏହିଦିନ ମାନବୀୟ ପରିବେଶକୁ ନେଇ ସଂଯୁକ୍ତ ରାଷ୍ଟ୍ର ସଂଘର ପ୍ରଥମ ବୈଠକ ୧୯୭୨ ମସିହାରେ ବସିଥିଲା। ଏଥିରେ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସର କେନ୍ଦ୍ର ବଦଳାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ସେବେଠାରୁ ପ୍ରତିବର୍ଷ ଅଲଗା ଅଲଗା ଦେଶରେ ଏହି ଦିବସ ପାଳିତ ହୋଇ ଆସୁଛି। ଧରିତ୍ରୀ ସର୍ବଂସହା। ବର୍ତ୍ତମାନ ସମୟରେ ଧରିତ୍ରୀ ପାଇଁ ସୃଷ୍ଟି ହୋଇଛି ବିପଦ। ଜଳବାୟୁରେ ବାରମ୍ବାର ପରିବର୍ତ୍ତନ ଘଟିବା ଫଳରେ ସୃଷ୍ଟି ହେଉଛି ବିପର୍ଯ୍ୟୟ। କେତେବେଳେ ପ୍ରବଳ ବର୍ଷା ଯୋଗୁ ବନ୍ୟା ସୃଷ୍ଟି ହେଉଛି ତ ଆଉ କେତେବେଳେ ବିନା ବର୍ଷାରେ ମରୁଡ଼ି ଦେଖାଦେଉଛି। ଦାନା ମୁଠାଏ ପାଇଁ ଲୋକଙ୍କୁ ଡହଳ ବିକଳ ହେବାକୁ ପଡୁଛି। ରାଜ୍ୟ ତଥା ଦେଶ ବିକାଶରେ ପ୍ରତିବନ୍ଧକ ସାଜିଛି ଜଳବାୟୁ ପରିବର୍ତ୍ତନ। କିପରି ରୋକାଯାଇପାରିବ ଏଭଳି ସମସ୍ୟା। କ'ଣ ନିଆଯିବ ପଦକ୍ଷେପ ତାହାକୁ ନେଇ ବିଶେଷଜ୍ଞମାନେ ଆରମ୍ଭ କରିଦେଇଛନ୍ତି ଅବଗଣନା। ଲୋକଙ୍କୁ ସଚେତନ କରାଇବା ସହ ଆସନ୍ତା ୧୦ବର୍ଷ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ଆଗେଇ ଆସିବାକୁ ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ସମୟର ପରିବର୍ତ୍ତନ ସହ ତାଳ ଦେଇ ବଦଳିଚାଲିଛି ସବୁକିଛି। କଟାଚାଲିଛି ବୃକ୍ଷ, ସୃଷ୍ଟି ହେଉଛି କଂକ୍ରିଟ ଜଙ୍ଗଲ। ପ୍ରତିଦିନ ରାଜ୍ୟର କୋଣେ ଅନୁକୋଣରେ ଯେତିକି ଗଛ କଟାଯାଉଛି ସେହି ଅନୁଯାୟୀ ଲଗାଯାଉନି। ବୃକ୍ଷର ସ୍ଥିତି ଏଭଳି ରହିଥିବାବେଳେ ପରିବେଶ ହେଉଛି ପ୍ରଦୂଷଣ, ଯାହାର ପ୍ରଭାବ ସିଧାସଳଖ ଜଳବାୟୁ ଉପରେ ପଡୁଛି। ଯେଉଁଥି ପାଇଁ ଗ୍ରୀଷ୍ମ ଦିନେ ପ୍ରବଳ ବର୍ଷା ହେଉଛି ତ ଆଉ କେତେବେଳେ ବର୍ଷା ଦିନେ ବର୍ଷାର ଦେଖାମିଳୁନି।

ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୧୦ ମସିହାରୁ ୨୦୨୩ ମଧ୍ୟରେ ବର୍ଦ୍ଧିତ ସବୁଜ ବଳୟ, ସବୁଜ ମହାନଦୀ ମିଶନ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଆମ ଜଙ୍ଗଲ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ ନିଯୁକ୍ତି ଯୋଜନା, କାମ୍ପା, ଜାତୀୟ ବନୀକରଣ ଯୋଜନା, ସବୁଜ ଭାରତ ମିଶନ, ଓଡ଼ିଶା ଖଣି ନିଗମ, ମହାନଦୀ କୋଇଲା ନିଗମ, ଜିଲ୍ଲା ଖଣିଜ ପାଣ୍ଠି ଇତ୍ୟାଦି ୩୫ଟି କାର୍ଯ୍ୟକ୍ରମ ବା ଯୋଜନାରେ ବୃକ୍ଷରୋପଣ କରାଯାଇଛି। ଶହେ କି ପାଞ୍ଚଶହ କୋଟି ନୁହେଁ, ଏହି ବର୍ଷ ମାନଙ୍କରେ ୨ ହଜାର ୧୩୧ କୋଟି ୫୩ ଲକ୍ଷ ୮୨ ହଜାର ଟଙ୍କା ବିନିଯୋଗ ହୋଇ ୯ଲକ୍ଷ ୩୩ ହଜାର ୫୮୩ ହେକ୍ଟର ଜମି ନୂଆ ଜଙ୍ଗଲ ସୃଷ୍ଟି କରାଯାଇଛି। ତେବେ ଏ ସବୁ ସତ୍ତ୍ୱେ ବ୍ୟାପକ ସହରୀକରଣ ଏବଂ ଗଛକଟା ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଓଡ଼ିଶାରେ ବଡ଼ ପ୍ରଭାବ ପକାଇବା ଆରମ୍ଭ କଲାଣି। ଯେଉଁ ଭୟାନକ ଚିତ୍ରଟି ସାମ୍ନାକୁ ଆସୁଛି ତାହା ହେଲା, ରାଜ୍ୟର ପାଣିପାଗ ଓ ଋତୁଚକ୍ର ପୁରାପୁରି ବିଗିଡି ଗଲାଣି। ନିକଟରେ ତତଲାଗଡ଼ର ମାନ୍ୟତା ପାଇଥିବା ବଲାଙ୍ଗୀର ଟିଟିଲାଗଡ଼ର ତାତିଠାରୁ ବଳିଗଲା ବୌଦ୍ଧ ଓ ସୋନପୁର ଜିଲ୍ଲାର ଉତ୍ତାପ। ଅନ୍ୟ ସମସ୍ତ ଜିଲ୍ଲା ଠାରୁ ଢ଼େର ଆଗରେ ଏସବୁ ଜିଲ୍ଲାର ତାପମାତ୍ରା ରହିଲା ଭାରତ ବର୍ଷରେ ବି ନୂଆ ରେକର୍ଡ଼ କଲା। ଆମେ ଭଲ ଭାବେ ଜାଣିଛେ ଜଙ୍ଗଲ ସବୁବେଳେ ସ୍ଥାନୀୟ ଜଳବାୟୁର ସ୍ଥାୟିତ୍ୱ ବୃଦ୍ଧି ସହିତ ପରିସଂସ୍ଥାନ, ଜୈବ-ବିବିଧତା, ଅଙ୍ଗାରକାମ୍ଳ ଏବଂ ଅମ୍ଳଜାନ ଚକ୍ର ନିୟନ୍ତ୍ରଣ କରିବାରେ ଏକ ଅବିଚ୍ଛେଦ୍ୟ ଭୂମିକା ଗ୍ରହଣ କରିଥାଏ। ସହର ମଧ୍ୟରେ ଜଙ୍ଗଲ ଆବରଣ ଉତ୍ତାପକୁ ଶୋଷଣ କରିବା ସହ ସ୍ଥାନୀୟ ତାପମାତ୍ରାକୁ ପ୍ରଭାବିତ କରିଥାଏ ଏବଂ ରେଫ୍ରିଜରେଜେସନ ବା ଶୀତଳୀକରଣ ପ୍ରକ୍ରିୟା ଦ୍ୱାରା ଏହା ସ୍ଥାନୀୟ ଜଳବାୟୁକୁ ଥଣ୍ଡା କରିବାରେ ବଡ଼ ଭୂମିକା ଗ୍ରହଣ କରିଥାଏ। ଏହାର ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାହା ହେଲା ଜଙ୍ଗଲ ମୃତ୍ତିକା ସବୁବେଳେ ଅଣ-ଜଙ୍ଗଲ ମୃତ୍ତିକା ତୁଳନାରେ ଅଧିକ ଜଳ ଧାରଣ କରିବା କ୍ଷମତା ରଖେ। ଅନ୍ୟଥା କିଛି ଅଞ୍ଚଳରେ ଅତି ପ୍ରବଳ ବର୍ଷା ହେବାର ଭୟ ରହିଛି। ଏବଂ ଏସବୁ ସ୍ଥାନରେ ଅକସ୍ମାତ ବନ୍ୟା ପରିସ୍ଥିତି ସୃଷ୍ଟି ସମ୍ଭାବନାକୁ ଏଡ଼ାଇ ଦେଇହେବନାହିଁ। ଯଦିଓ ବୃକ୍ଷରୋପଣ ଜଳବାୟୁ ପରିବର୍ତ୍ତନର ଏକମାତ୍ର କାରଣ ନୁହେଁ, ଏହା କିନ୍ତୁ ଗୋଟିଏ ବଡ଼ କାରଣ ବୋଲି କୁହାଯାଇପାରେ। ଅଧିକ ବୃକ୍ଷ ଥିଲେ ତାତି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ କମିଯିବ ଏବଂ ଉତ୍ତାପ ଶୀଘ୍ର ହ୍ରାସ ପାଇବ। ଏହା ସହିତ ବର୍ଷାର ପରିମାଣ ବୃଦ୍ଧିରେ ମଧ୍ୟ ସହାୟକ ହେବ। କେଉଁ ଅଞ୍ଚଳରେ ଖଣ ଭବିଷ୍ୟତରେ ନିର୍ମାଣ ବା କାର୍ଯ୍ୟ ହାତକୁ ନିଆଯିବ, ସେ ସଂକ୍ରାନ୍ତରେ ଗୋଟିଏ ବିସ୍ତୃତ ନକ୍ସା ପ୍ରସ୍ତୁତ କରିବା ପରେ ବୃକ୍ଷରୋପଣ କରାଗଲେ ବା ବୃକ୍ଷକୁ ସୁରକ୍ଷା ଦେଇ ବିକାଶର ମାନଚିତ୍ର ପ୍ରସ୍ତୁତ କଲେ ସ୍ଥିତିରେ ଉନ୍ନତି ଘଟନ୍ତା। ଗୁଜୁରାଟ ସରକାରଙ୍କ ଉଦାହରଣ ଏ କ୍ଷେତ୍ରରେ ନିଆଯାଇପାରେ। ଗଛ କଟାଯିବା ପରେ ଏହାର ଦଶଗୁଣ ଗଛ ଲଗାଯାଉଥିବା କୁହାଯାଉଛି। ହେଲେ ସେ ଗଛ ଲାଗୁଛି କେଉଁଠି? ଅନ୍ୟ କୌଣସି ଅଞ୍ଚଳରେ ବୃକ୍ଷ ଲଗାଗଲେ, କଟାଯାଇଥିବା ଅଞ୍ଚଳର ପାଣିପାଗରେ କି ପରିବର୍ତ୍ତନ ହେବ? ତୃତୀୟ କଥାଟି ହେଲା ଘର ନିର୍ମାଣ ପାଇଁ ଅନୁମତି ଦିଆଯିବା ବେଳେ ପୂର୍ବରୁ ସାଢ଼େ ପାଞ୍ଚଫୁଟ ପର୍ଯ୍ୟନ୍ତ ଜାଗା ଛାଡ଼ିବାକୁ କୁହାଯାଉଥିଲା। ଏବେ ତିନି ବା ସାଢ଼େ ତିନି ଫୁଟ ଛାଡ଼ିଲେ, ସେଥିରେ କେଉଁ ଗଛ ଲାଗିପାରିବ? ଏଭଳି ଅନେକ ବ୍ୟତିକ୍ରମ ଜଙ୍ଗଲ ବିଭାଗ ପାଇଁ ଆହ୍ୱାନ ସୃଷ୍ଟି କଲାଣି।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ପାଣିରେ ପଡ଼ିବ ପଡ଼ିବ ୧୪ ଲକ୍ଷ



କେନ୍ଦ୍ରାପଡା, (ମହାଭାରତ) : କେନ୍ଦ୍ରାପଡ଼ା ର ମୁଖ୍ୟ ଗୋବରୀ କେନାଲ ପାଲଟିଛି ଜଳସେଚନ ବିଭାଗ ର ନେଉଟିଆ କିଆରୀ । କେନ୍ଦ୍ରାପଡା କାକଟ ଲକ୍ ନିକଟରୁ ଆରମ୍ଭ କରି ଗଣ୍ଡାଖିଆ ପର୍ଯ୍ୟନ୍ତ ବ୍ୟାପୀ ଥିବା ଗୋବରୀ କେନାଲ ରେ ଦଳ ସଫେଇ ଓ ନବୀକରଣ ପାଇଁ ପ୍ରତ୍ୟେକ ଆର୍ଥିକ ବର୍ଷରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ଆର୍ଥିକ ବର୍ଷ ୨୦୨୩-୨୪ ରେ କାକଟ ଲକ୍ ପାଖରୁ ଓସ୍ତପୁର ପର୍ଯ୍ୟନ୍ତ କେନାଲ ନବୀକରଣ କାର୍ଯ୍ୟ ରେ ୨୦ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ଥିବା ବେଳେ ଅଧିକାଂଶ କାର୍ଯ୍ୟ କରାନଯାଇ ଠିକାସଂସ୍ଥା ବିଲ୍ କରିନେଇଥିବା ବେଳେ ପୁନର୍ବାର ଆର୍ଥିକ ବର୍ଷ ୨୦୨୪-୨୫ ମସିହାରେ ଶାନ୍ତ ସାହି ପାଖରୁ କଂଶାର ସାହସ ପୁର ପର୍ଯ୍ୟନ୍ତ ଗୋବରୀ କେନାଲ ରୁ ଦଳ ସଫେଇ ପାଇଁ ୧୪ ଲକ୍ଷ୍ୟ ଟଙ୍କା ର ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି । ମାତ୍ର କିଛି କିଛି ଜାଗାରେ ମେସିନ ପୁରାଇ ଦଳ ସଫା କରି ଲକ୍ଷ୍ୟାଧିକ ଟଙ୍କା ପାଣିରେ ପଡ଼ିବ ବୋଲି ସ୍ଥାନୀୟ ଅଞ୍ଚଳ ର ବୁଦ୍ଧଜୀବୀମାନେ ଅଭିଯୋଗ ରଖିଛନ୍ତି । ବୁଦ୍ଧିଜିବୀ ଙ୍କ କହିବା ଅନୁଯାୟୀ ଏବେ କେନାଲ ରେ ବନ୍ୟା ପାଣି ସହ ବର୍ଷା ଜଳ ପ୍ରବାହ ହେଉଛି ତେଣୁ ସଫେଇ କଲେ ପୁନର୍ବାର ଦଳ ଭର୍ତ୍ତି ହୋଇଯିବା ସମ୍ଭାବନା ଅଧିକ ରହିଛି । ତେଣୁ ସରକାରୀ ଅର୍ଥ ବ୍ୟୟ କରୀ ଦଳ ସଫା କଲେ ସମ୍ପୁର୍ଣ୍ଣ ଅର୍ଥ ପାଣିରେ ପଡ଼ିବ ।

## ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ

ପାରାଦୀପ, (ମହାଭାରତ) : ପାରାଦୀପ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଶନିବାର ପୂର୍ବାହ୍ନ ରେ ଅନୁଷ୍ଠିତ ହେଇଯାଇଛି । ପାରାଦୀପ ପୌର ପରିଷଦ ଅଧକ୍ଷ ବସନ୍ତ କୁମାର ବିଶ୍ୱାଳ ଙ୍କ କରକମଳରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ଜ୍ଞାନ ବିଜ୍ଞାନ ମେଳା ଉଦଘାଟିତ ହୋଇଥିଲା । ସମ୍ମାନୀତ



ଅତିଥି ଭାବରେ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡିଶା ଙ୍କ ପୂର୍ବ ସମ୍ପାଗର କୋଷାଧକ୍ଷ ରବୀନ୍ଦ୍ର କୁମାର ଦାସ ବିଦ୍ୟାର୍ଥୀ ମାନଙ୍କ ପାଇଁ ଜଳ ଶକ୍ତି ସଞ୍ଚୟ କରିବା ପାଇଁ ମୂଲ୍ୟବାନ ମାର୍ଗଦର୍ଶନ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ମଞ୍ଚାସିନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସହିତ ଜ୍ଞାନ ବିଜ୍ଞାନ ମେଳାର ଆଭିମୁଖ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ମମତା କର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀଙ୍କ ଜିଜ୍ଞାସୁ ମନୋଭାବ ରହିଲେ ନୂଆ ନୂଆ କଥା ଜାଣିବା ଓ କଳ୍ପନା ଶକ୍ତି ବଳରେ ନୂଆ ନୂଆ ଜିନିଷ ଉଦଭାବନ କରି ପାରିବେ ବୋଲି ମୁଖ୍ୟ ଅତିଥି ପୌରାଧକ୍ଷ ବସନ୍ତ ବିଶ୍ୱାଳ ମାର୍ଗ ଦର୍ଶନ କରିଥିଲେ । ଏହି ବିଜ୍ଞାନ ମେଳାରେ ୫୦୦ ରୁ ଉର୍ଦ୍ଧ୍ୱ ପ୍ରତିଭାଗି ବିଭିନ୍ନ ବିଜ୍ଞାନ ପ୍ରକଳ୍ପ, ପ୍ରଶ୍ନ ମଞ୍ଚ, ମୂର୍ତ୍ତି କଳା, ପତ୍ର ବାଚନ, ପ୍ରୟୋଗ ଗଣିତ ପ୍ରକଳ୍ପ ଆଦି ରେ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ଆଚାର୍ଯ୍ୟ ସୁଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ସେବକ, ସେବିକା ଏବଂ ପରିଚାଳନା ସମିତିର କାର୍ଯ୍ୟ କର୍ତ୍ତା ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ୟୁ.ଏ.ଏସ କୁ ସ୍ଥଗିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ନୂଆଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ତରଫରୁ ୟୁନିଫାଏଡ ଅଟୋମେଶନ ସିଷ୍ଟମ ଲାଗୁ ନ କରିବା ସମ୍ପର୍କରେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନା ଥାଉକି ନୂଆଗାଁ ବ୍ଲକର ସମସ୍ତ ଅଞ୍ଚଳରେ ମୋବାଇଲ ସେବା , ଇଣ୍ଟରନେଟ ଓ ଦକ୍ଷ ପରିଚାଳକ ନଥିବାରୁ ବର୍ତ୍ତମାନ ଏହି ବ୍ୟବସ୍ଥା ଲାଗୁ



ନକରିବା ପାଇଁ ବ୍ଲକର ସମସ୍ତ ଶିକ୍ଷକ ଓ କର୍ମଚାରୀ ଅନୁରୋଧ କରିଛନ୍ତି । ସର୍ବନିମ୍ନ ସୁବିଧା ସରକାରଙ୍କ ତରଫରୁ ସୁନିଶ୍ଚିତ ନକରିବା ପର୍ଯ୍ୟନ୍ତ ଓ ଅନ୍ୟ ବ୍ଲକରେ ଲାଗୁ ନହେବା ପର୍ଯ୍ୟନ୍ତ ଏହି ବ୍ୟବସ୍ଥାକୁ ଯଦି ନୂଆଗାଁ ବ୍ଲକରେ ଲାଗୁ କରାଯାଏ ତେବେ ଗଣତାନ୍ତ୍ରିକ ଉପାୟରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଜଣାଇଛନ୍ତି ।ଏଥି ସହିତ ସମସ୍ତ କର୍ମଚାରୀ ମାନଙ୍କୁ ସରକାରଙ୍କ ତରଫରୁ ମୋବାଇଲ ପ୍ରଦାନ ସହ ମାସିକ ଇଣ୍ଟରନେଟ ପ୍ୟାକ ର ବ୍ୟବସ୍ଥା,ସମସ୍ତ ବିଦ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ,ଶ୍ରେଣୀ ଅନୁସାରେ ଶିକ୍ଷକ ନିଯୁକ୍ତି, ଅଣ ଶୈକ୍ଷିକ କାର୍ଯ୍ୟରୁ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ନିବୃତ କରିବା,ନିୟମିତ ପଦୋନ୍ନତି ଦେବାର ବ୍ୟବସ୍ଥା କରିବା ତଥା ଏଲିମେଣ୍ଟାରି କ୍ୟାଡ଼ର ନିୟମକୁ ବାରମ୍ବାର ବ୍ୟବଚ୍ଛେଦ ନକରି ସ୍ଥାୟୀ ନିୟମ କରିବା, ବ୍ଲକ୍ ଗ୍ରାଣ୍ଟ ପ୍ରଥା ଉଚ୍ଛେଦ କରି ସଭିଙ୍କୁ ପୂର୍ଣ୍ଣ ସରକାରୀ କର୍ମଚାରୀ ଘୋଷଣା କରିବା,ଶ୍ରେଣୀ ସଂଖ୍ୟା ଅନୁଯାୟୀ ପ୍ରତି ଶ୍ରେଣୀକୁ ଜଣେ ଲେଖାଏ ଶିକ୍ଷକ ନିଯୁକ୍ତି କରିବା, ୨୦୧୧ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକ ମାନଙ୍କ ପାଇଁ ଓଟିଇଟି ଉଚ୍ଛେଦ,ପାର୍ଟ ଟାଇମ୍ ଶିକ୍ଷକଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା,ଓଟିଇଟି ଆଳରେ ନିୟମିତରୁ ବଞ୍ଚିତ ଗଣ ଶିକ୍ଷକଙ୍କୁ ନିୟମିତ କରିବା ଆଦି ଦାବି ନେଇ ନୂଆଗାଁ ବ୍ଲକ୍ ର ବିଭିନ୍ନ ଶିକ୍ଷକ ସଂଘର ନେତା ବିନାୟକ ପରିଡ଼ା,ପ୍ରଭାତୀ ମିଶ୍ର, ସୁରେଶ ଚନ୍ଦ୍ର ମହାପାତ୍ର, ଗତିକ୍ରିଷ୍ଣ ପ୍ରଧାନ,ସୁଧିର କୁମାର ପ୍ରଧାନ,ସିଦ୍ଧାର୍ଥ ରନ୍,ସୁଧିରଞ୍ଜନ ପରିଡ଼ା,ପୁରୁଷୋତ୍ତମ ଜାନୀ,କବିରାଜ ବିଶ୍ୱାଳ,ବିନାୟକ ପଣ୍ଡାଙ୍କ ସମେତ ଶହେରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟତ୍ରୀ ନୂଆଗାଁ ଡାକ ବଙ୍ଗଳାରୁ ବାହାରି ଶାନ୍ତିପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତି କୁ ବିରୋଧ କରି ,ଦାବି ଗୁଡ଼ିକୁ ସ୍ଲୋଗାନ ଦେଇ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ ।ବ୍ଲକ୍ ଶିକ୍ଷା ଅଧିକାରୀ ଅନୁପସ୍ଥିତ ଥିବାରୁ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଜ୍ୟୋସ୍ନାରାଣୀ ସେଠୀଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ ।ଯଦି ସରକାର ଦାବୀ ପୂରଣ ନକରନ୍ତି ତେବେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ତୀବ୍ରତର ଆନ୍ଦୋଳନ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ସାମ୍ବାଦିକଙ୍କୁ ଆକ୍ରମଣ: ଏସ୍ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବିକଲା ଓ.ୟୁ.ଡବ୍ଲୁ.ଜେ

ଖୋର୍ଦ୍ଧା, (ମହାଭାରତ): ଖବର ପ୍ରସାରଣକୁ ନେଇ ଆକ୍ରୋଶ ରଖି ବାଣପୁର ଅଂଚଳର ଦିଲ୍ଲୀପ କୁମାର ସ୍ୱାଇଁ (୪୩) ନାମକ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ମାରଣାନ୍ତକ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରାଯାଇଛି । ଏନେଇ ନାଚୁଣୀ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ଅନ୍ୟପକ୍ଷରେ ସାମ୍ବାଦିକ ସୁରକ୍ଷା ଓ ଆକ୍ରମଣକାରୀଙ୍କୁ ଗିରଫ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସପିଙ୍କୁ ଭେଟି ଦାବି କରିଛି ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓ.ୟୁ.ଡବ୍ଲ୍ୟୁ.ଜେ) । ଆଜି ଅପରାହ୍ନରେ ଆହତ ସାମ୍ବାଦିକଙ୍କୁ ସାଥିରେ ଧରି ଓ.ୟୁ.ଡବ୍ଲ୍ୟୁ.ଜେ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ପ୍ରକାଶ ହାତୀଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟମାନେ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବି ଜଣାଇଛନ୍ତି । ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାନଗଲେ ସଂଘ ରାଜ୍ୟ ବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି । ସୂଚନା ଅନୁସାରେ, ସ୍ଥାନୀୟ



ଅଞ୍ଚଳର ଜଣେ ୪ବର୍ଷର ଶିଶୁକନ୍ୟାକୁ ପ୍ରଲୋଭିତ କରି ତାର ଅଶ୍ଳୀଳ ଫଟୋକୁ ବିଭିନ୍ନ ପର୍ଣ୍ଣ ସାଇଟରେ ଲକ୍ଷାଧିକ ଟଙ୍କାରେ ବିକିବା ସହିତ ସେହି ଭିଜୁଆଲକୁ ଭାଇରାଲ କରିବା ଘଟଣାରେ ନାଚୁଣୀ ଥାନା ଅଧୀନ ହରିଚନ୍ଦନପୁର ଗ୍ରାମର ଅଭିଯୁକ୍ତ ଦୋଳଗୋବିନ୍ଦ ଜେନାକୁ ଦିଲ୍ଲୀ ସିବିଆଇ ଟିମ୍ ଖଜୁରିଆ ସ୍ଥିତ ଭିଣୋଇଙ୍କ ଘରୁ ଗିରଫ କରିଥିଲା । ଗତ ଏପ୍ରିଲ୍ ମାସ ୧୧ତାରିଖରେ ଏ ସମ୍ପର୍କିତ ଖବର ଦିଲ୍ଲୀପ ତାଙ୍କ କାଗଜରେ ପ୍ରକାଶ କରିଥିଲେ । ଏହାପରେ ଦିଲ୍ଲୀପଙ୍କୁ ଦୋଳଗୋବିନ୍ଦଙ୍କ ଭିଣୋଇ ଟୁଟୁ ସାମନ୍ତରାୟ ଓ ତାଙ୍କ ସମର୍ଥକମାନେ ବିଭିନ୍ନ ସମୟରେ ନାନାଦି ଧମକ ଚମକ ଦେଉଥିଲେ । ମାତ୍ର ଏହାକୁ ଦିଲୀପ ଗୁରୁତ୍ୱ ଦେଇନଥିଲେ । କିନ୍ତୁ ଗତ ଶୁକ୍ରବାର ରାତିରେ ଦିଲ୍ଲୀପ ଘରକୁ ଫେରିବା ସମୟରେ ରାସ୍ତାରେ ଜଗି ସେମାନେ ତାଙ୍କୁ ସଙ୍ଗବଦ୍ଧ ଭାବେ ମାରଣାନ୍ତକ ଆକ୍ରମଣ କରିବା ସହ ତଂଟିଚିପି ହତ୍ୟା ଉଦ୍ୟମ କରିଥିଲେ । ଏଥିରେ ଦିଲୀପଙ୍କ ଶରୀରରେ ଗଭୀର ଆଘାତ ଲାଗିଛି । ତାଙ୍କୁ ପ୍ରଥମେ ସ୍ଥାନୀୟ ମେଡିକାଲ ରେ ଭର୍ତି କରାଯାଇଥିବା ବେଳେ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ଏନେଇ ଦିଲୀପ ନାଚୁଣୀ ଥାନାରେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଏଭଳି ଏକ ଘଟଣାକୁ ବିଭିନ୍ନ ଗଣମାଧ୍ୟମ ଠାରୁ ନେଇ ରାଜନୈତିକ ଏବଂ ବୁଦ୍ଧିଜୀବି ମହଲରେ ନିନ୍ଦା କରା କରାଯାଇଛି । ଆକ୍ରମଣକୁ ଚପାଇ ଦେବାକୁ ଚାଲିଛି ବଡ଼ ଧରଣର ଯୋଜନା । କାରଣ ସଂପର୍କୀୟ ଭିଣୋଇ ଟୁଟୁ ସାମନ୍ତରାୟ ଶାସକ ଦଳର ଜଣେ ସକ୍ରିୟ ସଦସ୍ୟ ସହିତ ମଣ୍ଡଳ ସଭାପତି ବୋଲି ଆହତ ସାମ୍ବାଦିକ ଅଭିଯୋଗ କରିଛନ୍ତି । ତା ସହିତ ସବୁଠୁ ବଡ଼ କଥା ହେଉଛି, ଖୋଦ୍ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ନିଜ ପଞ୍ଚାୟତରେ ଏହି ଘଟଣା ଘଟିଛି । ତେଣୁ ବର୍ତମାନ ଆହତ ସାମ୍ବାଦିକଙ୍କୁ ନ୍ୟାୟ ଦେବାରେ ଟାଳଟୁଳ ନୀତି ପୋଲିସ ଆପଣେଇବ ବୋଲି ସନ୍ଦେହ ପ୍ରକଟ କରି ଆଜି ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଉପଯୁକ୍ତ ତଦନ୍ତ ସହିତ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି । ତେବେ ଅଭିଯୋଗର ତଦନ୍ତ ସ୍ଥାନୀୟ ଡିଏସପିଙ୍କ ମାଧ୍ୟମରେ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍.ପି ପ୍ରତିଶ୍ରୁତି ଦେଇଛନ୍ତି ।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

ଆସିକା, (ମହାଭାରତ) : ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛି । ପ୍ରକାଶ ଥାଉକି ଆସିକା ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଏକ ସପିଙ୍ଗ ମଲରେ କାର୍ଯ୍ୟରତ ଜଣେ ଯୁବତୀଙ୍କୁ ଆସିକା ପାକଲାପଲ୍ଲୀ ଗ୍ରାମର କାଳିଆ ଦାସ ପିତା ଲକ୍ଷ୍ମଣ ଦାସ ନାମକ ଯୁବକ ଜିନିଷ କିଣିବା ବାହାନାରେ ଅଶ୍ଳୀଳ ଇଙ୍ଗିତ କରିବା ସହ ଅସାଦାଚରଣ କରିଥିବା ନେଇ ଯୁବତୀ ଜଣଙ୍କ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଭିତ୍ତି କରି ଆସିକା ପୋଲିସ ରେ ୩୬୦/୨୫ରେ ଏକ ମାମଲା ରଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଆସିକା ଥାନା ପକ୍ଷରୁ ସୂଚନା ମିଳିଛି ।

## ଜ୍ଞାନ ବିଜ୍ଞାନ ମେଳା

ଗଜପତି, (ମହାଭାରତ) : ଶନିବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ଶ୍ରୀ ସୁବାଷ ଜମାଦାରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ମାୟାଧର ସାହୁ , ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଏ. ରବି କୁମାର, ବିଦ୍ୟାଳୟର ପରିଚାଳନା କମିଟିର ଉପ-ସଭାପତି ଶ୍ରୀ ସଞ୍ଜୟ ଜେନା, ସମ୍ପାଦକ ଚନ୍ଦ୍ରଶେଖରଙ୍କ ପଟ୍ଟନାୟକ, ସହ-ସମ୍ପାଦକ ଶ୍ରୀ ବିଭୂତି ଭୂଷଣ ରଥ, କୋଷାଧକ୍ଷ ପ୍ରମୋଦ ପାଢ଼ୀ, ସଦସ୍ୟା ସରିତା ପାଣିଗ୍ରାହୀ, ଶ୍ରୀମତୀ ସବିତା ଗମାଙ୍ଗ, ବିଦ୍ୟାଳୟର ବରିଷ୍ଠ ଉପଦେଷ୍ଟା ପୂଜ୍ୟଶ୍ରୀ ରାମାନନ୍ଦ ଦାସ ମହାରାଜ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ସରୋଜ କୁମାର ପଣ୍ଡା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ, ଆଜିକାର ବିଜ୍ଞାନ ମେଳାରେ ମୋଟ ୧୫୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ପାରଳାଖେମୁଣ୍ଡି ସହରର ବିଭିନ୍ନ ସରକାରୀ ତଥା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ପରିଦର୍ଶନ କରିଥିଲେ ।

## ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ: ମହିଳା ମୃତ ପୁରୁଷ ଗୁରୁତର

କରଞ୍ଜିଆ, (ମହାଭାରତ): ନିଜ ଦେହରେ ନିଆଁ ଲଗାଇ ଦେଲେ ପୁରୁଷ ଓ ମହିଳା । ଜୀଅନ୍ତା ଜଳିଗଲେ ମହିଳା । ଏଭଳି ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଶୁକୃଳି ବ୍ଲକ ରରୁଆଁ ଥାନା ଅଞ୍ଚଳରେ । ଖିଚିଂ ର ଏକ ଧାନ ବିଲରେ ଏହି ଆତ୍ମାହୁତି ଉଦ୍ୟମ ହୋଇଛି । ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଏହି ଆତ୍ମାହୁତି ଉଦ୍ୟମରେ ଘଟଣାସ୍ଥଳରେ ମହିଳାଙ୍କର ମୃତ୍ୟୁ ଘଟିଛି । ଜଣେ ପୁରୁଷ ଏଥିରେ ଗୁରୁତର ହୋଇଥିବା ର ଜଣାପଡିଛି । ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଅନ୍ତର୍ଗତ ଖିଚିଂ ଗାଁର ପାତାସାହିରେ ଜଣେ ମହିଳା ଏବଂ ପୁରୁଷ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ବିଲ ମଝିରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଶୁକୃଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଶୁକୃଳି ଡାକ୍ତରଖାନାରେ ମହିଳାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ଗୁରୁତର ଆହତ ହୋଇଥିବା ପୁରୁଷ ଜଣକୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଘଟଣାସ୍ଥାନରେ ରରୁଆଁ ପୁଲିସ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି । ପ୍ରାଥମିକ ତଦନ୍ତରୁ ଏହା ପ୍ରେମ ସମ୍ବନ୍ଧୀୟ ବୋଲି ଜଣାପଡିଛି ।

## ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ରିହାତିରେ ଯୋଗାଇ ଦେବାକୁ ପ୍ରଲୋଭନ ଦେଖାଇ ଟଙ୍କା ଠକେଇ

ନୟାଗଡ଼, (ମହାଭାରତ) : ନୟାଗଡ଼ରେ ପୁଣି ଏକ ଚିଟ୍‌ଫଣ୍ଡ ଠକେଇ ସାମ୍ନାକୁ ଆସିଛି । ଓଡ଼ିଶା ଷ୍ଟେଟ୍ ଲେବର୍ କୋଅପରେଟିଭ୍ ନାମକ ସଂସ୍ଥା ଜରିଆରେ ନୟାଗଡ଼ ବହୁ ମହିଳା ଠକେଇ ହୋଇଥିବା ଅଭିଯୋଗ ହୋଇଛି । ଗୁରୁବାର ଶତାଧିକ ମହିଳା ଠକେଇ କରିଥିବା ବ୍ୟକ୍ତିଙ୍କ ଘର ସାମ୍ନାରେ ବସି ରହିଛନ୍ତି । ନୟାଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ରାଜପାଟଣା ଗ୍ରାମର ସଞ୍ଜୟ ମହାପାତ୍ର ନାମକ ଜଣେ ବ୍ୟକ୍ତି ଏବଂ ଓଡ଼ଗାଁ ଅଞ୍ଚଳର ଭଗବାନ ଦାଶ ନାମକ ବ୍ୟକ୍ତି ଏହି ସଂସ୍ଥା ଜରିଆରେ ଠକେଇ କରିଥିବା ଅଭିଯୋଗ ହୋଇଛି । ଜଣଙ୍କ ପିଛା ୨୫୦ ଟଙ୍କା ଲେଖାଏଁ ଆଦାୟ କରାଯାଇ ସଂସ୍ଥାର ସଦସ୍ୟତା କରାଯାଇଥିଲା । ଉକ୍ତ ସଂସ୍ଥା ଜରିଆରେ କମ୍ ମୂଲ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ଏବେ ସଂସ୍ଥା ବନ୍ଦ ହୋଇଯାଇଥିବା କହି ଲୋକଙ୍କୁ ଭୁଆଁ



ବୁଲାଯାଉଥିବା ବେଳେ ଗୁରୁବାର ଶହ ଶହ ମହିଳା ରାଜପାଟଣା ସଞ୍ଜୟ ମହାପାତ୍ରଙ୍କ ଘର ଆଗରେ ଧାରଣା ଦେଇଛନ୍ତି । ମହିଳା ମାନେ ଦୀର୍ଘ ସମୟ ଧରି ଧାରଣା ଦେଇଥିବା ବେଳେ ୧୧୨ ମାଧ୍ୟମରେ ନୟାଗଡ଼ ସଦର ଥାନା ପୁଲିସକୁ ବାରମ୍ବାର ଯୋଗାଯୋଗ କରିବା ପରେ ବି ସଦର ଥାନା ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନେଇନଥିବା ମହିଳା ମାନେ ଅଭିଯୋଗ କରିଛନ୍ତି । ପୁଲିସ ଘଟଣା ସ୍ଥଳକୁ ଦୀର୍ଘ ସମୟ ଧରି ନ ଆସିବାରୁ ସଞ୍ଜୟ ଫେରାର୍ ହୋଇଯାଇଥିବା ନେଇ ମହିଳା ମାନେ ଅଭିଯୋଗ କରିଛନ୍ତି । ଶେଷରେ ମହିଳା ମାନେ ଭଗବାନ ଦାଶଙ୍କୁ ଧରି ଇଟାମାଟି ଥାନାରେ ପହଞ୍ଚି ଅଭିଯୋଗ କରିଥିବା ଜଣା ପଡିଛି । ଜିଲ୍ଲାରୁ ପ୍ରାୟ ୨୦ ହଜାର ଲୋକଙ୍କ ଠାରୁ ଠକେଇ ହୋଇଥିବା ଅନୁମାନ କରାଯାଉଛି । ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହାର ଶାଖା ଖୋଲାଯାଇଥିଲା । ସେଠାରେ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତି କରାଯାଇଥିଲା । କର୍ମଚାରୀଙ୍କୁ ମାସିକ ୭ ହଜାର ଟଙ୍କା ବେତନ ଦେବାକୁ ସଂସ୍ଥା ପକ୍ଷରୁ କୁହାଯାଇଥିଲା । ଜଣେ କର୍ମଚାରୀ ୩ ଶହ ସଦସ୍ୟ ପଞ୍ଜିକୃତ କରିବାକୁ ଟାର୍ଗେଟ ମଧ ଦିଆଯାଇଥିଲା । ଠକେଇ ଜଣାପଡ଼ିବା ପରେ ଗୁରୁବାର କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ଶହ ଶହ ମହିଳା ରାଜପାଟଣା ସ୍ଥିତ ସଞ୍ଜୟଙ୍କ ଘର ସାମ୍ନାରେ ବସି ରହିବା ସହ ହୋ-ହଲ୍ଲା କରିଛନ୍ତି ।

## ଏଡ୍ ପୋଷ୍ଟକୁ ପୋଲିସ ଫାଣ୍ଡି କରିବାକୁ ପୋଲିସ କମିଶନରଙ୍କୁ ଦାବିପତ୍ର

କଣ୍ଡାପଡ଼ା, (ମହାଭାରତ): କଟକ ଜିଲ୍ଲାର କୁରାଙ୍ଗ ଶାସନ,କୁରାଙ୍ଗ ପ୍ରଧାନ, ନଗରୀ, ସାଇଁଶୋ, ହରିଅନ୍ତା, ଉଷୁମା, ଖଲର୍ଦ୍ଧା, କୋରକରା ପଞ୍ଚାୟତ ଓ ଏହାର ଆଖପାଖ ଅଞ୍ଚଳର ବୁଦ୍ଧିଜୀବି, ଶିକ୍ଷିତ ଯୁବପିଢ଼ି ଓ ସଚେତନ ନାଗରିକମାନେ ଏକତ୍ରିତ ହୋଇ ଗତ ୧ତାରିଖ ଶୁକ୍ରବାର ଦିନ ଭୁବନେଶ୍ୱର-କଟକ ମହାନଗର ପୋଲିସ କମିଶନର ଦେବଦତ୍ତ ସିଂ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ କୁରାଙ୍ଗ ପ୍ରଧାନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପ୍ରାଙ୍ଗଣରେ ଥିବା ପୋଲିସ ଏଡ୍ ପୋଷ୍ଟକୁ ଏକ ପୂର୍ଣ୍ଣ ପୋଲିସ ଆଉଟ୍ ପୋଷ୍ଟ (ଫାଣ୍ଡି) ରେ ଅପଗ୍ରେଡ୍ କରିବା ପାଇଁ ଅଞ୍ଚଳର ଶିକ୍ଷିତ ଓ ସଚେତନ ନାଗରିକମାନେ ଅନୁରୋଧ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଏହି ସମସ୍ତ



ଗ୍ରାମପଞ୍ଚାୟତ କଟକ ସଦର ଥାନା ଅଧୀନରେ ଥିବା ବେଳେ, ଏହି ଅଞ୍ଚଳରୁ ଥାନା ପର୍ଯ୍ୟନ୍ତର ଦୂରତା ୨୦ କି.ମି. ରୁ ଅଧିକ ଥିବାରୁ ଆପାତକାଳୀନ ସମୟରେ ପୋଲିସ ହସ୍ତକ୍ଷେପ ଡେରିରେ ହୁଏ । ବିଭିନ୍ନ ସମୟରେ ଚୋରୀ, ଡକାୟତି,ଛିନ୍ ତାଇ ଭଳି କାଣ୍ଡ ଘଟାଇବାରେ ଅପରାଧୀମାନଙ୍କ ପାଇଁ ଲାଭଦାୟକ ସୃଷ୍ଟି ହୁଏ । ଅଞ୍ଚଳର ମୁଖ୍ୟ ରାସ୍ତା କଟକ ଓ ଭୁବନେଶ୍ୱର ନିଆଳିକୁ ଯୋଡ଼ିହୋଇଥିବା ବେଳେ ଏହି ଅଞ୍ଚଳରେ ବେଳେବେଳେ ଅପରାଧ ପ୍ରବଣ ହୋଇଥାଏ । ଏପରି ଘଟଣା ପ୍ରାୟତଃ ଦୈନନ୍ଦିନ ଘଟୁଥିବା ହେବା ନେଇ ଅଞ୍ଚଳବାସୀମାନେ ଉଲ୍ଲେଖ କରିଛନ୍ତି । ଏହି ଦାବିପତ୍ର ମା ଶ୍ୟାମାକାଳୀ ପୂଜା କମିଟିର ସଭାପତି ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଅନିଲ ସ୍ୱାଇଁ, ରତିକାନ୍ତ ମହାନ୍ତି, ଜଗତସିଂପୁର ସାଂସଦ ଶ୍ରୀଯୁକ୍ତ ବିଭୁ ତରାଇଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ର, କୁରାଙ୍ଗ ଶାସନ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ରୋହିଣୀ ଭୋଇ, ସରକାରୀ ଆଇନଜୀବୀ ଅଭିରାମ ପାତ୍ର,ପ୍ରାଚୀ ପ୍ରଜ୍ଞା ସଙ୍ଗଠନର ଅଧକ୍ଷ ଅଶ୍ୱିନୀ ମହାପାତ୍ର, ଇଂ ସୁଶାନ୍ତ ତ୍ରିପାଠୀ, ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନଙ୍କ ସହୋଯୋଗରେ ଭୁବନେଶ୍ୱର-କଟକ ମହାନଗର ପୋଲିସ କମିଶନର ଦାବି ପତ୍ର ପ୍ରଦାନ କରିଥିଲେ । ଦାବି ପତ୍ର ଗ୍ରହଣ କରି ପୋଲିସ କମିଶନର ଦେବଦତ୍ତ ସିଂ ଖୁବ୍ ଶିଘ୍ର ପୋଲିସ ଏଡ୍ ପୋଷ୍ଟ କୁ ପୂର୍ଣ୍ଣ ପୋଲିସ ଆଉଟ୍ ପୋଷ୍ଟ (ଫାଣ୍ଡି)ରେ ଅପଗ୍ରେଡ୍ କରିବେ ବୋଲି ବୁଦ୍ଧିଜୀବୀ ଓ ଅଞ୍ଚଳବାସିଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଶଶୁର ଆକ୍ରମଣରେ ଜ୍ୱାଇଁ ଗୁରୁତର

ଦଶପଲ୍ଲା , (ମହାଭାରତ) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଡିହଗାଁ ପଞ୍ଚାୟତ ରେ ଶୁକ୍ରବାର ଦିନ ଘଟି ଯାଇଛି ଏକ ଅଭାବନୀୟ ଘଟଣା । ଶଶୁର ଆକ୍ରମଣରେ ଜ୍ୱାଇଁ ଗୁରୁତର ହୋଇ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇଥିବା ସୂଚନା ମିଳିଛି । ତେବେ ସୂଚନା ଅନୁସାରେ ଖଇରାପଙ୍କାଳ ଗ୍ରାମ ର କୈଳାସ ପ୍ରଧାନ ଙ୍କ ଝିଅକୁ ଡିହଗାଁ ଗ୍ରାମର ବିଜୟ ସେନାପତି ଙ୍କ ପୁଅ ମାନସ ସେନାପତି ଙ୍କ ମଧ୍ୟରେ ଗଢି ଉଠିଥିଲା ପ୍ରେମ ସମ୍ପର୍କ । ତେବେ କୈଳାସ ନିଜ ଝିଅ ର ବିବାହ ଅନ୍ୟତ୍ର କରିବା କଥା ଶୁଣି ପ୍ରେମିଯୁଗଳ ଘରୁ ଲୁଚି ପଳାଇ ଥିଲେ । କୈଳାସ ଏଥିପାଇଁ ମାନସ ଙ୍କ ନାମରେ ଦଶପଲ୍ଲା ଥାନାରେ ମଧ୍ୟ ଅଭିଯୋଗ କରିଥିଲେ ।ପରେ ଉଭୟ ପରିବାର ମଧ୍ୟରେ ବୁଝାମଣା ହୋଇଥିଲା କିନ୍ତୁ ତା ପୂର୍ବରୁ ଦୁଇପ୍ରେମୀ କୋର୍ଟମ୍ୟାରେଜ କରିସାରିଥିଲେ । କିନ୍ତୁ ଅନ୍ୟ ଜାତିର ପୁଅ ହୋଇଥିବାରୁ କୈଳାସ ଏହାକୁ ସହଜରେ ଗ୍ରହଣ କରିପାରିନଥିଲା ଓ ପ୍ରତି ମୁହୂର୍ତ୍ତ ରେ ମାନସ କୁ ଆକ୍ରମଣ କରିବାକୁ ସୁଯୋଗ ଚାହିଁ ବସୁଥିଲା । ଘଟଣା ଦିନ ମାନସ ନିଜ ଅଟୋ ରେ ବସିଥିବା ସମୟରେ କୈଳାସ ଏକ ଧାରୁଆ ଅସ୍ତ୍ର ରେ ଆକ୍ରମଣ କରିବା ଆରମ୍ଭ କରିଦେଇଥିଲା । ମାତ୍ର ଗାଁ ଲୋକ କୈଳାସକୁ କାବୁ କରି ପୋଲିସ ଜିମା ଦେଇଥିଲେ । ପୋଲିସ ଘଟଣା ର ଅଧିକ ତଦନ୍ତ କରିଥିବା ବେଳେ ଶଶୁର କୈଳାସ ପ୍ରଧାନ ଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରିଣୀ ଅନିତା ସାହୁ ସୂଚନା ଦେଇଛନ୍ତି ।

## ସରକାର ଦେଲେ ଆବାସ ଘର ହେଲେ ଦେଲେ ନାହିଁ ପ୍ରଥମ କିସ୍ତିର ରାଶି ଫଳ

ପାଟଣାଗଡ଼, (ମହାଭାରତ) : ସରକାର ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ତରଫ ରୁ ଯୋଗ୍ୟ ହିତାଧିକାରୀ ଚିହ୍ନଟ ମାନଙ୍କୁ ଅନ୍ତୋଦୟ ଆବାସ ଗୃହ ଯୋଜନାରେ ସାମିଲ କରି ଗୃହ ତିଆରୀ ପାଇଁ ଅନୁଦାନ ରାଶି ଯୋଗାଇ ଦେଉଛନ୍ତି । ଘର ତିଆରି ପାଇଁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ସହ ପ୍ରଥମ କିସ୍ତି ୪୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କାର୍ଯ୍ୟାଦେଶରେ ଲିପିବଦ୍ଧ କରା ଯାଇଛି । ହେଲେ କେତେକ କ୍ଷେତ୍ରରେ ତାର ବ୍ୟାତିକ୍ରମ ହୋଇଛି । ଏ ପରି ଏକ ଅଭିଯୋଗ ଆଣିଛନ୍ତି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବଣେଇମୁଣ୍ଡା ଗ୍ରାମ/ପଞ୍ଚାୟତ କୁଶାବାହାଲି ଗ୍ରାମରେ ରହୁଥିବା ବିଧବା ବୃଦ୍ଧା ଛାୟାବତୀ ବନଛୋର । ଛାୟାବତୀ ବନଛୋର ମାଟି ଛପର



ଘର କରି ରହୁଥିଲେ । ବୃଦ୍ଧା ପଞ୍ଚାୟତରୁ ପାଇଥିବା ୫ କିଲୋ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ଏକ ହଜାର ଟଙ୍କାରେ ଚଳୁଛନ୍ତି । ତାଙ୍କର ନାମରେ ଆବାସ ଗୃହ ମଞ୍ଜୁରୀ ହେଲା ଏବଂ ତାକୁ ୦୩/୦୪/୨୦୨୫ ରେ କାର୍ଯ୍ୟାଦେଶ ଦିଆଗଲା । କାର୍ଯ୍ୟାଦେଶ ପାଇଲା ପରେ ରହୁଥିବା ବାସଗୃହ କୁ ଭାଙ୍ଗି ଦିଆ ଗଲା । ପ୍ରଥମ କିସ୍ତି ର ଟଙ୍କା ମିଳିଲେ ନୂତନ ଗୃହ ନିର୍ମାଣ ଆରମ୍ଭ କରିବା ଅପେକ୍ଷାରେ ରହିଲେ । ଧାର କରଜ କରି ବାଲି ପଥର ସିମେଣ୍ଟ କୁଲି ମଜୁରୀ ଲଗାଇ ପ୍ଲିନ୍ କରି ଦେଲେ । କାର୍ଯ୍ୟାଦେଶ ପାଇବାର ୩ ମାସରୁ ଉର୍ଦ୍ଧ୍ୱ ହୋଇ ଗଲାଣି ଏ ଯାଏ ମିଳିଲା ନାହିଁ ବୋଲି ବୃଦ୍ଧା କହିଛନ୍ତି । ସେ ଆହୁରି କହିଛନ୍ତି ଯେ ନୂତନ ଗୃହ ନିର୍ମାଣ ଆଶାରେ ପୁରୁଣା ଘର ଭାଙ୍ଗି ଦେବାରୁ ମୁଁ ଏବେ ପର ଘରେ ଆଶ୍ରୟ ନେଇଛି । ତାଙ୍କ ଗାଁର ଆଉ ଲୋକଙ୍କୁ କାଯ୍ୟାଦେଶ ମିଳିଲା ସେମାନେ ଟଙ୍କା ପାଇ ଗଲେଣି । ହେଲେ କେଉଁ କାରଣ ଯୋଗୁଁ ତାଙ୍କୁ କାର୍ଯ୍ୟାଦେଶ ଦେଲା ପରେ ମଧ୍ୟ ୩ ମାସରୁ ଉର୍ଦ୍ଧ୍ୱ ହେଲା ଟଙ୍କା ମିଳି ପାରିଲା ନାହିଁ । ବର୍ତ୍ତମାନ ବର୍ଷାଦିନ ଆସି ଯାଇଛି । ସେ କିପରି ଘର ତିଆରି କରି ପାରିବେ ଏବଂ ପରେ ଘରେ କେତେ ଦିନ ଆଶ୍ରାୟ ନେବେ ସେଥି ପାଇଁ ପ୍ରଶାସନ ଯଥାଶିଘ୍ର ତାଙ୍କୁ ଘର ତିଆରି ପାଇଁ ଟଙ୍କା ଯୋଗାଇ ଦେବାକୁ ବୃର୍ଦ୍ଧା ଦାବି କରୁଛନ୍ତି ।

## ପୋଖରୀରେ ବୁଡି ନାବାଳିକା ମୃତ

ଓଡ଼ଗାଁ, (ମହାଭାରତ) : ପୋଖରୀରେ ବୁଡି ନାବାଳିକା ମୃତ । ନୟାଗଡ଼ ଓଡ଼ଗାଁ ଥାନା ଧ ଝୋଲା ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା ।ପୋଖରୀରେ ବୁଡି ୧୦ ବର୍ଷର ନାବାଳିକା ଗୌରୀ ନାୟକ ଙ୍କର ମୃତ ହୋଇଛି । ସ୍କୁଲ ରୁ ପାଠ ପଢ଼ା ସାରି ଗାଁ ଠାରୁ ୨୦୦ ମିଟର ଦୂରରେ ଥିବା ପୋଖରୀ କୁ ଗାଧେଇବା ପାଇଁ ଭାଇ ଭଉଣୀ ଯାଇଥିବା ବେଳେ ଗୌରୀ ପୋଖରୀରେ ଗାଧୋଇବା ବେଳେ ଅସାବଧାନତା ହେତୁ ଘଟିଥିଲା ଅଘଟଣ । ଖବର ପାଇ ଗ୍ରାମ ବାସୀ ପୋଖରୀ ରୁ ଗୌରୀ ଙ୍କୁ ଉଦ୍ଧାର କରି ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଗୌରୀ ଙ୍କୁ ମୃତ୍ୟୁ ଘୋଷଣା କରିଥିବା ବେଳେ ଓଡ଼ଗାଁ ଥାନା ପୁଲିସ ଗୌରୀ ଙ୍କ ମୃତ୍ୟୁ ଦେହ ଜବତ୍ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି ଏବଂ ଘଟଣା ର ତଦନ୍ତ ଆରମ୍ଭ କରିଛି । ଧ ଝୋଲା ଗାଁ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଏଡ୍ ପୋଷ୍ଟକୁ ପୋଲିସ ଫାଣ୍ଡି କରିବାକୁ ପୋଲିସ କମିଶନରଙ୍କୁ ଦାବିପତ୍ର



କଣ୍ଟାପଡ଼ା (ମହାଭାରତ):କଟକ ଜିଲ୍ଲାର କୁରାଙ୍ଗ ଶାସନ,କୁରାଙ୍ଗ ପ୍ରଧାନ, ନଗରୀ, ସାଇଁଶୋ, ହରିଅନ୍ତା,ଉଷୁମା, କୋରକରା ପଞ୍ଚାୟତ ଓ ଏହାର ଆଖପାଖ ଅଞ୍ଚଳର ବୁଦ୍ଧିଜୀବି ,ଶିକ୍ଷିତ ଯୁବପିଢ଼ି ଓ ସଚେତନ ନାଗରିକମାନେ ଏକତ୍ରିତ ହୋଇ, ଗତକାଲି ୨ତାରିଖ ଶୁକ୍ରବାରଦିନ ଭୁବନେଶ୍ୱର-କଟକ ମହାନଗର ପୋଲିସ କମିଶନର ଦେବଦତ୍ତ□ ସିଂ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ କୁରାଙ୍ଗ ପ୍ରଧାନ ଗ୍ରାମପଞ୍ଚାୟତରେ ଥିବା ପୋଲିସ ଏଡ୍ ପୋଷ୍ଟ କୁ ଏକ ପୂର୍ଣ୍ଣ ପୋଲିସ ଆଉଟ୍ ପୋଷ୍ଟ (ଫାଣ୍ଡି) ରେ ଅପଗ୍ରେଡ୍ କରିବା ପାଇଁ ଅଞ୍ଚଳର ଶିକ୍ଷିତ ଓ ସଚେତନ ନାଗରିକମାନେ ଅନୁରୋଧ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଏହି ସମସ୍ତ ଗ୍ରାମପଞ୍ଚାୟତ କଟକ ସଦର ଥାନା ଅଧୀନରେ ଥିବା ବେଳେ, ଏହି ଅଞ୍ଚଳରୁ ଥାନା ପର୍ଯ୍ୟନ୍ତର ଦୂରତା ୨୦ କି.ମି. ରୁ ଅଧିକ ଥିବାରୁ ଆପାତକାଳୀନ ସମୟରେ ପୋଲିସ ହସ୍ତକ୍ଷେପ ଡେରିରେ ହୁଏ। ବିଭିନ୍ନ ସମୟରେ ଚୋରୀ, ଡକାୟତି ,ଛିନ୍ତାଇ ଭଳି କାଣ୍ଡ ଘଟାଇ ଅପରାଧୀମାନଙ୍କ ପାଇଁ ଲାଭଦାୟକ ସୃଷ୍ଟି ହୁଏ। ଅଞ୍ଚଳର ମୁଖ୍ୟ ରାସ୍ତା କଟକ ଓ ଭୁବନେଶ୍ୱରକୁ ନିଆଳିକୁ ଯୋଡ଼ିହୋଇଥିବା ବେଳେ ଏହି ଅଞ୍ଚଳରେ ବେଳେବେଳେ ଅପରାଧ ପ୍ରବଣ ହୋଇଥାଏ। ଏପରି ଘଟଣା ପ୍ରାୟତଃ ଦୈନଦିନ ଘଟୁଥିବା ହେବା ନେଇ ଅଞ୍ଚଳବାସୀମାନେ ଉଲ୍ଲେଖ କରିଛନ୍ତି। ଏହି ଦାବିପତ୍ର କୁରାଙ୍ଗ ଶାସନ ଗ୍ରାମ ପଞ୍ଚାୟତ ସରପଞ୍ଚ ହୋହିଣୀ ଭୋଇଙ୍କ ନେତୃତ୍ୱରେ ବଡ଼ ଝରିଲୋ ମା ଶ୍ୟାମାକାଳୀ ପୂଜା କମିଟିର ସଭାପତି ପ୍ରତାପ ଚନ୍ଦ୍ର ପଣ୍ଡା, ଅନିଲ ସ୍ୱାଇଁ, ରତିକାନ୍ତ ସ୍ୱାଇଁ, ଜଗତସିଂପୁର ସାଂସଦ ବିଭୁ ତରାଇଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ର, ସରକାରୀ ଆଇନଜୀବୀ ଅଭିରାମ ପାତ୍ର,ପ୍ରାଚୀ ପ୍ରଜ୍ଞା ସଙ୍ଗଠନର ଅଧ୍ୟକ୍ଷ ଅଶ୍ୱିନୀ ମହାପାତ୍ର, ଇଂ ସୁଶାନ୍ତ ତ୍ରିପାଠୀ, ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନଙ୍କ ସହୋଯୋଗରେ ଭୁବନେଶ୍ୱର-କଟକ ମହାନଗର ପୋଲିସ କମିଶନରଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତ।

## ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟସମ୍ମୁଖରେ ୬ ଦଫା ଦାବିନେଇ ବିକ୍ଷୋଭ ଏବଂ ଦାବିପତ୍ର ପ୍ରଦାନ

ରାଇରଙ୍ଗପୁର (ମହାଭାରତ): ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ( ଓଷ୍ଟା),ରାଇରଙ୍ଗପୁର ଶାଖା ତରଫରୁ ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ସ୍ତରୀୟ ୬ ଦଫା ଦାବି ନେଇ ବିକ୍ଷୋଭ କାର୍ଯ୍ୟକ୍ରମ ଆଜି ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି ।ପରେ ଶିକ୍ଷକମାନେ ବିଇଓଙ୍କୁ ୬ ଦଫା ଦାବି ସମୂହ ନେଇ ମୁଖ୍ୟମନ୍ତ୍ରୀ,ରାଜ୍ୟ ଗଣଶିକ୍ଷାମନ୍ତ୍ରୀ,ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ,ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ୬ ଦଫା ଦାବି ସମୂହ ନେଇ ଦାବିପତ୍ର ପ୍ରଦାନ କରିଥିଲେ । ଦାବି ସମୂହ ଗୁଡିକ ହେଲା ୧- ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପ୍ରଦାନ,୨- ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଚାକିରୀ ସର୍ତ୍ତାବଳୀ,ପେନସନ, ଓ ଅବସରକାଳୀନ ସୁବିଧା ସୁଯୋଗ ସମସ୍ତ ପ୍ରଦାନ, ୩- ଅବସର ବୟସ ସୀମା ୬୦ ରୁ ୬୨ ବର୍ଷ ବୃଦ୍ଧି,୪- ଶିକ୍ଷକ ଓ କର୍ମଚାରୀଙ୍କ ଗ୍ରେଡପେ ରେ ଥିବା ଅସଙ୍ଗତି ଦୂରୀକରଣ ୫-ସମସ୍ତ ନୂତନ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକୁ ସରକାରୀ କରଣ ଏବଂ ଶିକ୍ଷକ ନିଯୁକ୍ତି, ୬- ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ ଟି ନୋସନାଲ୍ ଇନକ୍ରିମେଣ୍ଟ ସହିତ ଗରିଷ୍ଠତା ପ୍ରଦାନ ଓ ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ୍ ସ୍କିମର ପୁନଃ ପ୍ରଚଳନ ଇତ୍ୟାଦି ।ଶିକ୍ଷକମାନେ ଦାବିପତ୍ର ପ୍ରଦାନ ବିଇଓ ଶ୍ରୀ ଘନଶ୍ୟାମ ମୁର୍ମୁ,ଏବିଇଓ କାର୍ତ୍ତିକ ଚନ୍ଦ୍ର କାଉଆ,ଏବିଇଓ ହେମମାଝି ପ୍ରମୁଖ ଉପସ୍ଥିତ ଥିଲେ ।ଦାବିପତ୍ର ପ୍ରଦାନ ସମୟରେ ମୟୂରଭଂଜ -୨ ର ଜିଲ୍ଲା ସଭାପତି ଦୁର୍ଯୋଧନ ବେହେରା, ବ୍ରହ୍ମାପଦ ପଣ୍ଡା,ଅନିଲ ମହାନ୍ତ,ସୁବାସ ବାରିକ, ସୁବାସ ମହାନ୍ତ ,ମୀନାକ୍ଷୀ ମହାନ୍ତ,ସପନ ମହାନ୍ତ, ରଣଜିତ କୁମ୍ଭାକାର,ସଞ୍ଜିବ ମାହାଲି,ମିହିର ଦାସ,ପ୍ରଭାକର ପାଲ ,ଯତୀନ୍ଦ୍ର ନାଥ ଗିରି,ଅନାଦି ଶଙ୍କର ଗିରି,ଜନ୍ମେଜୟ ମହାନ୍ତଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

## ପାଟଣା ବ୍ଲକ ୭୯ତମ ସ୍ୱାଧିନତା ଦିବସ ପ୍ରସ୍ତୁତି ବୈଠକ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପକ୍ଷ ରୁ ୭୯ତମ ସ୍ୱାଧିନତା ଦିବସ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକ କୁ ଶିକ୍ଷକ ପାର୍ଥସାରଥୀ ବେଜ୍ ସଂଯୋଜନା କରିଥିବା ବେଳେ ବିଏସଏସଓ ଅଭୟ କୁମାର ଦେହୁରୀ ପରିଚାଳନା କରିଛନ୍ତି। ସ୍ୱାଧିନତା ପ୍ରସ୍ତୁତି ବୈଠକ ପାଟଣା ବିଡିଓ ଅଶ୍ୱିନୀ କୁମାର ନାଏକଙ୍କ ଅଧ୍ୟକ୍ଷତା ରେ ବୈଠକ ଅନୁଷ୍ଠିତ ହୋଇଛି। ଏହି ପ୍ରସ୍ତୁତି ବୈଠକ ରେ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ,ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶୁଭେନ୍ଦୁ ସାଗର କୁମାର ନାଏକ, ବନ୍ୟାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର,ପାଟଣା ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ,ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ ଉକ୍ତ ବୈଠକ ରେ ଉପସ୍ଥିତ ଥିଲେ। ୭୯ତମ ସ୍ୱାଧିନତା ଦିବସ ଅବସରରେ ପାଟଣା ସରକାରୀ,ବେସରକାରୀ,ଶିକ୍ଷା ଅନୁଷ୍ଠାନ,ସ୍ୱାସ୍ଥ୍ୟ କେନ୍ଦ୍ର,ସୁରକ୍ଷା, ଅଗ୍ନିଶମ ବିଭାଗ ବିଭିନ୍ନ କାର୍ଯ୍ୟାଳୟ ଗୁଡ଼ିକରେ ଜାତୀୟ ପତକା ଉତ୍ତୋଳନ ସମୟ ୭.୩୦ ଧାର୍ଯ୍ୟ କରାଯାଇ ଥିବା ବେଳେ ବ୍ଲକ ପ୍ରଶାସନ ତରଫ ରୁ ଷ୍ଟାଡିୟମ ଠାରେ ଆୟୋଜିତ ପ୍ୟାରେଡ କାର୍ଯ୍ୟକ୍ରମ ରେ ସକାଳ ୯ଟା ସମୟରେ ପତକା ଉତ୍ତୋଳନ ସମୟ ରଖାଯାଇଛି। ସଚ୍ଚିଦାନନ୍ଦ ସେଠୀ,ବନପାଳ ଅଧିକାର ନିରଞ୍ଜନ ସେଠୀ, ଅଗ୍ନିଶମ ବିଭାଗ ଅଧିକାରୀ ଗୌରମୋହନ ହେମ୍ବ୍ରମ, ଥାନା ଅତିରିକ୍ତ ଅଧିକାରୀ ଗୌରହରି ଗ୍ରାଡ଼ିଆ, ଯୋଗାଣ ନିରୀକ୍ଷକ ସୁନୀତା ମାରାଣ୍ଡି, ଡବ୍ଲୁଇଓ ସିପ୍ରାରାଣି ମହାନ୍ତ ଓ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁ,ଜି.ଏନ୍ ହାଇସ୍କୁଲ କ୍ରୀଡା ଶିକ୍ଷୟତ୍ରୀ ଦୁର୍ଗାବତୀ ମହାନ୍ତ, ବରିଷ୍ଠ କ୍ରୀଡା ପ୍ରଶିକ୍ଷକ ପ୍ରମୋଦ କୁମାର ଭଞ୍ଜ ତଥା ପାଟଣା ଅଞ୍ଚଳ ସମାଜ ସେବୀ ଓ ବୁଦ୍ଧିଜିବୀ ମାନେ ପ୍ରସ୍ତୁତି ବୈଠକ ରେ ଉପସ୍ଥିତ ଥିଲେ।

## ସମନ୍ୱିତ ଛତୁ ଚାଷ ଗାଁ କୁ ଦେଇଛି ସ୍ୱତନ୍ତ୍ର ପରିଚୟ

# ୨୦ ବର୍ଷ ହେବ ପ୍ରତି ପରିବାର ଛତୁ ଚାଷ କରି ହେଉଛନ୍ତି ସ୍ୱାବଲମ୍ବୀ



ଜୁନାଗଡ଼,(ମହାଭାରତ):ଲୋକେ ଚାଷ ପ୍ରତି ମୁହଁ ଫେରାଉଥିବା ବେଳେ, କଳାହାଣ୍ଡି ଜିଲ୍ଲାରେ ଏମିତି ଏକ ଗାଁ ଅଛି ଯେଉଁ ଗାଁର କି ପ୍ରତି ପରିବାର ଲୋକେ ଚାଷ କରି ସ୍ୱାବଲମ୍ବୀ ହେଉଛନ୍ତି ।ଚାଷୀ ଅନେକ ପ୍ରକାର ଚାଷ କରୁଥିଲେ ସୁଦ୍ଧା ଛତୁ ଚାଷର ରହିଛି ଏକ ସ୍ୱତନ୍ତ୍ର ପଦ୍ଧତି । ଗ୍ରାମବାସୀଙ୍କ ନିଆରା ପ୍ରୟାସ ଯୋଗୁଁ ଛତୁ ଚାଷ ପାଇଁ ଗାଁକୁ ମିଳିଛି ସ୍ୱତନ୍ତ୍ର ପରିଚୟ । କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ତଲ ଜାରିଙ୍ଗ ପଞ୍ଚାୟତର ଘଣ୍ଟ ବାହାଲି ଗ୍ରାମ । ଏହି ଗ୍ରାମରେ ଜାତୀୟ ରାଜପଥ ୨୬ ଉପରେ ରହିଛି । ଗ୍ରାମରେ ଦଳିତ ଓ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି । ଘଣ୍ଟବାହାଲି ଗ୍ରାମର ପ୍ରତି ଘରେ ଛତୁ ଚାଷ କରନ୍ତି ଏବଂ ଜାତୀୟ ରାଜପଥ ୨୬ ଉପରେ ହିଁ ବିକ୍ରି କରିଥାନ୍ତି । ଏହି ଚାଷ ପାଇଁ ପରିବାର ସମସ୍ତେ ଲାଗିପଡ଼ିଥାନ୍ତି । ଜୈବିକ ପଦ୍ଧତିରେ ଚାଷ କରୁଥିବା ଯୋଗୁଁ ଏମାନଙ୍କ ଛତୁ ମଧ୍ୟ ସୁସ୍ୱାଦିଷ୍ଟ ଅଟେ । ଯାହା ଫଳରେ ଅନେକ ଦୂରଦୂରାନ୍ତରୁ ମଧ୍ୟ ଲୋକେ ଏହି ଗାଁ କୁ ଛତୁ କିଣିବାକୁ ଆସିଥାନ୍ତି । ବର୍ତ୍ତମାନ ଛତୁଚାଷ ଯୋଗୁଁ ଗ୍ରାମବାସୀଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି । ଆଗରୁ ଏହି ଗ୍ରାମବାସୀ ଦାଦନ ଖଟିବାକୁ ଅନ୍ୟ ରାଜ୍ୟ କୁ ଯାଉଥିଲେ । ହେଲେ ଉଦ୍ୟାନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ଛତୁ ମଞ୍ଜି ସହିତ ଛତୁ ଚାଷ କରିବା ପ୍ରଣାଳୀର ତାଲିମ ଦିଆଯାଇଥିଲା । ସେହିଦିନ ଠାରୁ ଦିର୍ଘ ୨୦ ବର୍ଷ ହେବ ଗ୍ରାମବାସୀ ଛତୁଚାଷ କରି ଆସୁଛନ୍ତି ।ଆଜିକା ଦିନରେ ଆମିଷ ଖାଇ ଅନେକ ରୋଗାକ୍ରାନ୍ତ ହେଉଛନ୍ତି । ଚିକେନ୍ ,ମଟନ ଯୋଗୁଁ କୋଲେଷ୍ଟୋଲ, ବିପି ସୁଗର ବଢୁଥିବା ବେଳେ ବର୍ତ୍ତମାନ ଆମିଷ ର ବିକଳ୍ପ ଭାବେ ଛତୁ କୁ ତରକାରୀ ଭାବେ ରୋଷେଇ କରୁଛନ୍ତି । ଯଦ୍ଦ୍ୱାରା କି ରୋଗାକ୍ରାନ୍ତ ରୁ ଟିକେ ମୁକ୍ତି ମିଳୁଛି ଓ ସ୍ୱାଦିଷ୍ଟ ମଧ୍ୟ ହେଲେ ଛତୁଚାଷ ପାଇଁ ବଜାର ବ୍ୟବସ୍ଥା ଓ ଦର ଠିକ ନଥିବା ଯୋଗୁଁ ଚାଷୀ ଅନେକ କ୍ଷତି ସହୁଛି । ସରକାର ଯଦି ଚାଷୀଙ୍କୁ ସଠିକ ଦର ଏବଂ ବଜାର ବ୍ୟବସ୍ଥା କରାଇଲେ ଅନେକ ଚାଷୀ ଛତୁ ଚାଷ କରି ସ୍ୱାବଲମ୍ବୀ ହୋଇପାରିବେ।

## ବନ୍ଦ ହେଲା ମିଲେଟ ଶକ୍ତି ଟିଫିନ ସେଣ୍ଟର



ଦଶପଲ୍ଲା,(ମହାଭାରତ): ସୋମବାର ଦିନ ଦଶପଲ୍ଲା ଏନ ଏ ସୀ ଅନ୍ତର୍ଗତ ତହସିଲ କାର୍ଯ୍ୟାଳୟ ସଂନିକଟରେ ମା ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ମିଲେଟ ଶକ୍ତି ଟିଫିନ ସେଣ୍ଟର ର ଉଦଘାଟନ କରାଯାଇଥିଲା ।କିନ୍ତୁ ଉଦଘାଟନ ହେବା କଥା ଏନ ଏ ସି ର ଅଧିକାରୀ ଏବଂ ଅଧକ୍ଷା ଜାଣିନଥିବା ସୂଚନା ଦେଇଥିଲେ ।ହେଲେ ମାର୍କେଟ କମ୍ପ୍ଲେକ୍ସ ର ଗୃହ ଜୁଲାଇ ମାସ ୧୯ତାରିଖ ରେ ଏନ ଏ ସି ର ସାଧାରଣ ବୈଠକ ରେ ଆଲୋଚନା ହୋଇ ଗୃହ ପ୍ରଦାନ କରାଯିବା କଥା କିନ୍ତୁ ୧୯ତାରିଖ ପୂର୍ବରୁ କିପରି ସେହି ଗୃହ ଉଦଘାଟନ ହେଲା। ଗୃହର ଚାବି କିଏ ଦେଲା ସେହି ବିଷୟରେ ଆଲୋଚନା ହେବା ସହିତ ସେହି ଗୃହକୁ ବନ୍ଦ କରାଯାଉ ବୋଲି ଦାବୀ ହୋଇଆସୁଥିଲା। ଗୃହକୁ ବନ୍ଦ କରାଯିବା ପାଇଁ ଏନ ଏ ସି ତରଫରୁ ନୋଟିସ କରାଯାଇଥିଲା। ହେଲେ ସ୍ୱୟଂ ସହାୟକ ଗୋଷ୍ଠୀ ର ସଭ୍ୟା ମାନେ ନୋଟିସ କୁ ଅଣଦେଖା କରି ସେଠାରେ ନିଜ କାର୍ଯ୍ୟ କରୁଥିଲେ। ଜୁଲାଇ ମାସ ୩୧ତାରିଖ ଦିନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକ, ଦଶପଲ୍ଲା ପୋଲିସ ଏବଂ ଏନ ଏ ସି ର ପଦାଧିକାରୀ କର୍ମଚାରୀ ଉପସ୍ଥିତ ରହି ଏନ ଏ ସି ର ସମ୍ପତ୍ତିକୁ ଅକ୍ତିଆର କରିଥିଲେ। ଦଶପଲ୍ଲାବାସୀ ଏହି ଖବର ଶୁଣି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଙ୍କୁ ଧନ୍ୟବାଦ ଦେବାସହ ଖୁସି ହୋଇଥିଲେ।

# ଭିନ୍ନ ଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଲେ ବିଧାୟକ

କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲାର ଖଜୁରୀପଡା ବ୍ଲକରେ ବିଭିନ୍ନ ଗ୍ରାମପଞ୍ଚାୟତ ଗ୍ରସ୍ତକରି ଫୁଲବାଣୀ ବିଧାୟକ ଶ୍ରୀଯୁକ୍ତ ଉମାଚରଣ ମଲିକ ବିଭିଉ ଯୋଜନା ସମେତ ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଖଜୁରୀପଡା ବ୍ଲକର ୧୪ ଗ୍ରାମପଞ୍ଚାୟତରେ ୨ କୋଟି ଟଙ୍କାରେ ହେଉଥିବା ନିର୍ମାଣକ୍ଷଧିନ ପ୍ରକଳ୍ପଗୁଡିକ ବୁଲି ଦେଖିବା ସହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ବିଦ୍ୟାଳୟ ପରିଦର୍ଶନ ଏବଂ ସାମାଜିକ କାର୍ଯ୍ୟରେ ମଧ୍ୟ ଯୋଗଦାନ କରିଥିଲେ । ସେହିଭଳି ବିଧାୟକଙ୍କ ସହ ଖଜୁରୀପଡା ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ ମଧ୍ୟ ତାଙ୍କର ଜିଲ୍ଲା ପରିଷଦ ଅନୁଦାନରେ ନିର୍ମାଣ ଚାଲିଥିବା କାର୍ଯ୍ୟ ପରିଦର୍ଶନ କରିଥିଲେ । ପୂର୍ବରୁ କିଛି ଗ୍ରାମପ□ାୟତ ଜନପ୍ରତିନିଧି ଏବଂ ଅଭିଭାବକ ମାନଙ୍କ ଏକ ଲିଖିତ ଅଭିଯୋଗ ଅନୁସାରେ ବିଧାୟକ ପ୍ରଥମେ ଦୁତୀପଡା ସ୍ଥିତ ଏସଏସଡ଼ି ବାଳିକା ଉଚ୍ଚ ବିଦ୍ୟାଳୟ ଗ୍ରସ୍ତ କରି ହୋଇଥିବା ଅଭିଯୋଗ ଗୁଡିକ ସମୀକ୍ଷା କରିବା ସହ କନ୍ଧମାଳ ଜିଲ୍ଲା କିଭଳି ଶିକ୍ଷା କ୍ଷେତ୍ରରେ ଉନ୍ନତି କରିବ ସେ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରୀ ମାନଙ୍କୁ ଗଣିତ ଇଂରାଜୀ ପାଠ ପାରେ କିଛି ପ୍ରଶ୍ନ ଦେଇ ଉତ୍ତର ମାଗିଥିଲେ । ସେହିଭଳି ଖାଦ୍ୟ ପାନୀୟ , ଛାତ୍ରୀଙ୍କ ସ୍ୱାସ୍ଥ୍ୟ, ଏବଂ ଶିକ୍ଷାଦାନ ଉପରେ ମଧ୍ୟ ବିଧାୟକ ଗୁରୁତ୍ୱାରୋପ ଦେଇଥିଲେ। ସେହିଭଳି ଦୁତୀମେଣ୍ଡି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ସହ ବୃକ୍ଷରୋପଣ କରିଥିଲେ ।ପଣସ ପଦର ଠାରେ ବିଧାୟକ ଏବଂ ଜିଲ୍ଲା ପରିଷଦ ଅନୁଦାନରେ ନିର୍ମାଣ ହୋଇଥିବା ସ୍ଥାୟୀ ରାସ୍ତା ଏବଂ ଧର୍ମମଣ୍ଡପ ବୁଲି ଦେଖିବା ସହ ବିଜେପିର ଜଣେ କର୍ମୀଙ୍କ ଦେହାନ୍ତ ହୋଇଥିବା ବେଳେ ତାଙ୍କର ପରିବାର ପରିଜନଙ୍କୁ ମଧ୍ୟ ସମବେଦନା ଜଣାଇବା ପାଇଁ ସ୍ୱର୍ଗତ ପରମାନନ୍ଦ ପ୍ରଧାନଙ୍କ ଘରେ ପହଞ୍ଚିଥିଲେ ବିଧାୟକ ଶ୍ରୀ ମଲିକ । ଅପରାହ୍ନରେ ଆର ନୂଆଁ ଗାଁ ବରେଇଗୁଡା ଗ୍ରାମକୁ ଯାଇ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ନିର୍ମାଣ ହେଉଥିବା ଧର୍ମ ମଣ୍ଡପ ଏବଂ ଖୁବଶୀଘ୍ର ସେଠାରେ କାମନା ମନ୍ଦିର ହେବାକୁ ଥିବା ସ୍ଥାନ ବୁଲି ଦେଖିଥିଲେ। ବିଧାୟକ ଶ୍ରୀଯୁକ୍ତ ମଲିକଙ୍କ ଆଜିର କାର୍ଯ୍ୟକ୍ରମରେ ଖଜୁରୀପଡା ବ୍ଲକ ବିଧାୟକ ପ୍ରତିନିଧି ଶ୍ରୀ ଅନନ୍ତ କୁମାର ଦିଗାଲ, ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ, ସାଂସଦ ପ୍ରତିନିଧି ଶ୍ରୀ ମନୋଜ କୁମାର ପଣ୍ଡା,ଜାତୀୟ କାଉନସିଲ ସଦସ୍ୟ ଶ୍ରୀ ସଞ୍ଜିତ କୁମାର ମଣ୍ଡଳ, ରମେଶ ଚନ୍ଦ୍ର ମହାନ୍ତି ଖଜୁରୀପଡା ମଣ୍ଡଳ ସଭାପତି ଶ୍ରୀ ରଞ୍ଜନ କୁମାର କହଁର, ସାଧାରଣ ସମ୍ପାଦକ ଶ୍ରୀ ଦଶରଥ ସାହୁ, ଯୁବନେତା ରାଇକିଶୋର ପ୍ରଧାନ, ବିଜୟ କୁମାର ସାହୁ,ସମୀର ପ୍ରସାଦ ଝାଙ୍କର, ବିଜୟ କୁମାର ସେଠୀ, ସୁବୋଧ ସେଠୀ,ମନୋଜ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୁହାଳଡାଙ୍ଗିରିରେ ଲାମ୍ପସର ନିଜସ୍ୱ ଗୃହ ନିର୍ମାଣ ପାଇଁ ଦାବି

ରାଇରଙ୍ଗପୁର (ମହାଭାରତ): ସରକାର ଯୋଜନା କରୁଛନ୍ତି ସବୁ ପଞ୍ଚାୟତରେ ସମବାୟ ଅଫିସ ବା ଲେମ୍ପ ଖୋଲୁ ।ଚାଷୀ ସେଠାରେ ନାମ ପଞ୍ଜିକୃତ କରନ୍ତୁ ।ନିଜର ଉତ୍ପାଦିତ ଚାଷ ବିକ୍ରୟ କରନ୍ତୁ ।ସରକାରଙ୍କ ଚାଷ ସମ୍ବନ୍ଧୀୟ ସମସ୍ତ ଯୋଜନା ଉପରେ ଅବଗତ ହୋଇ ସଶକ୍ତ ହୁଅନ୍ତୁ ।କିନ୍ତୁ କୌଣସି ନା କୌଣସି କାରଣରୁ ତଥା ପ୍ରଶାସନିକ ଉଦାସନିତା ଯୋଗୁଁ ହେଉ ଏହି କାର୍ଯ୍ୟକ୍ରମ ଅଧା ବାଟରେ ଅଟକି ଯାଉଛି ।ଯାହା ଫଳରେ ଚାଷୀମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ସୂଚନାଯୋଗ୍ୟ ମୟୂରଭଂଜ ଜିଲ୍ଲାର ଉପାନ୍ତ ଗୁହାଳଡାଙ୍ଗିରୀ ପଞ୍ଚାୟତର ଚାଷୀଭାଇମାନେ ସୁଦୂର ୧୨ କିମି ଦୂର ଗୋରୁମୋହିଷାଣିଠାରେ କାର୍ଯ୍ୟ କରୁଥିବା ଗୁହାଳଡାଙ୍ଗିରି ଲାମ୍ପସକୁ ଯାଇ ନାମ ପଞ୍ଜିକରଣ,ଧାନ ମଣ୍ଡିରେ ଧାନ ବିକ୍ରି,ସାର,କୀଟନାଶକଔଷଧ ଆଣିବା,ଋଣ ନେବା ଦବା କାର୍ଯ୍ୟ କରୁଛନ୍ତି ।ବହୁ ଦୂରହେଉଥିବାରୁ ଚାଷୀମାନେ ଠିକ ସମୟରେ ଚାଷ ସମ୍ବନ୍ଧୀୟ ସୂଚନା ଏବଂ ଧାନ ମଣ୍ଡିରେ ଦେବା ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ।ତଦ ସହ ଏହା ମଧ୍ୟ ପାହାଡିଆ ଦୁର୍ଗମ ଅଞ୍ଚଳ ।ସବୁ ଗ୍ରାମକୁ ରାସ୍ତା ନାହିଁ। ଗୁହାଳଡାଙ୍ଗିରିଠାରେ ନୂତନ କ୍ୟାମ୍ପସ ଗୃହ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ନିକଟରେ ତିନି ବର୍ଷ ଆଗରୁ ରାଇରଙ୍ଗପୁରସ୍ଥିତ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପୂର୍ବତନ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମରେ ଗୁହାଳଡାଙ୍ଗିରି ସରପଞ୍ଚ ବିଶୁ ମୁଣ୍ଡାଙ୍କ ନେତୃତ୍ୱରେ ସମିତି ସଭ୍ୟା ଭବାନୀ ନାୟକ, ନାଏବ ସରପ□ ସେମାନ୍ତି ହେମ୍ବ୍ରମ, ୱାର୍ଡ ସଭ୍ୟ/ ସଭ୍ୟା ବୁଦୁନୀ ନାଏକ, ଗଙ୍ଗାମଣି ଗିରି, ପ୍ରମିଳା ନାଏକ, ଦେଶାଇ ନାଏକ, ରଶ୍ମି ବିନ୍ଧାଣି, ଘାସିରାମ ମାଝୀ, ପମା ମାର୍ଣ୍ଡି, ସିଂଗୋ ମିର୍ମୁ, ସରୋଜ କୁମାର ମୁଣ୍ଡାରୀ ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ ତିନି ମାସ ଭିତରେ ସମାଧାନ ହେବ ବୋଲି ।ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଅଭିଯୋଗରେ ଜନପ୍ରତିନିଧିମାନେ ଦର୍ଶାଇଛନ୍ତି ଯେ ଗୁହାଳଡାଙ୍ଗିରିଠାରୁ ଗୋରୁମୋହିଷାଣି ପ୍ରାୟ ୧୦/୧୨ କିମି ଦୂର । ଏହା ସତ୍ୱେ ଦୀର୍ଘଦିନ ଧରି ଗୁହାଳଡାଙ୍ଗିରି ଲାମ୍ପସଟି ଗୋରୁମୋହିଷାଣିଠାରେ କାର୍ଯ୍ୟ କରି ଆସୁଛି । ଯାହା ଫଳରେ ସ୍ଥାନୀୟ ପଞ୍ଚାୟତବାସୀମାନେ ଅନେକ ସମୟରେ ଲାମ୍ପସ ତରଫରୁ ମିଳୁଥିବା ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି । ଧାନ ବିକ୍ରୟ ସଂକ୍ରାନ୍ତୀୟ ସୂଚନା ପାଇବାରୁ ସେମାନଙ୍କୁ ବଞ୍ଚିତ କରା ଯାଉଛି । ଏ ସମ୍ପର୍କରେ ଅନଲାଇନ ସମ୍ବନ୍ଧୀୟ ସୂଚନା ଦିଆଯାଉ ନାହିଁ କି ନୋଟିସ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ଦିଆଯାଉ ନାହିଁ । ଗୁହାଳଡାଙ୍ଗିରିଠାରେ ଲାମ୍ପସ ନାଁରେ ଖାତା ନମ୍ବର-୩୨୫, ପ୍ଲଟ ନମ୍ବର-୮୫୩ରେ ୧୭ଡେସିମିଲ ଜାଗା ରହିଛି । ତୁରନ୍ତ ଏହି ଜାଗା ଉପରେ ସମବାୟ ସମିତିର ନୂତନ ଗୃହ ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ କରାଯାଉ । ତେଣୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ନୂତନ ଲ୍ୟାମ୍ପସ ଗୃହ ନିର୍ମାଣ ପାଇଁ ବିଭାଗକର୍ତ୍ତୃପକ୍ଷକୁ ନିର୍ଦ୍ଦେଶ ପାଇଁ ଅନୁରୋଧ କରିଛନ୍ତି।

# ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ୍ କାର୍ଯ୍ୟକ୍ରମ



ଆସିକା(ମହାଭାରତ): ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମୁକାବିଲା ନିମନ୍ତେ ଆସିକା କଲେଜ ଛକ ସ୍ଥିତ ଟେକ୍ନିକାଲ୍ ହାଇସ୍କୁଲ ପରିସରରେ ଆସିକା ଅଗ୍ନିଶମ ବିଭାଗ ପକ୍ଷରୁ ଏକ ବିପର୍ଯ୍ୟୟ ପ୍ରସ୍ତୁତି ଅଭ୍ୟାସ (ମକ୍ଡ୍ରିଲ୍) ଅନୁଷ୍ଠିତ ହୋଇଯାଇଛି । ଆସିକା ଅଗ୍ନିଶମ ଅଧିକାରୀ କୈଳାଶ ଚନ୍ଦ୍ର ସାହୁଙ୍କ ପରାମର୍ଶକ୍ରମେ ଅନୁଷ୍ଠିତ ଏହି ପ୍ରାକୃତିକ ବିପର୍ଯ୍ୟୟ ମକଡ୍ରିଲ କାର୍ଯ୍ୟକ୍ରମରେ ଆସିକା ଅଗ୍ନିଶମ ବିଭାଗର ମୁଖ୍ୟ ଅଗ୍ନିଯୋଦ୍ଧା ପ୍ରଶାନ୍ତ କୁମାର ମହାପାତ୍ର ଓ ଅଶୋକ କୁମାର ବାରିକ, ଗାଡିଚାଳକ ସନ୍ତୋଷ କୁମାର ନାୟକ, ଅଗ୍ନିଯୋଦ୍ଧା ରଂଜନ କୁମାର ଭୋଇ ଏବଂ ପ୍ରକାଶ କୁମାର କହଁର ପ୍ରମୁଖ ଯୋଗ ଦେଇ ଏହି ମକଡ୍ରିଲ କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିବା ସହ ଟେକ୍ନିକାଲ ହାଇସ୍କୁଲ, କଲେଜ ଛକ, ଆସିକା ପରିସରରେ ଗୋଷ୍ଠୀସ୍ତରୀୟ ସାମୁହିକ ବିପର୍ଯ୍ୟୟ ପ୍ରସ୍ତୁତି ଅଭ୍ୟାସ କରାଯାଇଥିଲା । ଏଥିରେ ଟାୱାର ଲାଇଟ୍, ଯନ୍ତ୍ରଚାଳିତ କରତ, ଜେନେରେଟର୍, ଷ୍ଟେଚର୍, ମେଗାଫୋନ୍ ଇତ୍ୟାଦିର ବ୍ୟବହାର ସମ୍ବନ୍ଧରେ ଅଭ୍ୟାସ କରାଯାଇଥିଲା ବେଳେ ଅଗ୍ନିଶମ ସେବା ବାହିନୀ ଏଥିରେ ଭାଗ ନେଇ ଉଦ୍ଧାର କୌଶଳ ପ୍ରଦର୍ଶନ କରିଥିଲେ। ବନ୍ୟା ଓ ବାତ୍ୟା ଭଳି ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ଅନୁଷ୍ଠିତ ହୋଇଥିବା ଏହି ମକ୍ଡ୍ରିଲ୍ କାର୍ଯ୍ୟକ୍ରମରେ ଟେକ୍ନିକାଲ୍ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ପ୍ରଜ୍ଞା ପରମିତା ପଣ୍ଡା, ସହକାରୀ ଶିକ୍ଷକ ରାମ ଚନ୍ଦ୍ର ପ୍ରଧାନ, କୈଳାଶ ଗୌଡ, ଦେବାଶିଷ ପାଣିଗ୍ରାହୀ, ଲକ୍ଷ୍ମୀ ଜେନା, ଶର୍ମିଷ୍ଠା ସାହୁ, ମିତାଞ୍ଜଳି ପଣ୍ଡା,ଗାୟତ୍ରୀ ବେହେରା, ସୁମିତ୍ରା କାର୍ଜି, ଇପ୍ସିତା ମଲ୍ଲିକ, ଅନିଲ କୁମାର ଜେନା, ସୂର୍ଯକାନ୍ତ ସେଠୀ, ବଳରାମ ବେହେରା, ଭଗବାନ ସ୍ୱାଇଁ, ରାହୁଲ କୁମାର ପଟ୍ଟନାୟକ, ବାସୁଦେବ ପ୍ରଧାନ, ରବୀନ୍ଦ୍ର କୁମାର ସ୍ୱାଇଁ ସମେତ ସମସ୍ତ ବିଦ୍ୟାର୍ଥୀ ଉପସ୍ଥିତ ରହିଥିଲେ।

# ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକଙ୍କ ରୋଜଗାର ପାଲଟିଛି ଜଙ୍ଗଲି ଛତୁ



ନବରଙ୍ଗପୁର ଜିଲ୍ଲା(ମହାଭାରତ): ରାଇଘର ବ୍ଲକ ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ଆଷାଢ଼ରୁ ଭାଦ୍ରବ ମାସ ପର୍ଯ୍ୟନ୍ତ ଥିବା ଜଙ୍ଗଲ ଗୁଡିକରେ ବିଭିଓ ପ୍ରକାର ଛତୁ ଫୁଟିଥାଏ। ଆଦିବାସୀ ମହିଳା ମାନେ ଏହି ଛତୁ ସଂଗ୍ରହ କରି ବଜାରରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ରାଇଘର ବ୍ଲକରେ ବାହାରୁଥିବା ଛତୁର ଚାହିଦା ପଡୋଶୀ ରାଜ୍ୟ ଛତିଶଗଡ଼ରେ ମଧ୍ୟ ରହିଛି। ଅନ୍ୟପଟେ ଶ୍ରାବଣ ମାସ ସରିବା ପରେ ମଧ୍ୟ ଶ୍ରାବଣ ଛତୁ ମିଳୁଥିବାରୁ ଏହି ଛତୁ ପ୍ରତି ଲୋକଙ୍କ ଅଧିକ ଚାହିଦା ରହିଛ ।ରାଇଘର ବ୍ଲକ ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ଏହି ୩ ମାସ ବଡା, କୁଟୁରାସିଙ୍ଗି, ଶ୍ରାବଣ, ବାଲିସୁରିଆ ଭଳି ଛତୁ ଫୁଟିଥାଏ। ବାଲିସୁରିଆ ଏବଂ କୁଟୁରାସିଂ ଛତୁ କମ୍ ସମୟ ପାଇଁ ମିଳୁଥିବା ବେଳେ ବଡ଼ା ,ବାଉଁଶ କରଡ଼ି ଓ ଶ୍ରାବଣ ଛତୁ ବହୁ ଦିନ ପର୍ଯ୍ୟନ୍ତ ମିଳୁଥିବାରୁ ଏହି ଛତୁର ଚାହିଦା ଢେର ଅଧିକ ରହିଛି। ବର୍ଷା ଆରମ୍ଭରୁ ଆଷା ମାସରେ ବଜାରରେ ବଡା ଛତୁ ବାହାରିଥାଏ। ସେହିପରି ଶ୍ରାବଣ ମାସରେ ଶ୍ରାବଣ ଛତୁ ବାହାରିଥାଏ। ରାଇଘରର ଅଞ୍ଚଳର ସାପ୍ତାହିକ ବଜାର ଯଥା ରାଇଘର,ଯୋଡ଼ିଙ୍ଗା,ହାଟଭରଣ୍ଡି, ଗୋନା, ଫୁଟାନଡ଼ା, ଅଞ୍ଚଳା, ଟିମନପୁର, ହଳଦୀ, ଖାଡିପାଣି, କୁସୁମପୁର, କଚରାପାରା, କୁରାବେଡା, ନାକଟିସିମଡ଼ା, ମହଣ୍ଡ, ପରଚିପାରା ଆଦି ଅଞ୍ଚଳରେ ଥିବା ଜଙ୍ଗଲରୁ ଶ୍ରାବଣ ଛତୁ ବାହାରି ବିକ୍ରି ହୋଇଥାଏ। ଅନ୍ୟ ଛତୁ ତୁଳନାରେ ଶ୍ରାବଣ ଛତୁର ଚାହିଦା ଅଧିକ ରହିଥାଏ। ଏହି ଛତୁ ବଜାରକୁ ଆସିବା ବେଳେ କିଲୋ ପିଛା ୫୦୦ ଶହରୁ ଏକହଜାର ଟଙ୍କା ପର୍ଯ୍ୟନ୍ତ ରହିଥାଏ। ବର୍ତମାନ ବଜାରରେ ଶ୍ରାବଣ ଛତୁ କିଲୋ ତିନି ଶହରୁ ପାଞ୍ଚ ଶହ ଟଙ୍କା ପର୍ଯ୍ୟନ୍ତ ରହିଛି ।ବର୍ଷା ଦିନ ଆସୁ ଆସୁ ଜଙ୍ଗଲରେ ବାହାରୁଥିବା ବିଭିନ୍ନ କିସମର ଛତୁ ସ୍ଥାନୀୟ ଆଦିବାସୀ ମାନଙ୍କୁ ଭଲ ରୋଜଗାର ଯୋଗାଇଥାଏ ।ପିଲା ଠାରୁ ମହିଳା ପର୍ଯ୍ୟନ୍ତ ଜଙ୍ଗଲକୁ ଯାଇ ଛତୁ ସଂଗ୍ରହ କରିଥାନ୍ତି। କଞ୍ଚାଥିବା ଶ୍ରାବଣ ଛତୁର ଚାହିଦା ଢେର ଅଧିକ ରହିଥାଏ। ଶ୍ରାବଣ ଛତୁର ନାଡ଼ ଖାଇବା ପାଇଁ ଅଧିକ ଲୋକ ପସନ୍ଦ କରିଥାନ୍ତିୟକ ଥିବା ଛତୁର ନାଡ଼ ମାଂସ ଠାରୁ ବି ଅଧିକ ସ୍ୱାଦିଷ୍ଟ ହୋଇଥାଏ। ଛତୁ ସଂଗ୍ରହ କରୁଥିବା ଲୋକଙ୍କ କହିବା ଅନୁଯାୟୀ,ଶ୍ରାବଣ ଛତୁ ଜଙ୍ଗଲର ହାଲକା ମାଟିରେ ତଥା ଉଇ ହୁଙ୍କା ଏବଂ ଘର ବାରିପଟେ ମଟାଳ ବାଲିଆ ମିଶ୍ରିତ ମାଟିରେ ଫୁଟିଥାଏ। ଲୋକଙ୍କ ଚଳପ୍ରଚଳ କମ୍ ଥିବା ସ୍ଥାନରେ ଏହି ଛତୁ ଅଧିକ ପରିମାଣର ଫୁଟିଥାଏ। ଖରା ଓ ବର୍ଷା ହେବା ସହ ଘଡଘଡି ମାରିଲେ ଏହି ଛତୁ ଅଧିକ ପରିମାଣର ବାହାରିଥାଏ। ଶ୍ରାବଣ ଛତୁ ଶ୍ରାବଣ ମାସ ଠାରୁ ଭାଦ୍ରବ ମାସ ପର୍ଯ୍ୟନ୍ତ ବାହାରିଥାଏ। କହିବାକୁ ଗଲେ ଜ୍ୟେଷ୍ଠ ମାସ ଠାରୁ ଭାଦ୍ରବ ମାସ ପର୍ଯ୍ୟନ୍ତ ବଡା ଓ ଶ୍ରାବଣ ଛତଓ ବାଉଁଶ କରଡ଼ି ମଧ୍ୟ ଆଦିବାସୀଙ୍କ ରୋଜଗାରର ପ୍ରମୁଖ ମାଧ୍ୟମ ପାଲଟିଥାଏ। ପଡୋଶୀ ଛତିଶଗଡ ଅଞ୍ଚଳରେ ବଡା ବାଉଁଶ କରଡ଼ି ଓ ଶ୍ରାବଣ ଛତୁ ମିଳୁଥିଲେ ମଧ୍ୟ ବିଶେଷ କରି ରାଇଘର ଅଞ୍ଚଳର ଛତୁର ଚାହିଦା ଅଧିକ ରହିଥାଏୟରାଇଘର ଅଂଚଳରେ ମିଳୁଥିବା ଛତୁର ସ୍ୱାଦ ଅଧିକ ବୋଲି ଲୋକ କୁହନ୍ତି। ଦୂରଦୁରାନ୍ତରୁ ବ୍ୟବସାୟୀ ମାନେ ଏହି ଅଞ୍ଚଳକୁ ଆସି ଆଦିବାସୀ ମହିଳା ମାନଙ୍କ ଠାରୁ ଛତୁ କ୍ରୟ କରି ବଜାରରେ ଅଧିକ ଦରରେ ବିକ୍ରି କରିଥାନ୍ତି। ଦର ଅଧିକ ରହିଥିଲେ ମଧ୍ୟ ଏହାର ସ୍ୱାଦ ଅଲଗା ହୋଇଥିବା ସହ ସ୍ୱଳ୍ପ ସମୟ ପାଇଁ ଏହି ଛତୁ ମିଳୁଥିବାରୁ ଲୋକେ ଶ୍ରାବଣ ଛତୁ ଘରକୁ ନେଇଥାନ୍ତି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ଭେଣ୍ଟିଲେଟରରେ ଶିବୁ ସୋରେନ

ଝାଡ଼ଖଣ୍ଡ : ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) ନେତା ଶିବୁ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି । ଦିଲ୍ଲୀର ଗଙ୍ଗାରାମ ହସ୍ପିଟାଲରେ ଭେଣ୍ଟିଲେଟରରେ ରଖାଯାଇ ତାଙ୍କର ଚିକିତ୍ସା ଚାଲିଛି । ଗତ ଜୁନ ମାସରେ ୮୧ ବର୍ଷୀୟ ସୋରେନଙ୍କ ଦେହ ଅସୁସ୍ଥ ହେବାରୁ ସେବେଠାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । କିଡନୀ ସମ୍ବନ୍ଧୀୟ ସମସ୍ୟା କାରଣରୁ ଗତ ଜୁନ ଶେଷ ସପ୍ତାହରେ ସୋରେନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଦିନକୁ ଦିନ ସ୍ୱାସ୍ଥ୍ୟାବସ୍ଥାରେ ଅବନତି କାରଣରୁ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖି ଚିକିତ୍ସା କରାଯାଉଛି ।



ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ମିଡିଆକୁ କହିଛନ୍ତି, ବାପାଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି, ତେଣୁ ଆମେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ଚାଲିଛି । ଶିବୁ ସୋରେନ ଜେଏମଏମର ପ୍ରତିଷ୍ଠାତା । ଦୀର୍ଘ ୩୮ ବର୍ଷ ଧରି ସେ ଦଳର ମଙ୍ଗ ସମ୍ଭାଳିଥିଲେ । ଶିବୁ ସୋରେନଙ୍କ ଜନ୍ମ ଝାଡ଼ଖଣ୍ଡ ହଜାରିବାଗରେ ହୋଇଥିଲା । ୧୯୭୭ରେ ପ୍ରଥମ ଥର ପାଇଁ ନିର୍ବାଚନ ଲଢିଥିଲେ । ୧୯୮୦ ଯାଏଁ ଲଗାତାର ସାଂସଦ ରହିଥିଲେ । ଏହାପରେ ସେ ୩ ଥର ପାଇଁ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ସୂଚନାଯୋଗ୍ୟ, ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ ଘୋଡାବାନ୍ଧା ସ୍ଥିତ ବାସଭବନରେ ପଡ଼ିଯାଇଥିଲେ । ମନ୍ତ୍ରୀ ରାମଦାସ ସୋରେନ ଜାମଶେଦପୁର ହସପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ମନ୍ତ୍ରୀଙ୍କ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିଥିବା ଡାକ୍ତର ଜାଣିବାକୁ ପାଇଥିଲେ । ଏହାପରେ ତାଙ୍କୁ ଦିଲ୍ଲୀ ପାଇଁ ଏୟାରଲିଫ୍ଟ କରାଯାଇଛି । ଏୟାର ଆମ୍ବୁଲାନ୍ସ ଜରିଆରେ ସୋନାରୀ ଏୟାରପୋର୍ଟରୁ ଦିଲ୍ଲୀକୁ ନିଆଯାଇଛି ।

## ବାଥରୁମରେ ପଡ଼ି ଆହତ ହେଲେ ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ


ଝାଡ଼ଖଣ୍ଡ: ଝାଡ଼ଖଣ୍ଡ ସରକାରଙ୍କ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ ଗୁରୁତର ଆହତ । ଗତକାଲି ରାତିରେ ବାସଭବନରେ ମନ୍ତ୍ରୀ ବାଥରୁମରେ ପଡିଯାଇଥିଲେ । ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଛି । ତାଙ୍କୁ ତୁରନ୍ତ ହସପିଟାଲରେ ଭର୍ତ୍ତି କରାଯାଇଛି । ଡାକ୍ତରୀ ଟିମ୍ ତାଙ୍କୁ ଯାଞ୍ଚ କରୁଛନ୍ତି ।



ଖବର ମୁତାବକ, ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ ଘୋଡାବାନ୍ଧା ସ୍ଥିତ ବାସଭବନରେ ପଡ଼ିଯାଇଥିଲେ । ମନ୍ତ୍ରୀ ରାମଦାସ ସୋରେନ ଜାମଶେଦପୁର ହସପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ମନ୍ତ୍ରୀଙ୍କ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିଥିବା ଡାକ୍ତର ଜାଣିବାକୁ ପାଇଥିଲେ । ଏହାପରେ ତାଙ୍କୁ ଦିଲ୍ଲୀ ପାଇଁ ଏୟାରଲିଫ୍ଟ କରାଯାଇଛି । ଏୟାର ଆମ୍ବୁଲାନ୍ସ ଜରିଆରେ ସୋନାରୀ ଏୟାରପୋର୍ଟରୁ ଦିଲ୍ଲୀକୁ ନିଆଯାଇଛି । ମନ୍ତ୍ରୀଙ୍କ ସହିତ ରାମଦାସ ସୋରେନଙ୍କ ପତ୍ନୀ, ପୁଅ ଏବଂ ସଂପର୍କୀୟ ମଧ୍ୟ ଦିଲ୍ଲୀ ଯାଇଛନ୍ତି । ତେବେ ତାଙ୍କ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିଥିବା ଜଣାପଡିଛି । ବର୍ତ୍ତମାନ ସୁଦ୍ଧା ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି । ତାଙ୍କ ସ୍ୱାସ୍ଥ୍ୟବସ୍ଥା ତଦାରଖ କରୁଛନ୍ତି ଡାକ୍ତରୀ ଟିମ୍ । ମୁଣ୍ଡରେ ଆଘାତ ଲାଗିବା ପରେ ମନ୍ତ୍ରୀମଣ୍ଡଳର ଅନ୍ୟ ମନ୍ତ୍ରୀ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି । ତାଙ୍କ ଶୀଘ୍ର ସୁସ୍ଥ କାମନା ପାଇଁ ପ୍ରାର୍ଥନା କରିଛନ୍ତି ଇରଫାନ ଅନସାରୀ ।

## ଜମ୍ମୁ କାଶ୍ମୀରରେ ଭୂସ୍ଖଳନ: ଏସଡିଏମ ଏବଂ ତାଙ୍କ ପୁଅଙ୍କ ମୃତ୍ୟୁ

ଜମ୍ମୁ କାଶ୍ମୀରର ରିଆସି ଜିଲ୍ଲାରେ ଭୂସ୍ଖଳନ ଘଟିଛି । ପାହାଡ଼ରୁ ପଥର ଗାଡ଼ି ଉପରେ ପଡ଼ିବାରୁ ଜଣେ ସବ-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ (ଝଡଗ) ରାଜିନ୍ଦର ସିଂହ ରାଣା ଏବଂ ତାଙ୍କ ପୁଅଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ତାଙ୍କ ପତ୍ନୀ ଏବଂ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି । ସୂଚନାନୁଯାୟୀ, ଗୁରୁବାର ରାତିରେ ସାଲୁଖ ଇଖତାର ନାଲା ଅଞ୍ଚଳରେ ଭୂସ୍ଖଳନ ଘଟଣା ଘଟିଥିଲା । ଯେତେବେଳେ ରାଜିନ୍ଦର ସିଂହ ରାଣା ତାଙ୍କ ପରିବାର ସହିତ ଧର୍ମାରିରୁ ତାଙ୍କ ଜନ୍ମଭୂମି ପାଟିଆନକୁ ଯାଉଥିଲେ। ସେହି ସମୟରେ ଭୂସ୍ଖଳନ ଯୋଗୁଁ ଏକ ବଡ଼ ପଥର ଗାଡ଼ି ଉପରେ ପଡିଥିଲା । ଯାହା ଫଳରେ ଘଟଣାସ୍ଥଳରେ ଝଡଗ ଏବଂ ତାଙ୍କ ପୁଅଙ୍କ ମୃତ୍ୟୁ ହୋଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି ।ଏହାରି ମଧ୍ୟରେ ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଥିଲା । କିନ୍ତୁ ପରେ ଗୁରୁତର ଆହତମାନଙ୍କୁ ରିଆସିର ଜିଲ୍ଲା ହସ୍ପିଟାଲକୁ ରେଫର କରାଯାଇଥିଲା । ପୂର୍ବରୁ ପୂର୍ବ ଲଦାଖରେ ଏକ ସେନା ଗାଡ଼ି ଉପରେ ପଥର ଖସି ପଡ଼ିବାରୁ ଦୁଇ ଜଣ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପଟେ ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା ଏସଡିଏମଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି । ଏହା ସହିତ ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି ଯେ, 'ରିଆସିର ଧର୍ମାରିରେ ହୋଇଥିବା ଭୂସ୍ଖଳନ ଘଟଣାରେ ମୁଁ ଗଭୀର ଦୁଃଖିତ। ଏହି ଦୁଃଖଦ ଘଟଣା ହୃଦୟ ବିଦାରକ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ଗଭୀର ସମବେଦନା । ମୁଁ ପ୍ରାର୍ଥନା କରୁଛି ଯେ ଏହି ଘଟଣାରେ ଆହତମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ।'



## ହଷ୍ଟେଲ ଛାତରୁ ଡେଇଁ ପଡ଼ି ଜୀବନ ହାରିଲେ ଆଇଆଇଟି ଛାତ୍ର

ମୁମ୍ବାଇ : ଆଇଆଇଟି ବମ୍ବେ ଭଳି ପ୍ରସିଦ୍ଧ ଶିକ୍ଷାନୁଷ୍ଠାର ଜଣେ ୨୬ ବର୍ଷୀୟ ଛାତ୍ର ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି। ସେ ଆଇଆଇଟି ବମ୍ବେର ହଷ୍ଟେଲ ଛାତରୁ ଡେଇଁ ଜୀବନ ହାରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଛାତ୍ର ଜଣଙ୍କ ହଷ୍ଟେଲ ଛାତରୁ ଡେଇଁ ପଡ଼ିଥିବା ଜଣାପଡ଼ିଛି। ମୃତ ଛାତ୍ର ଜଣଙ୍କ ହେଲେ ଦିଲ୍ଲୀର ରୋହିତ ସିହ୍ନା। ସେ ଶୁକ୍ରବାର ରାତି ପ୍ରାୟ ୨.୩୦ରେ ଶିକ୍ଷାନୁଷ୍ଠାନର ହଷ୍ଟେଲ ଛାତରୁ ଡେଇଁ ପଡ଼ିଥିଲେ। ସାଙ୍ଗମାନେ ଏକଥା ଜାଣିବା ପରେ ତୁରନ୍ତ ତାଙ୍କୁ ନିକଟସ୍ଥ ହୀରନନ୍ଦନୀ ହସ୍ପିଟାଲକୁ ନେଇ ଯାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମାନ ହଷ୍ଟେଲରେ ରହୁଥିବା ଆଉ ଜଣେ ଛାତ୍ର ପୁଲିସ୍‌କୁ କହିଛନ୍ତି ଯେ ବିଳମ୍ବିତ ରାତିରେ ରୋହିତ କାହା ସାଙ୍ଗରେ ଫୋନରେ କଥା ହେଉଥିଲେ। ଏହାପରେ ସେ ହଠାତ୍ ହଷ୍ଟେଲ ଛାତରୁ ଡେଇଁ ପଡ଼ିଥିଲେ। ବମ୍ବେ ଆଇଆଇଟିରେ ରୋହିତ ୪ର୍ଥ ବର୍ଷର ଛାତ୍ର ଥିଲେ।

# ଟ୍ରମ୍ପଙ୍କ ଟାରିଫ୍ ନେଇ ମୋଦୀଙ୍କ ଜବାବ



ନୂଆଦିଲ୍ଲୀ : ସବୁବେଳେ ଚର୍ଚ୍ଚାକୁ ରହିବାକୁ, ବିଶ୍ୱର ଧ୍ୟାନ ଆକର୍ଷଣ କରିବାକୁ ବୋଧହୁଏ ଚାହାନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । କେବେ ଭିତ୍ତିହୀନ ଦାବି କରନ୍ତି ତ ପୁଣି କେବେ ପ୍ରଶଂସା ସାଉଁଟିବାକୁ ଯାଇ ଯୁଦ୍ଧ ମଧ୍ୟସ୍ଥତାର କଥା କୁହନ୍ତି । ଏହା ଭିତରେ ପୁଣି ଭାରତକୁ ନେଇ ବଡ଼ ବୟାନ ଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ଟାରିଫ ଲାଗୁ ପରେ ରୁଷଠୁ ଭାରତ ଅଶୋଧିତ ତୈଳ ଆମଦାନୀ ବନ୍ଦ କରିଥିବା ଦାବି କରୁଥିବାବେଳେ ଟ୍ରମ୍ପଙ୍କୁ ଜବାବ ଦେଇଛି ଏମଇଏ । ଭାରତର ବୟାନ..ରୁଷଠୁ ଭାରତ ତୈଳ ଆମଦାନୀ ବନ୍ଦ କରିନି । ଭାରତ କୌଣସି ପରିସ୍ଥିତିରେ କାହାରି ଚାପରେ ରହେନି । ବଜାରରେ କ'ଣ ଉପଲବ୍ଧ ଏବଂ ବିଶ୍ୱର ପରିସ୍ଥିତି ଅନୁସାରେ ଦେଶ ନିଷ୍ପତ୍ତି ନେଇଥାଏ। ଗତ ୩ ସପ୍ତାହ ହେବ ଭାରତ ରୁଷଠୁ କୌଣସି ପ୍ରକାର ଇନ୍ଧନ ଆମଦାନୀ କରୁନଥିବା ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଯାହାକୁ ଖଣ୍ଡନ କରିଛି ଭାରତ । ଅନ୍ୟପଟେ ଗବେଷଣା ପ୍ରତିଷ୍ଠାନ ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ ବା ଜିଟିଆରଆଇ ପରାମର୍ଶଙ୍କଭାରତ ରୁଷଠୁ ଅଶୋଧିତ ତେଲ କିଣିବା ବନ୍ଦ ନକରୁ । ଆମେରିକାର ଚାପର ବଶବର୍ତ୍ତୀ ହେବା ଉଚିତ ନୁହେଁ । ଏହାକୁ ପ୍ରତିରୋଧ କରିବା ଉଚିତ । ଭାରତ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଓ ଅସ୍ଥିର ବିଶ୍ୱ ପରିବେଶରେ ଆର୍ଥିକ ସ୍ଥିରତା ବଜାୟ ରଖିବାରେ ସାହାଯ୍ୟ କରିବ । ଯଦି ନଜର ପକାଇବା ଅଶୋଧିତ ତୈଳକୁ ନେଇ ରୁଷ ଉପରେ ଭାରତ କେତେ ନିର୍ଭରଶୀଳ ତେବେ ଭାରତ ପ୍ରତିଦିନ ରୁଷଠୁ ୨.୦୮ ମିଲିୟନ୍ ବ୍ୟାରେଲ୍ ଅଶୋଧିତ ତୈଳ ଆମଦାନୀ କରେ । ବିଦେଶ ରାଷ୍ଟ୍ରଙ୍କ ଆମଦାନୀରୁ ୪୦% କେବଳ ରୁଷ କିଣେ। ଚୀନ ପରେ ଦ୍ୱିତୀୟ ଦେଶ ଭାବେ ସବୁଠୁ ଅଧିକ ଆମଦାନୀ ଭାରତର । ଇରାକଠୁ ୮.୯୩ ଲକ୍ଷ ବ୍ୟାରେଲ୍, ସାଉଦି ଆରବଠୁ ୫.୮୧ଲକ୍ଷ ବ୍ୟାରେଲ୍। ୟୁଏଇଠୁ ୪.୯୦ଲକ୍ଷ ବ୍ୟାରେଲ ଅଶୋଧିତ ତୈଳ ଆମଦାନୀ। ବନ୍ଧୁତା ରକ୍ଷା କରିବାରେ ଭାରତ ପରି କେହି ହେବନି ଏକଥା ରୁଷ ବେଶ୍? ଭଲଭାବେ ଜାଣେ । ଏପରିକି ୟୁକ୍ରେନ ସହ ଯୁଦ୍ଧକୁ ନେଇ ବିଶ୍ୱର ବିରୋଧ ସତ୍ତ୍ୱେ ଭାରତ ତୈଳ କିଣୁଛି । ଏଭଳି ସ୍ଥିତିରେ ବନ୍ଧୁ ରାଷ୍ଟ୍ରଙ୍କ ଭିତରେ ଫାଟ ଚାହୁଁଥିବା ଆମେରିକାର ଆଉ ଏକ ଫମ୍ପା ଦାବି ଉପରେ ଟିପ୍ପଣୀ ରଖି ଭାରତ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି ।

## ଅପରେସନ ଅଖଲ : ସେନା ଗୁଳିରେ ଜଣେ ଆତଙ୍କୀ ନିପାତ



ଜମ୍ମୁ-କାଶ୍ମୀର : ଜମ୍ମୁ-କାଶ୍ମୀରର କୁଲଗାମ ଜିଲାର ଅଖଲ ଅଞ୍ଚଳରେ ସୁରକ୍ଷାବହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବା ସୂଚନା ମିଳିଛି । ଫଳରେ ଜଣେ ଆତଙ୍କବାଦୀ ନିପାତ ହୋଇଥିବା ବେଳେ ଅପରେସନ ଅଖଲ ଜାରି ରହିଛି । ଏସଓଜି ଜମ୍ମୁ-କଶ୍ମୀର ପୋଲିସ, ସେନା ଏବଂ ସିଆରପିଏଫ୍ ମିଳିତ ଭାବରେ ଏହି ଅପରେସନ କରୁଛନ୍ତି । ଭାରତୀୟ ସେନା 'ଅପରେସନ୍ ଅଖଲ' ଅଧୀନରେ ଆତଙ୍କବାଦ ବିରୋଧୀ ଅଭିଯାନ ଚଳାଇ ଜଣେ ଆତଙ୍କବାଦୀଙ୍କୁ ହତ୍ୟା କରିଛି । ଚିନାର କୋର୍ପସ ଏକ୍ସରେ ସୂଚନା ଦେଇ କହିଛି ଯେ ଏହି ଅପରେସନରେ ଶୁକ୍ରବାର ରାତି ସାରା ଗୁଳିବିନିମୟ ହୋଇଥିଲା । ଏବେ ବି ଅଭିଯାନ ଜାରି ରହିଛି ଏବଂ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି । ଏହି ମିଳିତ ଅପରେସନରେ ଭାରତୀୟ ସେନା, ଜମ୍ମୁ-କଶ୍ମୀର ପୋଲିସର ସ୍ପେଶାଲ୍ ଅପରେସନ ଗ୍ରୁପ୍, କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ଏବଂ ଅନ୍ୟାନ୍ୟ ସୁରକ୍ଷା ବାହିନୀ ସାମିଲ ଅଛନ୍ତି । ସୂଚନା ଅନୁଯାୟୀ, ଆତଙ୍କବାଦୀ ଲୁଚି ରହିଥିବା ସୂଚନା ପରେ, ଅଞ୍ଚଳକୁ ଘେରାବନ୍ଦୀ କରି ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା । ଆଉ ଦୁଇ ଆତଙ୍କବାଦୀ ଲୁଚି ରହିଥିବା ସୂଚନା ମିଳିଛି । ଶୁକ୍ରବାର ଦିନ ଅଖଲ ଜଙ୍ଗଲ ଅଞ୍ଚଳରେ ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଏକ ଏନକାଉଣ୍ଟର ଆରମ୍ଭ ହୋଇଥିଲା । ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ସେନା ସେହି ଅଞ୍ଚଳରେ ଘେରାବନ୍ଦୀ ଏବଂ ସର୍ଚ୍ଚ ଅପରେସନ୍ କରିଥିଲା । ଭୋର ୪ଟା ସମୟରେ ପାଖାପାଖି ୨୦ ମିନିଟ ଯାଏଁ ଗୁଳି ବିନିମୟ ହୋଇଥିଲା । ସୁରକ୍ଷାବଳ ଘେରାବନ୍ଦୀ କରି ସନ୍ଧାନ ଜାରି ରଖିଛି ।

## ସାମ୍ନାକୁ ଆସିଲା ନୂଆଦିଲ୍ଲୀ ରେଳ ଷ୍ଟେସନର ଘଟଣା, ଗୋଟିଏ ବ୍ୟାଗ୍ ପାଇଁ ଚାଲିଗଲା ୧୮ ଜୀବନ

ନୂଆଦିଲ୍ଲୀ ରେଳ ଷ୍ଟେସନରେ ୧୫ ଫେବୃଆରୀରେ ଘଟିଥିଲା ଏକ ଅଭାବନୀୟ ଘଟଣା । ଏହି ଦୁଃଖଦ ଘଟଣା ପଛରେ ଥିବା କାରଣ ବର୍ତ୍ତମାନ୍ ସାମ୍ନାକୁ ଆସିଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦରେ କହିଥିଲେ ଯେ ଏହି ଘଟଣା କିପରି ଘଟିଥିଲା । ଜଣେ ଯାତ୍ରୀଙ୍କ ଭାରୀ ଲଗେଜ୍ ତଳକୁ ଖସି ପଡ଼ିଲା । ଏହା ପରେ ଯାତ୍ରୀମାନେ ଜଣକ ପରେ ଜଣେ ଖସି ପଡ଼ିବା ଆରମ୍ଭ କଲେ । ଯାହା ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା । ଏଥିରେ ୧୮ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୧୫ ଜଣ ଆହତ ହୋଇଥିଲେ । ରାଜ୍ୟସଭାରେ ସମାଜବାଦୀ ପାର୍ଟି ସାଂସଦ ରାମଜୀ ଲାଲ ସୁମନଙ୍କ ପ୍ରଶ୍ନର ଉତ୍ତରରେ ସେ ଏହି ସୂଚନା ଦେଇଛନ୍ତି । ପ୍ରକୃତରେ, ଉଚ୍ଚସ୍ତରୀୟ ତଦନ୍ତ କମିଟିର ରିପୋର୍ଟକୁ ଉଦ୍ଧୃତ କରି ରେଳମନ୍ତ୍ରୀ କହିଛନ୍ତି ଯେ ଦୁର୍ଘଟଣା ଦିନ ଷ୍ଟେସନରେ ପ୍ରବଳ ଭିଡ଼ ଥିଲା । ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭମେଳା ଯୋଗୁଁ ଯାତ୍ରୀଙ୍କ ସଂଖ୍ୟା ସାଧାରଣ ଅପେକ୍ଷା ବହୁତ ଅଧିକ ଥିଲା । ସେହି ଦିନ ଷ୍ଟେସନରେ ପ୍ରାୟ ୪୯,୦୦୦ ସାଧାରଣ ଟିକେଟ ବିକ୍ରି ହୋଇଥିଲା । ଏହି ସଂଖ୍ୟା ହାରାହାରି ଅପେକ୍ଷା ୧୩,୦୦୦ ଟିକେଟ ଅଧିକ ଥିଲା । ରାତି ୮:୧୫ ପରେ, ଫୁଟ ଓଭର ବ୍ରିଜରେ ଭିଡ଼ ବଢ଼ିବାରେ ଲାଗିଲା ଏବଂ ଯେତେବେଳେ ଜଣେ ଯାତ୍ରୀଙ୍କ ଓଜନଦାର ବ୍ୟାଗ ପଡ଼ିଗଲା, ସିଡ଼ିରେ ଯାତ୍ରୀଙ୍କ ସନ୍ତୁଳନ ବିଗିଡ଼ିଗଲା । ଏହି ଦୁର୍ଘଟଣା ରାତି ୮:୪୮ ରେ ଫୁଟ୍ ଓଭର ବ୍ରିଜ୍-୩ କୁ ସଂଯୋଗ କରୁଥିବା ପ୍ଲାଟଫର୍ମ ୧୪ ଏବଂ ୧୫ ରେ ଘଟିଥିଲା । ବ୍ୟାଗଟି ପଡ଼ିବା ପରେ ଲୋକମାନେ ପରସ୍ପର ସହିତ ଧକ୍କା ହୋଇ ପଡ଼ିବାକୁ ଲାଗିଲେ । ରେଳମନ୍ତ୍ରୀ ତାଙ୍କ ବିବୃତ୍ତିରେ ଦଳାଚକଟା ଶବ୍ଦ ବ୍ୟବହାର କରି ନାହାଁନ୍ତି । କିନ୍ତୁ ସେ କହିଛନ୍ତି ଯେ ଲୋକମାନେ ପରସ୍ପର ଉପରେ ପଡ଼ିଯିବାରୁ ଏହି ଦୁଃଖଦ ଦୁର୍ଘଟଣା ଘଟିଛି ।

## ରୁଷରୁ ତୈଳ କିଣିବ ନାହିଁ ଭାରତ : ଟ୍ରମ୍ପ




ନୂଆଦିଲ୍ଲୀ : ଟ୍ରମ୍ପଙ୍କ ଧମକ ଏବଂ ଟାରିଫ ଆହ୍ୱନ ପରେ ରୁଷ ତୈଳ କିଣିବା ବନ୍ଦ କଲା କି ଭାରତ । ରୁଷଠାରୁ ତୈଳ କିଣୁଥିବାରୁ ଭାରତ ଉପରେ ୨୫ ପ୍ରତିଶତ ଟାରିଫ ସହ ପେନାଲ୍ଟି ଲଗାଇଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଏବେ ଆମେରିକାର ରାଷ୍ଟ୍ରପତି କହିଛନ୍ତି, ମୁଁ ଶୁଣିବାକୁ ପାଉଛି ଏବେ ରୁଷିଆ ଠାରୁ ଭାରତ ତେଲ କିଣୁନାହିଁ । ଆଗକୁ କଣ ହେବ ତାହା ଦେଖିବା ବୋଲି ଟ୍ରମ୍ପ କହିଛନ୍ତି। ତେବେ ମୁଁ ଯାହା ଶୁଣିଲି ଏହା ଠିକ୍ କି ଭୁଲ ଜାଣେନି । ତେବେ ଏହା ଏକ ଭଲ ପଦକ୍ଷେପ । ଆମେରିକା ଏହାକୁ ସକରାତ୍ମକ ଭାବେ ଗ୍ରହଣ କରିବ ବୋଲି ଟ୍ରମ୍ପ କହିଛନ୍ତି । ବିଭିନ୍ନ ଆନ୍ତର୍ଜାତିକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି, ଭାରତର ସରକାରୀ ରିଫାଇନାରୀଗୁଡିକ ଗତ ସପ୍ତାହ ଧରି ରୁଷ ତେଲ କିଣି ନାହାଁନ୍ତି । ଖବର ମୁତାବକ, ଇଣ୍ଡିଆ ଅଏଲ , ହିନ୍ଦୁସ୍ତାନ ପେଟ୍ରୋଲିୟମ, ଭାରତ ପେଟ୍ରୋଲିୟମ, ମାଙ୍ଗୋଲର ରିଫାଇନାରୀ ପେଟ୍ରୋକେମିକାଲ୍ସ ଆଦି କମ୍ପାନୀ ଗତ ସପ୍ତାହେ ହେଲା ରୁଷ ତେଲ କିଣି ନାହାଁନ୍ତି । କିନ୍ତୁ ତୈଳ କମ୍ପାନୀ କିମ୍ବା ସରକାରଙ୍କ ତରଫରୁ ଏ ସମ୍ପର୍କରେ କୌଣସି ବିଧିବଦ୍ଧ ସୂଚନା ଦିଆଯାଇ ନାହିଁ । ସମୁଦ୍ର ପଥ ଦେଇ ରୁଷଠାରୁ ଅଶୋଧିତ ତୈଳ କିଣିବାରେ ଭାରତ ସବୁଠାରୁ ବଡ଼ କ୍ରେତା । ୟୁକ୍ରେନ ଯୁଦ୍ଧ ସମୟରେ ରୁଷ ପାଇଁ ଏହା ବଡ଼ ରାଜସ୍ୱ ଥିଲା। ରୁଷର ମୋଟ ତୈଳ ରପ୍ତାନୀର ୩୫ ପ୍ରତିଶତ ଭାରତକୁ ଆସୁଥିଲା । ରୁଷ ତେଲକୁ ନେଇ ଟ୍ରମ୍ପ ଭାରତକୁ ଟାରିଫ ଧମକ ଦେଇଥିଲେ । ଶେଷରେ ୨୫ ପ୍ରତିଶତ ଟାରିପ ସହ ପେନାଲ୍ଟି ଲଗାଇଥିଲେ । ଏବେ ଭାରତ ତେଲ କିଣିବା ବନ୍ଦ କରିଥିବା ଖବର ଆସିଛି । ସେପଟେ କୁହାଯାଉଛି ୨୦୨୨ରେ ଯୁଦ୍ଧ ଆରମ୍ଭ ପରେ ରୁଷ ତାର ତୈଳ ଉପରେ ଅଧିକ ରିହାତି ପ୍ରଦାନ କରୁଥିଲା । କିନ୍ତୁ ସେହି ରିହାତି ଏବେ ଧିରେଧିରେ ହ୍ରାସ ପାଉଛି । ତେଣୁ ଭାରତୀୟ କମ୍ପାନୀ ରୁଷ ତେଲ କିଣିବା କମାଇଛନ୍ତି । ରୁଷ ବଦଳରେ ମଧ୍ୟପ୍ରାଚ୍ୟ ଓ ପଶ୍ଚିମ ଆଫ୍ରିକାରୁ ତୈଳ କିଣିବା ଆରମ୍ଭ କରିଛନ୍ତି ।

## ସନ୍ଥ ପ୍ରେମାନନ୍ଦ ମହାରାଜଙ୍କୁ ମିଳିଲା ହତ୍ୟା ଧମକ

ନୂଆଦିଲ୍ଲୀ,୨।୮: ବୃନ୍ଦାବନର ସନ୍ଥ ପ୍ରେମାନନ୍ଦ ମହାରାଜଙ୍କୁ ହତ୍ୟା ଧମକ ଦିଆଯାଇଛି। ଯୁବକ ଜଣକ ସୋସିଆଲ ମିଡିଆ ଫେସବୁକରେ ପୋଷ୍ଟ କରି ତାଙ୍କୁ ଧମକ ଦେଇଥିଲେ, ଏହି ପୋଷ୍ଟ ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେଉଛି। ଅଭିଯୁକ୍ତ ଜଣକ କହିଛନ୍ତି ଯେ 'ଯଦି ସେ ମୋ ଘର ବିଷୟରେ କଥା ହୋଇଥାନ୍ତେ, ମୁଁ ତାଙ୍କର ଗଳା କାଟି ଦେଇଥାନ୍ତି।' ପ୍ରକୃତରେ, ସନ୍ଥ ପ୍ରେମାନନ୍ଦ ମହାରାଜ ସମ୍ପ୍ରତି ମହିଳାଙ୍କ ବିଷୟରେ ଦେଇଥିବା ଏକ ବୟାନ ପାଇଁ ଖବରରେ ଅଛନ୍ତି। ଯେଉଁଥିରେ ସେ ଯୁବକମାନଙ୍କୁ ଏକ ମର୍ଯ୍ୟାଦାବନ୍ତ ଏବଂ ନୈତିକ ଜୀବନଯାପନ କରିବାକୁ ପରାମର୍ଶ ଦେଇଥିଲେ। ସେହି ସମୟରେ, ସେ ସମାଜରେ ବଢୁଥିବା ପ୍ରେମିକା-ପ୍ରେମିକ ସଂସ୍କୃତି ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ ଏବଂ ଏହାକୁ ସମାଜ ପାଇଁ କ୍ଷତିକାରକ ବୋଲି କହିଥିଲେ, ଯାହା ପରେ ତାଙ୍କ ବୟାନକୁ ନେଇ ବିବାଦ ସୃଷ୍ଟି ହୋଇଛି। ପ୍ରେମାନନ୍ଦ ଜୀ ମହାରାଜଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେଉଛି, ଯାହା ପରେ ଏହାକୁ ନେଇ ଅନେକ ପ୍ରକାରର ପ୍ରତିକ୍ରିୟା ଆସୁଛି। ଏହି ଭିଡିଓ ସମ୍ପର୍କରେ, ଅଭିଯୁକ୍ତ ଯୁବକ ସନ୍ଥଙ୍କୁ ହତ୍ୟା କରିବାକୁ ଧମକ ଦେଇଛନ୍ତି। ଅଭିଯୁକ୍ତ ଯୁବକ କହିଛନ୍ତି ଯେ 'ପ୍ରେମାନନ୍ଦ ମହାରାଜ ଯାହା କହିଛନ୍ତି ତାହା ସମଗ୍ର ସମାଜ ବିଷୟରେ, ଯଦି ସେ ମୋ ଘର ବିଷୟରେ କଥା ହୋଇଥାନ୍ତେ, ମୁଁ ତାଙ୍କର ଗଳା କାଟି ଦେଇଥାନ୍ତି ।' ପ୍ରେମାନନ୍ଦ ମହାରାଜଙ୍କୁ ଧମକ ପ୍ରକାଶ ପାଇବା ପରେ, ହିନ୍ଦୁ ସଂଗଠନ ଏବଂ ସନ୍ଥମାନଙ୍କ ମଧ୍ୟରେ ପ୍ରବଳ କ୍ରୋଧ ପ୍ରକାଶ ପାଇଛି। ଶ୍ରୀକୃଷ୍ଣ ଜନ୍ମଭୂମି ସଂଘର୍ଷ ନ୍ୟାସର ସଭାପତି ଦିନେଶ ଫାଲାରି ବାବା କହିଛନ୍ତି ଯେ ଯଦି କେହି ପ୍ରେମାନନ୍ଦ ବାବାଙ୍କ ଆଡ଼କୁ ଆଖି ଉଠାଇବେ, ତେବେ ଆମେ ଏହାକୁ ସହ୍ୟ କରିବୁ ନାହିଁ। ଦିନେଶ ଫାଲାରି ବାବା କହିଛନ୍ତି ଯେ ଆମେ ଯେକୌଣସି ଅପରାଧୀର ଗୁଳି ଆମ ଛାତିରେ ନେବାକୁ ପ୍ରସ୍ତୁତ। ସେ ଦାବି କରିଛନ୍ତି ଯେ ସରକାର ଏପରି ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ମହନ୍ତ ରାମଦାସ ଜୀ କହିଛନ୍ତି ଯେ ଗାଈ, ଝିଅ ଏବଂ ସାଧୁମାନଙ୍କୁ ସୁରକ୍ଷା ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରେମାନନ୍ଦ ବାବାଙ୍କ ବିରୁଦ୍ଧରେ ଏପରି ମନ୍ତବ୍ୟ ଦେଉଥିବା ବ୍ୟକ୍ତିଙ୍କୁ ସାଧୁ ସମ୍ପ୍ରଦାୟ ଛାଡ଼ିବ ନାହିଁ।



# ଦୁଷ୍କର୍ମ ମାମଲାରେ ପୂର୍ବତନ ସାଂସଦଙ୍କୁ ଆଜୀବନ ଜେଲ୍



ବେଙ୍ଗାଲୁରୁ : ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜେଡିଏସର ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭାନ୍ନାଙ୍କୁ ମିଳିଛି ବଡ଼ ଦଣ୍ଡ। ଶୁକ୍ରବାର ତାଙ୍କୁ ସ୍ୱତନ୍ତ୍ର କୋର୍ଟ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ଆଜି କୋର୍ଟ ତାଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ବେଙ୍ଗାଲୁରୁ ସ୍ଥିତ ସ୍ୱତନ୍ତ୍ର ଅଦାଲତ ଏପରି ରାୟ ଦେଇଛନ୍ତି। ଆଜୀବନ ଜେଲଦଣ୍ଡ ସହ ତାଙ୍କ ଉପରେ ୧୧ ଲକ୍ଷ ଟଙ୍କାର ଜୋରିମାନା ଲଗା ଯାଇଛି। ଏହି ଜୋରିମାନା ଅର୍ଥ ପୀଡ଼ିତାଙ୍କୁ କ୍ଷତିପୂରଣ ଭାବେ ଦିଆଯିବ। ପ୍ରଜ୍ୱଳ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ ଡି ଦେବଗୌଡ଼ାଙ୍କ ନାତି। ଏବେ ସେ ୪୮ ବର୍ଷୀୟ ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ ଦଣ୍ଡ ପାଇଛନ୍ତି। ୪୮ ବର୍ଷୀୟ ମହିଳାଙ୍କୁ ଦୁଷ୍କର୍ମ କରିବା ସହ ତାଙ୍କ ଭିଡିଓକୁ ମଧ୍ୟ ଭାଇରାଲ କରିବା ମାମଲାରେ ପ୍ରଜ୍ୱଳ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ହାସନ ଜିଲ୍ଲାର ହୋଲେନାରାସିପୁର ସ୍ଥିତ ରେଭାନ୍ନାଙ୍କ ପରିବାର ମାଲିକାନାରେ ଥିବା ଫାର୍ମ ହାଉସରେ ଘରୋଇ ସହାୟିକା ଭାବେ ମହିଳା ଜଣଙ୍କ କାମ କରୁଥିଲେ। କିନ୍ତୁ ୨୦୨୧ ପରଠାରୁ ପ୍ରଜ୍ୱଳ ରେଭାନ୍ନା ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲେ। ଏପରି କି ଦୁଷ୍କର୍ମ ବେଳର ଭିଡିଓ ରେକର୍ଡିଂ କରିଥିଲେ। ଭିଡିଓ ଭାଇରାଲ କରିବାର ଧମକ ଦେଇ ସେ ମହିଳାଙ୍କୁ ଚୁପ ରହିବାକୁ ବାଧ୍ୟ କରୁଥିଲେ। ଏଥିସହ ନିଜ ଇଚ୍ଛା ଅନୁସାରେ ତାଙ୍କୁ ଉପଭୋଗ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ଦୁଷ୍କର୍ମ ମାମଲା ରୁଜୁ ହେବାର ମାତ୍ର ୧୪ ମାସ ମଧ୍ୟରେ କୋର୍ଟ ଏହାର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି। ଆଜୀବନ ଜେଲଦଣ୍ଡ ସହ କୋର୍ଟ ତାଙ୍କ ଉପରେ ୫ ଲକ୍ଷ ଟଙ୍କାର ଜୋରିମାନା ଲଗାଇଛନ୍ତି। ୨୦୨୪ ଲୋକସଭା ନିର୍ବାଚନ ବେଳେ ଜେଡିଏସ ଓ ବିଜେପି ମେଣ୍ଟ କରିଥିଲେ। ଜେଡିଏସ ମଧ୍ୟ ପ୍ରଜ୍ୱଳ ରେଭାନ୍ନାଙ୍କୁ ଟିକେଟ ଦେଇଥିଲା। ସେ ନିଜର ପ୍ରଚାର ମଧ୍ୟ କରିଥିଲେ। ଏତିକି ବେଳେ ତାଙ୍କୁ ବିରୋଧରେ ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଥିଲା। ଏପରି ତାଙ୍କୁ ଗିରଫ ହେବାକୁ ମଧ୍ୟ ପଡ଼ିଥିଲା। ତଥାପି ସେ ହାସନ ଜିଲ୍ଲାରୁ ମେଣ୍ଟ ପ୍ରାର୍ଥୀ ଭାବେ ଲଢ଼ିଥିଲେ। କିନ୍ତୁ ତାଙ୍କୁ କଂଗ୍ରେସ ପ୍ରାର୍ଥୀଙ୍କ ଠାରୁ ହାରିବାକୁ ପଡ଼ିଥିଲା। ରେଭାନ୍ନାଙ୍କ ବିରୋଧରେ ମାମଲା କର୍ଣ୍ଣାଟକା ସିଆଇଡିର ସାଇବର କ୍ରାଇମ ଷ୍ଟେସନରେ ରୁଜୁ ହୋଇଥିଲା। ଅଭିଯୋଗକାରୀ ମହିଳାଙ୍କୁ ରେଭାନ୍ନା ଦୁଇ ଥର ଦୁଷ୍କର୍ମ କରିଥିଲେ ଓ ଏହି ଜଘନ୍ୟକାଣ୍ଡର ଭିଡିଓ ରେକର୍ଡିଂ କରି ତାଙ୍କୁ ବ୍ଲାକମେଲ କରୁଥିଲେ। ତଦନ୍ତ ଓ ଶୁଣାଣି ବେଳେ ପୀଡ଼ିତା ଜଣଙ୍କ ଗୋଟିଏ ଶାଢ଼ୀକୁ ଫିଜିକାଲ ପ୍ରମାଣ ଭାବେ ଉପସ୍ଥାପନ କରିଥିଲେ। ଏହାକୁ ଦୁଷ୍କର୍ମ ବେଳ ଠାରୁ ସେ ସାଇତି ରଖିଥିଲେ। ଫରେନ୍ସିକ ଟେଷ୍ଟରୁ ଉକ୍ତ ଶାଢ଼ୀରୁ ସ୍ପର୍ମ ମିଳିଥିଲା। ଏହାକୁ କୋର୍ଟରେ ବଳିଷ୍ଠ ପ୍ରମାଣ ଭାବେ ଉପସ୍ଥାପନ କରାଯାଇଥିଲା। ଆଇପିସି ଓ ଆଇଟି ଆକ୍ଟ ୨୦୦୮ ଅନୁସାରେ ପ୍ରଜ୍ୱଳ ରେଭାନ୍ନାଙ୍କ ବିରୋଧରେ ମାମଲା ହୋଇଥିଲା। ସିଆଇଡିର ସ୍ପେଶାଲ ଇନଭେଷ୍ଟିଗେସନ ଟିମ ବା ଏସ୍?ଆଇଟି ତଦନ୍ତ ବେଳେ ୧୨୩ଟି ପ୍ରମାଣ ସଂଗ୍ରହ କରିଥିଲା। ଏହାପରେ ଇନସପେକ୍ଟର ଶୋଭାଙ୍କ ନେତୃତ୍ୱାଧୀନ ଏସଆଇଟି ୨ ହଜାର ପୃଷ୍ଠାର ଚାର୍ଜଶିଟ ଦାଖଲ କରିଥିଲା। ୨୦୨୪ ଡିସେମ୍ବର ୩୧ରୁ ବିଧିବଦ୍ଧ ଭାବେ ଶୁଣାଣି ଆରମ୍ଭ ହୋଇଥିଲା। ୭ ମାସ ମଧ୍ୟରେ କୋର୍ଟ ୨୩ ଜଣ ସାକ୍ଷୀଙ୍କ ବୟାନକୁ ଯାଞ୍ଚ କରିଥିଲେ। ଏହାପରେ ଫରେନ୍ସିକ ଲ୍ୟାବ ରିପୋର୍ଟ ଓ ଭିଡିଓ କ୍ଲିପଗୁଡ଼ିକର ତର୍ଜମା କରିଥିଲେ। ଏହାପରେ ଶୁକ୍ରବାରା ପ୍ରଜ୍ୱଳ ରେଭାନ୍ନାଙ୍କୁ ବିଭିନ୍ନ ଦଫାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଆଜି ତାଙ୍କର ଦଣ୍ଡ ବିଧାନ ହୋଇଛି।

# ରୋଚକ ମୋଡ଼ରେ ୫ମ ଟେଷ୍ଟ, ଜୟସ୍ୱାଲଙ୍କ ଶତକ





**ଲଣ୍ଡନ,୨।୮ (ଏଜେନ୍ସି) :** କେନିଙ୍ଗଟନ ଓଭାଲ ଟେଷ୍ଟର ଆଜି ହେଉଛି ୩ୟ ଦିନ। ୩ୟ ଦିନରେ ମ୍ୟାଚ ଏକ ରୋଚକ ମୋଡ଼ରେ ପହଞ୍ଚିଛି। ଗୋଟିଏ ପଟେ ଭାରତ ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ବଳରେ ନିଜର ସ୍ଥିତି ସୁଦୃଢ଼ କରିବାକୁ ଉଦ୍ୟମ କରୁଥିବାବେଳେ ଅନ୍ୟପଟେ ଇଂଲଣ୍ଡ ବୋଲରମାନେ ଭାରତର ୬ଟି ୱିକେଟ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ସର୍ବଶେଷ ସୂଚନା ଅନୁସାରେ ଭାରତ ୬ ୱିକେଟ ହରାଇ ୨୭୪ ରନ କରିଛି। ଜୟସ୍ୱାଲ ୧୧୮ ରନ କରି ଆଉଟ ହୋଇଛନ୍ତି। ରବୀନ୍ଦ୍ର ଜାଦେଜା ୧୮ ରନ ଓ ଧ୍ରୁବ ଜୁରେଲ ୦ କରି ଅପରାଜିତ ଅଛନ୍ତି। ତେବେ ଆଜି ମଧ୍ୟାହ୍ନ ଭୋଜନ ପୂର୍ବ ସେସନର ମୁଖ୍ୟ ଆକର୍ଷଣ ଥିଲା ଜୟସ୍ୱାଲ ଓ ଆକାଶ ଦୀପଙ୍କ ମଧ୍ୟରେ ହୋଇଥିବା ଭାଗିଦାରୀ। ଆକାଶଦୀପ ଗତକାଲି ନାଇଟ ୱାଚମ୍ୟାନଭାବେ ଆସି ମଧ୍ୟ ୬୬ ରନର ବହୁମୂଲ୍ୟ ଇନିଂସ ଖେଳିଥିଲେ। ତେବେ ଆକାଶଦୀପ ଆଉଟ ହେବା ପରେ ଅଧିନାୟକ ଶୁବମନ ଓ କରୁନ ନାୟାର ବିଶେଷ ଯୋଗଦାନ ଦେଇପାରିନଥିଲେ।

ଏହି ମ୍ୟାଚରେ ଇଂଲଣ୍ଡ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତ ପ୍ରଥମ ଇନିଂସରେ ୨୨୪ ରନ କରି ଅଲଆଉଟ ହୋଇଯାଇଥିବାବେଳେ ଇଂଲଣ୍ଡ ନିଜର ପ୍ରଥମ ଇନିଂସରେ ୨୪୭ ରନ କରି ଅଲଆଉଟ ହୋଇଯାଇଥିଲା ।

କେନିଙ୍ଗଟନ୍ ଓଭାଲରେ ଚାଲିଥିବା ଭାରତ-ଇଂଲଣ୍ଡ ପଞ୍ଚମ ତଥା ଅନ୍ତିମ ଟେଷ୍ଟର ଦ୍ୱିତୀୟ ଦିନରେ ୱିକେଟ୍ ଝଡ଼ (୧୫) ଭିତରେ ଉଭୟ ଦଳର ପ୍ରଥମ ପାଳି ଶେଷ ହୋଇଛି। ବିସ୍ଫୋରକ ଆରମ୍ଭ କରିଥିବା ଘରୋଇ ଦଳ ପ୍ରଥମ ପାଳିରେ ୨୩ ରନ୍ ଅଗ୍ରଣୀ ବି ନେଇଯାଇଛି। ଭାରତର ୨୨୪ ରନ୍ ଜବାବରେ ଓଲି ପୋପ୍‌ଙ୍କ ଦଳ ୨୪୭ ରନ୍ ସଂଗ୍ରହ କରି ସମସ୍ତ ୱିକେଟ୍ ହରାଇଛି। ଦ୍ୱିତୀୟ ଦିବସରେ ଶେଷ ବେଳକୁ ଭାରତ ଦ୍ୱିତୀୟ ପାଳିରେ ୨ ୱିକେଟ୍ ହରାଇ ୭୫ ରନ୍ କରିଛି। ରାହୁଲ (୭), ସୁଦର୍ଶନ (୧୧) ଆଉଟ୍ ହୋଇଥିବାବେଳେ ଜାସ୍ୱାଲ୍ (୫୧) ଓ ଆକାଶ ଦୀପ (୪) ବ୍ୟାଟିଂ କରୁଥିଲେ। ଗସ୍ ଆଟ୍‌କିନ୍‌ସନ୍‌ଙ୍କ ୫ ୱିକେଟ୍ ସଫଳତା କାରଣରୁ ଭାରତ ପାଳି ୨୨୪ ରନରେ ଅଟକିଯିବା ପରେ ଇଂଲଣ୍ଡ ବାଜ୍‌ବଲ୍ ଷ୍ଟାଇଲ୍‌କୁ ଆପଣାଇଥିଲା। ପ୍ରାରମ୍ଭିକ ଯୋଡ଼ି ଜ୍ୟାକ୍ କ୍ରଲି ଏବଂ ବେନ୍ ଡକେଟ୍‌ଙ୍କ ଆକ୍ରମଣାତ୍ମକ ବ୍ୟାଟିଂ କାରଣରୁ ଘରୋଇ ଦଳ ମାତ୍ର ୧୪.୪ ଓଭରରେ ୧୦୦ ରନ୍ ପୂରଣ କରିଥିଲା। ଆକାଶ ଦୀପଙ୍କୁ ରିଭର୍ସ ଖେଳିବାକୁ ଯାଇ ବେନ୍ ଡକେଟ୍ (୪୩) ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ଜୁରେଲ ନେଇଥିଲେ କ୍ୟାଚ୍। କ୍ରଲି (୬୪, ୫୭ ବଲ୍) ଓ ହ୍ୟାରି ବ୍ରୁକ୍ (୫୩, ୬୪ ବଲ୍) ଅର୍ଦ୍ଧଶତକ ହାସଲ କରିଥିବାବେଳେ ଓଲି ପୋପ୍ ଓ ଜୋ ରୁଟ୍ ଛୋଟ ଛୋଟ ପାଳି ଖେଳିଥିଲେ ମଧ୍ୟ ଦଳକୁ ଅଗ୍ରଣୀ ଦେବାରେ ସହଯୋଗ କରିଛନ୍ତି। ଇଂଲଣ୍ଡର ଶୀର୍ଷ ୪ ବ୍ୟାଟର୍ ପୋପ୍, ରୁଟ୍, ବେଥେଲ୍ ଓ ବ୍ରୁକଙ୍କ ଆଉଟ୍ କରି ମହମ୍ମଦ ସିରାଜ (୪/୮୬) ଏବଂ କ୍ରଲି, ସ୍ମିଥ, ଓଭରଟନ୍ ଓ ଆଟ୍‌କିନ୍‌ସନ୍‌ଙ୍କ ୱିକେଟ୍ ନେଇ ପ୍ରସିଦ୍ଧ କ୍ରିଷ୍ଣ (୪/୬୨) ଭାରତକୁ ଚମତ୍କାର ପ୍ରତ୍ୟାବର୍ତ୍ତନ କରାଇଛନ୍ତି।

## ଖଲିଦ୍ ଭାରତୀୟ ଫୁଟବଲ ଦଳର ମୁଖ୍ୟ ପ୍ରଶିକ୍ଷକ


**ନୂଆଦିଲ୍ଲୀ,୨।୮ (ଏଜେନ୍ସି) :** ଆଇଜଲ ଏଫ୍‌ସିକୁ ୨୦୧୭ରେ ଆଇ-ଲିଗ୍ ବିଜେତା କରାଇ ପ୍ରସିଦ୍ଧ ଲାଭ କରିଥିବା ଖଲିଦ ଜାମିଲଙ୍କୁ ଶୁକ୍ରବାର ଭାରତୀୟ ପୁରୁଷ ଫୁଟବଲ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି ମିଳିଛି। ଏହି ପଦରେ ୧୩ ବର୍ଷ ପରେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି। କିଂବଦନ୍ତି ଷ୍ଟ୍ରାଇକର୍ ଆଇଏମ୍ ବିଜୟନଙ୍କ ନେତୃତ୍ୱରେ ଗଠିତ ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ବୈଷୟିକ କମିଟି ଜାମିଲଙ୍କ ସହ ଭାରତର ପୂର୍ବତନ ମୁଖ୍ୟପ୍ରଶିକ୍ଷକ ଷ୍ଟିଫେନ କନ୍‌ଷ୍ଟାଣ୍ଟାଇନ ଏବଂ ପୂର୍ବତନ ସ୍ଲୋଭାକିଆ ପ୍ରବନ୍ଧକ ଷ୍ଟିଭୟନ୍ ତାରକୋଭିକଙ୍କ ନାଁ ପରିଚାଳନା କମିଟିକୁ ଚୂଡ଼ାନ୍ତ ଲାଗି ପଠାଇଥିଲା।



ଶେଷରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ସଂପ୍ରତି ଆଇଏସ୍‌ଏଲ୍ ଦଳ ଜାମସେଦପୁର ଏଫ୍‌ସି ଦାୟିତ୍ୱରେ ଥିବା ୪୮ ବର୍ଷୀୟ ଏହି ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ପଦ ଅଳଙ୍କୃତ କରିଛନ୍ତି। ଶେଷ ଥର ଲାଗି ୨୦୧୧ରୁ ୨୦୧୨ ପର୍ଯ୍ୟନ୍ତ ଭାରତୀୟ ପ୍ରଶିକ୍ଷକ ଭାବେ ସାଭିଓ ମେଦେଇରା ଜାତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଥିଲେ। ଏହାପରଠୁ ଭାରତୀୟ ଫୁଟବଲର ବଡ଼ ପରିବର୍ତ୍ତନ ଆଶାରେ ଏଆଇଏଫ୍‌ଏଫ୍ ବିଦେଶୀ ପ୍ରଶିକ୍ଷକ ନିଯୁକ୍ତି କରୁଥିଲା।

# ଗୋଟିଏ ଓଭରରେ ୪୫ ରନ୍ ଦେଇ ବିଶ୍ୱ ରେକର୍ଡ

**ନୂଆଦିଲ୍ଲୀ,୨।୮ (ଏଜେନ୍ସି) :** ଗୋଟିଏ ଓଭରେ ୪୫ ରନ। କଥାଟା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଆଫଗାନିସ୍ତାନ ବ୍ୟାଟ୍ସମ୍ୟାନ ଉସମାନ ଘନି ଏହି ଅସମ୍ଭବ ସମ୍ଭବ କରିଦେଇଛନ୍ତି। ସେ ଗୋଟିଏ ଓଭରରେ ୪୫ ରନ ମାରି ଏକ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ବୃତ୍ତିଗତ କ୍ରିକେଟରେ ପୂର୍ବରୁ ଏପରି ସଫଳତା କେବେ ହୋଇ ନ ଥିଲା। ଇଂଲଣ୍ଡ ଟୁର୍ନାମେଣ୍ଟରେ ୧ ଅଗଷ୍ଟରେ ଲଣ୍ଡନ କାଉଣ୍ଟି କ୍ରିକେଟ କ୍ଲବ ଏବଂ ଗିଲ୍ଡଫୋର୍ଡ ମଧ୍ୟରେ ଏକ ମ୍ୟାଚ ଖେଳାଯାଇଥିଲା। ଲଣ୍ଡନ ପାଇଁ ଓପନିଂ କରିବାକୁ ଆସିଥିବା ଉସମାନ ଘନି ଗିଲ୍ଡଫୋର୍ଡ ବୋଲର ୱିଲ ଏର୍ଣ୍ଣିଙ୍କ ଓଭରରେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଘନି ଗୋଟିଏ ଓଭରରେ ମୋଟ ୪୫ ରନ କରିଥିଲେ। ୬+ନୋ ବଲ, ୬, ୪+ୱାଇଡ, ୬, ୪+ନୋ ବଲ, ୬, ୦, ୬, ୪। ଏହି ଓଭରରେ, ବ୍ୟାଟସମ୍ୟାନ ଏକା ୪୨ ରନ କରିଥିଲେ। ୩ ରନ ଅତିରିକ୍ତ (୨ ନୋ ବଲ ଏବଂ ୧ ୱାଇଡ) ଭାବରେ ଆସିଥିଲା। ଏହା ପୂର୍ବରୁ, କୌଣସି



ବ୍ୟାଟସମ୍ୟାନ ଗୋଟିଏ ଓଭରରେ ଏତେ ରନ କରି ନ ଥିଲେ। ଏହା ଆଜି ପର୍ଯ୍ୟନ୍ତ ବୃତ୍ତିଗତ କ୍ରିକେଟରେ ସବୁଠାରୁ ମହଙ୍ଗା ଓଭର ପାଲଟିଛି। ଉସମାନ ଘନି ମ୍ୟାଚରେ ଫର୍ମରେ ଥିଲେ। ସେ ୪୩ ବଲରେ ଅପରାଜିତ ୧୫୩ ରନ କରିଥିଲେ। ଏଥିରେ ୧୧ ଚୌକା ଏବଂ ୧୭ ଛକା ସାମିଲ ଥିଲା। ତାଙ୍କର ଷ୍ଟ୍ରାଇକ ରେଟ ଥିଲା ୩୫୫.୮୧। ତାଙ୍କ ସାଥୀ ଇସମାଇଲ ବେହରାମି ମଧ୍ୟ ୧୯ ବଲରେ ୬୧ ରନ କରିଥିଲେ। ଉଭୟଙ୍କ ଭାଗୀଦାରୀ ଯୋଗୁ ଲଣ୍ଡନ କାଉଣ୍ଟି ୧୦ ଓଭରରେ ୨୨୬/୦ର ଏକ ବିଶାଳ ସ୍କୋର କରିଥିଲା। ଲକ୍ଷ୍ୟ ପିଛା କରି, ଗିଲ୍ଡଫୋର୍ଡର ଦଳ ଏତେ ବଡ଼ ଟାର୍ଗେଟର ସମ୍ମୁଖୀନ ହୋଇପାରି ନ ଥିଲା ଏବଂ ସମଗ୍ର ଦଳ କେବଳ ୧୫୫ ରନ କରିପାରିଥିଲା ଏବଂ ୭୧ ରନରେ ମ୍ୟାଚ ହାରିଥିଲା। ସେମାନଙ୍କର କୌଣସି ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ଛୁଇଁ ପାରି ନ ଥିଲେ। ୨୯ ବର୍ଷୀୟ ଉସମାନ ଘନି ଆଫଗାନିସ୍ତାନ ପାଇଁ ୧୭ ଦିନିକିଆ ଏବଂ ୩୫ ଟି-୨୦ ମ୍ୟାଚ ଖେଳିଛନ୍ତି।

# ବାଥରୁମ ବନ୍ଦ କରି କାନ୍ଦିଥିଲେ ବିରାଟ

**କୋଲକାତା,୨।୮ (ଏଜେନ୍ସି) :** ଭେଟରାନ ଭାରତୀୟ ସ୍ପିନର ଯୁଜଭେନ୍ଦର ଚହଲ ବଡ଼ ଖୁଲାସା କରିଛନ୍ତି। ସେ କିଛି ଅଜଣା କାହାଣୀ ଉପରୁ ପରଦା ଉଠାଇଛନ୍ତି। ବିରାଟ କୋହଲି ଏକଦା ବାଥରୁମରେ କାନ୍ଦୁ ଥିବା ସେ ଦେଖିଥିବା ସମସ୍ତଙ୍କୁ ଜଣାଇଛନ୍ତି। ଚହଲଙ୍କ କହିବା କଥା ଯେ ୨୦୧୯ ବିଶ୍ୱକପ ସେମି ଫାଇନାଲରେ ନ୍ୟୁଜିଲ୍ୟାଣ୍ଡ ଠାରୁ ହାରିବା ପରେ ବିରାଟ କୋହଲିଙ୍କ ସମେତ ଜାତୀୟ ଟିମର ପ୍ରାୟ ସବୁ ଖେଳାଳି କାନ୍ଦୁ ଥିବା ସେ ଦେଖିଛନ୍ତି। ବର୍ଷା ଭିଜା ୨୦୧୯ ସେମି ଫାଇନାଲରେ ଭାରତତ ୧୮ ରନରେ ପରାସ୍ତ ହୋଇଥିଲା। ୨୪୦ ରନର ପିଛା କରୁଥିବା ବେଳେ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସେହି ସମୟର କଥା ଏବେ ଚହଲ ଗୋଟିଏ କାର୍ଯ୍ୟକ୍ରମରେ ପୂରା ବିଶ୍ୱକୁ ଜଣାଇଛନ୍ତି।

ବିରାଟ କୋହଲି ଓ ରୋହିତ ଶର୍ମାଙ୍କ କ୍ୟାପ୍ଟେନ୍ସିରେ ଥିବା ପାର୍ଥକ୍ୟ ସମ୍ପର୍କରେ ସେ ମୁହଁ ଖୋଲିବା ସହ ଭାରତୀୟ କ୍ରିକେଟ ଟିମର ଡ୍ରେସିଂ ରୁମ ସହ ଜଡ଼ିତ କିଛି ଅକୁହା କଥା ସମ୍ପର୍କରେ ସୂଚନା ଦେଇଛନ୍ତି। ଚହଲ କହିଛନ୍ତି, ପଡ଼ିଆରେ





ରୋହିତ ଭାଇ ଯେଉଁ ଭଳି ନିଜକୁ ଚିତ୍ରଣ କରନ୍ତି ମୁଁ ତା'କୁ ବେଶ ପସନ୍ଦ କରେ। ସେ ଜଣେ ଭଲ ଅଧିନାୟକ। ବିରାଟ ଭାଇ ନିଜ ସହ ଅଲଗା ପ୍ରକାରର ଶକ୍ତି ନେଇ ଆସନ୍ତି। ପୂରା ଦିନ ସେହି ଉତ୍ସାହ ରହିଥାଏ। ଏହା ସମୟ କ୍ରମେ ବଢ଼େ ଆଦୌ ଖସେ ନାହିଁ। ସମାନ ଉତ୍ସାହ ଓ ସବୁ ଦିନ। ବିରାଟ କୋହଲି କେବେ କାନ୍ଦିବାର ଆପଣ କେବେ ଦେଖିଛନ୍ତି ବୋଲି ପ୍ରଶ୍ନରେ ଚହଲ ୨୦୧୯ର କାହାଣୀ କହିଛନ୍ତି।

ଚହଲ କହିଛନ୍ତି, ୨୦୧୯ ବିଶ୍ୱକପରେ ମୁଁ ତାଙ୍କୁ ବାଥରୁମରେ କାନ୍ଦିବାର ଦେଖିଛି। ସେହି ସମୟରେ ମୁଁ ଶେଷ ବ୍ୟାଟର ଥିଲି। ମୁଁ ଯେତେବେଳେ ତାଙ୍କୁ ଅତିକ୍ରମ କରି ବ୍ୟାଟିଂ କରିବାକୁ ଗଲି ସେତେବେଳେ ତାଙ୍କ ଆଖିରେ ଲୁହ ରହିଥିଲା। ୨୦୧୯ରେ ପ୍ରାୟ ସବୁ ଖେଳାଳି ବାଥରୁମରେ କାନ୍ଦିଥିବା ମୁଁ ଦେଖିଛି। ୨୦୧୯ ବିଶ୍ୱକପ ସେମିରେ ଚହଲ ନିଜର ପ୍ରଦର୍ଶନକୁ ନେଇ ମଧ୍ୟ ଅନୁତପ୍ତ ଥିବା କହିଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ସେମିରେ ସେ ୧୦ ଓଭରରେ ୬୩ ରନ ଦେଇ କେବଳ ଗୋଟିଏ ୱିକେଟ ପାଇଥିଲେ। ଏ ସମ୍ପର୍କରେ ଚହଲ କହିଛନ୍ତି, ସେମି ଫାଇନାଲ ମାହି ଭାଇ (ମହେନ୍ଦ୍ର ସିଂହ ଧୋନି)ଙ୍କ ଶେଷ ମ୍ୟାଚ୍ ଥିଲା। ମୁଁ ଆହୁରି ଭଲ କରି ପାରିଥାଆନ୍ତି। ମୁଁ ଏବେ ବି ସେଥିପାଇଁ ଅନୁତପ୍ତ। ମୁଁ ଆଉ ଟିକିଏ ଭଲ ବୋଲିଂ କରିପାରି ଥାଆନ୍ତି। ଆଉ ୧୦ରୁ ୧୫ ରନ କମ ଖର୍ଚ୍ଚ କରି ପାରିଥାଆନ୍ତି। କିନ୍ତୁ ବେଳେବେଳେ ସବୁ କିଛି ଏତେ ଶୀଘ୍ର ହୋଇଯାଏ ଯେ ଆପଣଙ୍କୁ ଭାବିବାକୁ ଆଦୌ ସମୟ ମିଳେ ନାହିଁ। ଯଦି ମୁଁ ଟିକିଏ ଶାନ୍ତ ରହିଥାଆନ୍ତି, ତା'ହେଲେ ଆଉ ଟିକିଏ ଭଲ ହୋଇପାରି ଥାଆନ୍ତା। ମୁଁ ମୋର ଶ୍ରେଷ୍ଠ ଦେଇଥିଲି। କିନ୍ତୁ ତା'ହା ସେମି ଫାଇନାଲ ଥିଲା।

# 'ୱାର୍ଲର୍ଡ ଆଥଲେଟିକ୍ସ ଆୟୋଜନ ଆମ ପାଇଁ ଗର୍ବର ବିଷୟ

**ଭୁବନେଶ୍ୱର,୨।୮ (ଏଜେନ୍ସି) :** ସ୍ଥାନୀୟ କଳିଙ୍ଗ ଷ୍ଟାଡ଼ିୟମଠାରେ ୱାର୍ଲର୍ଡ ଆଥଲେଟିକ୍ସ କଣ୍ଟିନେୟଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା ଆସନ୍ତା ୧୦ ତାରିଖ ଦିନ ଆୟୋଜନ ହେବ। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାର ଆୟୋଜନ ନେଇ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆୟୋଜନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି।

ଆଜିର ଏହି ପ୍ରସ୍ତୁତି ସମୀକ୍ଷାରେ ଆଥଲେଟିକ୍ସ ଫେଡ଼େରେସନ ଅଫ୍ ଇଣ୍ଡିଆ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପ୍ରଶାସନର ସହଯୋଗରେ ଯେପରି ଏହି ପ୍ରତିଯୋଗିତାକୁ ସଫଳ ରୂପେ ଆୟୋଜନ କରାଯାଇପାରିବ ସେ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରାଯାଇଥିଲା। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ କରିବା ଠାରୁ ଆରମ୍ଭ କରି ପ୍ରତିଯୋଗିତାରେ ଭାଗନେଉଥିବା ଖେଳାଳିମାନଙ୍କର ସୁରକ୍ଷିତ ରହଣି, ଆତିଥ୍ୟ ଠାରୁ



ନେଇ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଷ୍ଟାଡ଼ିୟମରେ ପ୍ରତିଯୋଗିତା ଆୟୋଜନ ହେଉଥିବା ବେଳେ ସମସ୍ତ ଖେଳାଳି, ଦର୍ଶକ ଏବଂ ଅଂଶୀଦାର ମାନଙ୍କର ସୁରକ୍ଷା ବ୍ୟବସ୍ଥା, ପୁଲିସ ଫୋର୍ସ ମୁତୟନ ଏବଂ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଆବଶ୍ୟକ ରହିଥିବା ସମସ୍ତ ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ।

କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆସନ୍ତା ୧୦ ତାରିଖ ଦିନ ୱାର୍ଲଡ଼ ଆଥଲେଟିକ୍ କଣ୍ଟିନେୟଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାର ଆୟୋଜନ କରାଯିବ। ପ୍ରତିଯୋଗିତାରେ ୧୯ଟି ଦେଶରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମୁଦାୟ ୨୦ଟି ଇଭେଣ୍ଟର ଆୟୋଜନ କରାଯିବ।

ଓଡ଼ିଶାରେ ପ୍ରଥମ ଥର ପାଇଁ 'ୱାର୍ଲର୍ଡ ଆଥଲେଟିକ୍ କଣ୍ଟିନେୟଲ ଟୁର୍'ର ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶ୍ୱ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି।

## ଦୁଲିପ ଟ୍ରଫି ପାଇଁ ପୂର୍ବା ଲ ଦଳ ଘୋଷଣା

# ସ୍ଥାନ ପାଇଲେ ଓଡ଼ିଆ ଖେଳାଳି ସନ୍ଦୀପ

**ଭୁବନେଶ୍ୱର,୨।୮ (ଏଜେନ୍ସି) :** ଦଲୀପ ଟ୍ରଫି ଅନ୍ତଃଜୋନ୍ କ୍ରିକେଟ୍ ପ୍ରତିଯୋଗିତା ପାଇଁ ଘୋଷିତ ପୂର୍ବାଞ୍ଚଳ ଦଳରେ ମାତ୍ର ଜଣେ ଓଡ଼ିଆ ଖେଳାଳିଙ୍କୁ ସୁଯୋଗ ମିଳିଛି। ଓଡ଼ିଶାର ଆଗଧାଡିର ବ୍ୟାଟର ସନ୍ଦୀପ୍ ପଟ୍ଟନାୟକ ୧୫ ଜଣିଆ ଦଳରେ ରହିଥିବା ବେଳେ ରାଜ୍ୟର ଅନ୍ୟ ଦୁଇ ଯୁବ ବ୍ୟାଟର୍ ଆଶୀର୍ବାଦ ସ୍ୱାଇଁ ଓ ସ୍ୱସ୍ତିକ୍ ସାମଲ ଷ୍ଟାଣ୍ଡବାଏ ତାଲିକାରେ ରହିଛନ୍ତି। ଘୋଷିତ ଦଳରେ ଇଶାନ କିଶନ ଅଧିନାୟକ ଓ ଅଭିମନ୍ୟୁ ଈଶ୍ୱରନ୍ ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି। ଦୁଇ ଟେଷ୍ଟ୍ ତାରକା ମହମ୍ମଦ ସାମି ଓ ଆକାଶ ଦୀପ ମଧ୍ୟ ରହିଛନ୍ତି। ୧୪ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ମଧ୍ୟ ଷ୍ଟାଣ୍ଡ୍ ବାଏ ତାଲିକାରେ ରଖାଯାଇଛି। ଏହି ପ୍ରଥମ ଶ୍ରେଣୀ କ୍ରିକେଟ୍ ପ୍ରତିଯୋଗିତା ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁର ବିସିସିଆଇ ଉତ୍କର୍ଷ କେନ୍ଦ୍ରଠାରେ ଖେଳାଯିବ। ପୂର୍ବାଞ୍ଚଳ ଏହାର ପ୍ରଥମ ମ୍ୟାଚ୍ ଅଗଷ୍ଟ ୨୮ ତାରିଖରୁ ଉତ୍ତରାଞ୍ଚଳ ବିପକ୍ଷରେ ଖେଳିବ। ଏହି ସଫଳତା ପାଇଁ ଓସିଏ ସଂପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତା ୩ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି।



# ସ୍କୁଲ୍ ଏଜ୍ ବୁଷ୍ଟର ପ୍ରତିଷେଧକ ଟୀକା ରୋଗ ପ୍ରଶମନରେ ଗୁରୁତ୍ୱପୂର୍ଣ୍ଣ

**କଟକ,୨।୮ (ଏଜେନ୍ସି) :** ପ୍ରତିଷେଧକ ଟୀକା ଯୋଗ୍ୟ ରୋଗରୁ ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ ଭାରତର ନିରନ୍ତର ପ୍ରୟାସ ମଧ୍ୟରେ, ଚିକିତ୍ସା ବିଶେଷଜ୍ଞମାନେ ସ୍କୁଲ ପ୍ରବେଶ ବୟସରେ ଡିପଥେରିଆ, ଟିଟାନସ୍, ପର୍ଟୁସିସ୍ ଏବଂ ପୋଲିଓ ବିରୁଦ୍ଧରେ ବୁଷ୍ଟର ଡୋଜ୍ ସମୟକ୍ରମେ ପ୍ରଦାନ କରିବାକୁ ଅନୁରୋଧ କରୁଛନ୍ତି। ଯଦିଓ ଶୈଶବ ସମୟରେ ପ୍ରାଥମିକ ଟୀକାକରଣ ପ୍ରାରମ୍ଭିକ ସୁରକ୍ଷାର ମୂଳଦୁଆ ଗଠନ କରେ, ସେହି ରୋଗ ପ୍ରତିରୋଧକ ଶକ୍ତି ସମୟ ସହିତ ଦୁର୍ବଳ ହୋଇଯାଏ ଏବଂ ଚାରି ରୁ ଛଅ ବର୍ଷ ବୟସ ମଧ୍ୟରେ ଏହାକୁ ସୁଦୃଢ଼ କରାଯିବା ଆବଶ୍ୟକ।

ଭାରତୀୟ ଜାତୀୟ ଟୀକାକରଣ କାର୍ଯ୍ୟକ୍ରମ (ଏନଆଇପି) ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କରେ ଯେଉଁଥିରେ ୬, ୧୦ ଏବଂ ୧୪ ସପ୍ତାହରେ ଡିଟିପି ଟୀକା ଅନ୍ତର୍ଭୁକ୍ତ। ସେହିପରି ୧୬ ରୁ ୨୪ ମାସ ମଧ୍ୟରେ ଏକ ବୁଷ୍ଟର ଆବଶ୍ୟକ। ପୋଲିଓ ଟିକା ୬ ଏବଂ ୧୪ ସପ୍ତାହ ମଧ୍ୟରେ ଅଂଶିକ ଡୋଜ୍‌ରେ ଦିଆଯାଇଥାଏ। ଅଧ୍ୟୟନ ସୂଚିତ କରେ ଯେ, ଚାରି ବର୍ଷ ବୟସ ସୁଦ୍ଧା ଆଂଟିବଡି ସ୍ତର ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଥାଏ। ବିଶେଷକରି ଯେତେବେଳେ ପିଲାମାନେ ସ୍କୁଲ ପରିବେଶ ମଧ୍ୟରେ ବଡ଼ ସମକକ୍ଷ ଗୋଷ୍ଠୀରେ ସାମିଲ ହେବା ଆରମ୍ଭ କରିଥନ୍ତି। ଓଡ଼ିଶାର ଅନୁଗୁଳର ଡିଭାଇନ୍ କିଡ୍‌ଜ ପେଡିଆଟ୍ରିକ୍ କ୍ଲିନିକର ଡାକ୍ତର କୃଷ୍ଣ ପ୍ରସାଦ ବେହେରା କୁହନ୍ତି, ଯେତେବେଳେ ପିଲାମାନେ ସ୍କୁଲ ଯିବା ଆରମ୍ଭ କରନ୍ତି, ସେମାନଙ୍କର ସାମାଜିକ ପରିବେଶ ଦ୍ରୁତ ଗତିରେ ପରିବର୍ତ୍ତନ ହୋଇଥାଏ। ସେୟାର ଖେଳଣାଠାରୁ ଆରମ୍ଭ କରି ଭିଡ଼ ଶ୍ରେଣୀଗୃହ ପର୍ଯ୍ୟନ୍ତ, ସଂସ୍ପର୍ଶର ସମ୍ଭାବନା ଯଥେଷ୍ଟ ବୃଦ୍ଧି ପାଏ। ଠିକ୍ ଏହି ସମୟରେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ସମଯୋଚିତ ଭାବେ ବୃଦ୍ଧି କରିବାର ଆବଶ୍ୟକ ହୋଇଥାଏ। ଆମେ ପ୍ରାୟତଃ ସ୍କୁଲ ପ୍ରସ୍ତୁତି ଭଳି ଦୃଶ୍ୟମାନ ମାଇଲଖୁଂଟ ଉପରେ ଗୁରୁତ୍ୱାରୋପ କରୁଛୁ କିନ୍ତୁ ସ୍ୱାସ୍ଥ୍ୟ ମାଇଲଖୁଂଟ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ୪ ରୁ ୬ ବର୍ଷ ବୟସରେ ଏକ ବୁଷ୍ଟର ଡୋଜ୍ ପିଲାମାନଙ୍କୁ ପ୍ରାରମ୍ଭିକ ଟୀକାରୁ ଦୃଢ଼ ସୁରକ୍ଷା ପ୍ରଦାନ କରିବାକୁ ନିଶ୍ଚିତ କରେ, ଯାହା ସେମାନଙ୍କୁ ଆତ୍ମବିଶ୍ୱାସର ସହିତ ବୃଦ୍ଧି, ଶିଖିବା ଏବଂ ନିୟୋଜିତ କରିବାକୁ ଅନୁମତି ଦେଇଥାଏ।

# ସାମସଙ୍ଗ ଏବଂ ଷ୍ଟାଟ୍‌ଅପ୍ ଇଣ୍ଡିଆ ମିଳିତ ବୁଝାମଣାପତ୍ର

**ଭୁବନେଶ୍ୱର,୨।୮ (ଏଜେନ୍ସି) :** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଷ୍ଟାଟ ଅପ ଇଣ୍ଡିଆ ସହିତ ଏକ ରଣକୌଶଳକାରୀ ବୁଝାମଣା ପତ୍ର (ଏମଓୟୁ)ରେ ଦସ୍ତଖତ କରିଛି, ଯାହାକି ଭାରତ ସରକାରଙ୍କର ଏକ ଫ୍ଲାଗସିପ୍ ପଦକ୍ଷେପ ଯାହାକି ଭାରତର ଉପାନ୍ତ ଅଂଚଳରେବସବାସକରୁଥିବା ଯୁବ ନବପ୍ରବର୍ତ୍ତକଙ୍କୁ ସଶକ୍ତ କରିବା ସହିତ ସାମସଙ୍ଗ ସଲଫ ଫର ଟୁମରୋ ସହିତ ଦେଶର ଷ୍ଟାଟ ଅପ ଇକୋ- ପ୍ରଣାଳୀକୁ ମଜବୁତ କରିପାରିବ।

ନୂଆଦିଲ୍ଲୀରେ ଏହି ବୁଝାମଣା ପତ୍ରରେ ଦସ୍ତଖତ ହୋଇଥିବା ବେଳେ ଏହା ମିଳିତ ଭାବରେ ସାମସଙ୍ଗର ଫ୍ଲାଗସିପ ନବପ୍ରବର୍ତ୍ତକଙ୍କ ପ୍ରତିଯୋଗୀତା, ସାମସଙ୍ଗ ସଲଭ ଫର ଟୁମରୋ, ଷ୍ଟାଟ ଅପ ଇଣ୍ଡିଆର ବିରାଟକାୟ ଜାତୀୟ ଇକୋ ପ୍ରଣାଳୀ ଇନକ୍ୟୁବେସନ, ମେଂଟରସିପ ଏବଂ ନୀତି ନିର୍ଦ୍ଧାରଣ ସମର୍ଥନକୁ ଉପସ୍ଥାପିତ କରିପାରିବ। ଏହି ସହଭାଗୀତାର ଲକ୍ଷ୍ୟ ସେହି ଅନ୍ତର୍ନିହିତ ଉଚ୍ଚ ଦକ୍ଷତାକୁ ପରିଚୟ ତଥା ଏହାକୁ ପ୍ରତିପାଳିତ କରିବା, ବିଶେଷ ଭାବରେ ଦୁଇସ୍ତରୀୟ ଏବଂ ତିନିସ୍ତରୀୟ ସହର ମାନଙ୍କ ମଧ୍ୟରେ, ଏହାର ଭିତିଭୂମିକୁ ସୁଯୋଗ ପ୍ରଦାନ କରିବା, ବିଶେଷଜ୍ଞ ମାର୍ଗ ଦର୍ଶନ, ବଜାର ସଂଯୋଗୀକରଣ ତଥା ପାଣ୍ଠିର ସୁଯୋଗ ଇତ୍ୟାଦି।

"ସାମସଙ୍ଗରେ ଯେତେବେଳେ ଯୁବ ମସ୍ତିଷ୍କ ସଠିକ୍ ମଂଚ ତଥା ସହାୟତା ପ୍ରଣାଳୀ ମାଧ୍ୟମରେ ଆମେ ନବୀନତାର ଉନ୍ନତିକୁ ବିଶ୍ୱାସ କରିଥାଉ ସଶକ୍ତ ହୋଇଥାଆନ୍ତି। ଷ୍ଟାଟ ଅପ ଇଣ୍ଡିଆ ସହିତ ଆମର ସହଭାଗୀତା ସେ ଦିଗରେ ଏକ ମହତପୂର୍ଣ୍ଣ ପଦକ୍ଷେପ। ସାମସଙ୍ଗ ସଲଭ ଫର ଟୁମରୋ ଦୂରଦୃଷ୍ଟିତା ତଥା ଷ୍ଟାଟ ଅପ ଇଣ୍ଡିଆର ବର୍ଦ୍ଧିତ ଇକୋ-ପ୍ରଣାଳୀ ଏବଂ ନେଟୱାର୍କକୁ ଏକତ୍ର ଆଣି-ଆମର ଲକ୍ଷ୍ୟ ହେଉଛି ଭାରତର ସେହି ଉପାନ୍ତ କୋଣରେ ରହିଥିବା ପରବର୍ତ୍ତୀ ପିଢ଼ୀର ଚିନ୍ତାନାୟକ ମାନଙ୍କୁ ପ୍ରତିପୋଷଣ କରିବା ସହିତ ସେମାନଙ୍କୁ ଆସନ୍ତାକାଲିର ସମସ୍ୟା ସମାଧାନକାରୀ ଭାବରେ ପ୍ରତିଷ୍ଠା କରାଇବା। ଏହି ସହଭାଗୀତା ସ୍କିଲ ଇଣ୍ଡିଆ ଏବଂ ଡ଼ିଜିଟାଲ ଇଣ୍ଡିଆ ପଦକ୍ଷେପ ଗୁଡ଼ିକ ସହିତ ମିଳିତ ହୋଇ ଯାହାର ଲକ୍ଷ୍ୟ ଦେଶର ନବୀକରଣୀୟ ଇକୋ-ପ୍ରଣାଳୀକୁ ଆହୁରି ମଜବୁତ କରିବା" ମତବ୍ୟକ୍ତ କରି କହିଛନ୍ତି, ଏସପି ଚୁନ, କର୍ପୋରେଟ ଉପ-ସଭାପତି, ସାମସଙ୍ଗ ସାଉଥଓ୍ୱେଷ୍ଟଏସିଆ।

"ଅଭିବୃଦ୍ଧି, ନୂତନ ସମ୍ଭାବନାକୁ ଖୋଲି ବାହାର କରିବା ହେଉଛି ସେହି ନବୀନତମତାର ମୂଳ ମନ୍ତ୍ର, ଯାହାକି ଅଗ୍ରଗତିର ପ୍ରେରକ ହେବା ସହିତ ସେହି ସମାଧାନକୁ ସକ୍ଷମ କରାଇଥାଏ ଯାହାକି ଏକ ସୁନ୍ଦର ଭବିଷ୍ୟତକୁ ରୂପ ଦେଇଥାଏ ଏବଂ ଯୁବ ନବପ୍ରବର୍ତକ ମାନଙ୍କୁ ସଶକ୍ତ କରିଥାଏ ଯାହାକି ଭାରତର ନବବୃଦ୍ଧି କାହାଣୀର ଏକ କେନ୍ଦ୍ରବିନ୍ଦୁ। ଷ୍ଟାଟ ଅପ ଇଣ୍ଡିଆ ଏବଂ ସାମସଙ୍ଗ ସଲଭ ଫର ଟୁମରୋ ମଧ୍ୟରେ ରହିଥିବା ସହଭାଗୀତା ଜରିଆରେ ଆମେ ଆମର ବଚନ ବଦ୍ଧତାକୁ ଏକ ସଂଯୁକ୍ତିକରଣ ନବୀକରଣ ପରିଚାଳିତ ଇକୋ-ପ୍ରଣାଳୀକୁ ପ୍ରତିଷ୍ଠା କରିବା ଦିଗରେ ଦୃଢ଼ କରିପାରିଛୁ। ଏହି ସହଭାଗୀତା କେବଳ ଦୁଇସ୍ତରୀୟ ଏବଂ ତିନିସ୍ତରୀୟ ସହର ମାନଙ୍କରେ ରହିଥିବା ଯୁବବର୍ଗଙ୍କୁ ଉତ୍ସାହିତ କରିବା ନୁହେଁ ଏହା ଆତ୍ମନିର୍ଭର ଭାରତର ଦୂରଦୃଷ୍ଟିତାକୁ ଏଥିସହିତ ଅତି ନିକଟତର କରିବା ପାଇଁ ସବୁ ପ୍ରକାର କାର୍ଯ୍ୟକୁ ହାତକୁ ନେଇପାରିଛି। ସମଗ୍ର ଭାରତରେ ସାମସଙ୍ଗର ଏଭଳି ଔଦ୍ୟୋଗୀକ ଉଦ୍ୟମକୁ ପ୍ରତିପାଳିତ କରିବା ଦିଗରେ ରହିଥିବା ସମସ୍ତ ପଦକ୍ଷେପକୁ ଦେଖି ଆମେ ଅତ୍ୟନ୍ତ ଖୁସି ଅନୁଭବ କରୁଛୁ" ମତବ୍ୟକ୍ତ କରି କହିଛନ୍ତି, ସଞ୍ଜୀବ, ମିଳିତ ସଚିବ, ପ୍ରମୋଶନ ଅଫ ଇଣ୍ଡଷ୍ଟ୍ରି ଆଣ୍ଡ ଇଂଟରନାଲ ଟ୍ରେଡ଼ (ଡ଼ିପିଆଇଆଇଟି), ଭାରତ ସରକାର।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ